# ଉମିଷରଂ

18.1
17 JUL 1959

ସୁଧାକର

# ଭୁଲିନାହିଁ

★

ସୁଧୀରଞ୍ଜନ

ନଂ ୧୫୧
ତା 17 JUL 1959
ରାଉରକେଲା

— ପ୍ରକାଶକ —
ସୁଚିତ୍ରା ପ୍ରକାଶନୀ
କଟକ-୧

ପ୍ରଥମ ସଂସ୍କରଣ
୧୯୫୮

ପ୍ରକାଶକ ଓ ପ୍ରାପ୍ତିସ୍ଥାନ
**ସୁଭଦ୍ରା ପ୍ରକାଶନୀ**
ରେଭ. ବି. ଦାସ ରୋଡ଼,
କଟକ—୧

ୱେନ୍‌ଗରସ୍ ହଷ୍ଟେଲ
କାଲ୍‌ଫର୍ଣ୍ଣିଆ—ଏନ୍. ୱାଇ

ସ୍ନେହ—

ଏ ତମ ମୋ କଥା—ଆମ କଥାରେ ଯଦି ଆଉ କାହାର ଦୁଃଖ ମୋଚନ ହୁଏ, ତାହା ହେଲେ ତା'ଠାରୁ ବଳି ସୌଭାଗ୍ୟ ଆଉ କଅଣ ହୋଇ ପାରେ ?

ତେଣୁ ନିଜ କଥା ହେଲେ ବି ପ୍ରକାଶ କରିବାକୁ ଉଠାଇଲି,—ଆମ ଦେଶର ଶତ ଶତ ଉନ୍ମେଷ ଯୌବନା ହତଭାଗିନୀମାନଙ୍କ ପାଇଁ । ଇଏ ତାଙ୍କର ଭିତରୁ ମାତ୍ର ଜଣଙ୍କ କାହାଣୀ—ତେଣୁ ଯାକୁ ଅର୍ପଣ କରୁଅଛି ସେଇମାନଙ୍କ ହାତରେ—

ତମର
**ସୁଧୀରଞ୍ଜନ**

ଶ୍ରୀ ଦୁର୍ଗା

ଜଗନ୍ନାଥବଲ୍ଲଭ
କଟକ-୧
୯ ଅକ୍ଟୋବର ୫୮

**ବାବା ରଞ୍ଜନ,**

ଆଶୀର୍ବାଦ ଗ୍ରହଣ ମୋର ?

ଗୋଟେ କଥା ମନେପଡୁଛି ଆଜ--ସେ ବହୁତ ଦିନ ତଳରକଥା । ତୁମେ ଲେଖିଚ—ମୁଁ ଓଡ଼ିଶାରେ ଆଧୁନିକ ରଙ୍ଗମଞ୍ଚର ଜନ୍ମଦାତା ! ଅଭିନେତା, ଅଭିନେତ୍ରୀ ମୁଁ ଯୋଗାଡ଼ିଲି । କିଏ ଛେଲି ଜଗୁଥିଲା, କିଏ ମୋଟର କ୍ଲିନର ଥିଲା, କିଏ କୋବା ବାଡ଼ଉଥିଲା, ଏମିତି ଟିକିଟେ କଅଣ—ପୁଣି, କିଏ ପଚ୍ଚ ସଢ଼ା ନର୍ଦ୍ଦମା ଭିତରେ ନିତି ଶହେ ଥର ବଇଣା ବଦର ଝାଡୁଥିଲା, କିଏ ଅଭିଆଡ଼ୀ ଥାଇଁ 'ମାଆ' ଡାକ ଶୁଣିଥିଲା—କିଏ ବା ବାରନାରୀର ପଣ୍ୟ-ବାଳିକା ଥିଲା—ବହୁତ ଏଇଭଳି—ଏ ସବୁଙ୍କୁ ନେଇ, ମାଟି ଦଳି ପିତୁଳା ଗଢ଼ିଛି ମୁଁ । କେହି ସ୍ୱୀକାର କରୁ ନକରୁ—ଆଜ, କିନ୍ତୁ ରଙ୍ଗମଞ୍ଚର ଇତିହାସ ଦିନେ ଏ କଥା ମାନିବାକୁ ବାଧ ଯେ କଳାକାର ଗଢ଼ାଯିବାର ମୋର ଥିଲା । ଗୋଟାଏ କାରଖାନା । ...ବହୁତ କିଛି ତ ଲେଖିଚ । ତୁମେ ବ ଦିନେ ଆସିଥିଲ କିଛିକାଳ, ସେଇ କାରଖାନାକୁ । କଅଣ ଶିଖିଚ—କଅଣ ନ ଶିଖିଚ—ସେ କଥା ତୁମ ମନ ଜାଣେ । କିନ୍ତୁ ମୁଁ ତ ଆଶୀର୍ବାଦ କରି ତମକୁ ଗ୍ରହଣ କରିଥିଲି—ସେ ଆଶୀର୍ବାଦ କଅଣ ଫେର ନେଇ ପାରିବ ? ପୁଣି ଗ୍ରହଣ କଅଣ ? ତୁମେ ଅଭିନେତା, ଅଭିନେତ୍ରୀ ଜୀବନ କଥା ଲେଖିଚ—ମୁଁ ବହୁତ ଅଭିନେତ୍ରୀ ଗଢ଼ିଛି, ସତ । ତାଙ୍କ ଜୀବନ ଭିତରେ, ମନର ଓଡ଼ଣା

ଥିଲେ, ଗୋଟାଏ ଅତୃପ୍ତ ବାସନା ନାଥ—ସବୁବେଳେ ମୁହଁ ଛପା ଦେଇଥାଏ — ହୁଏତ ଲଜରେ, ହୁଏତ ଡରରେ, ହୁଏତ ବାଧା ବନ୍ଧନ ପାଇ କିମ୍ବା ସୁବିଧା ସୁଯୋଗ ନଥାଇ ।

କଳା, କଳାକାରର କାଳ । ତେଣୁ ତାକୁ ଅନେକ ସମୟରେ ସମାଜର ଦଂଶନ ସହିବାକୁ ପଡ଼େ । ଏ ଦଂଶନ ସହି ନ ଗଲେ କଳାକାରର ସାଧନା ହୁଏ ବ୍ୟର୍ଥ । ଅସଲ କଥାଟା ନ ବୁଝି, ନ ଦେଖି ଅନେକ ସମୟରେ ନୀଚ ସ୍ୱାର୍ଥ ଘେନି ଇର୍ଷାପର ଲୋକେ ବହୁ କୁତ୍ସା ରଚନା କରନ୍ତି; (କରିଥିବା ଓ କରୁଥିବାର ତ ତୁମେ ଦେଖୁଥିବ, ଜାଣୁଥିବ, ବା ଅଙ୍ଗେ ଲଭୁଥିବ)—କରନ୍ତୁ । କିନ୍ତୁ ଉପରେ ଜଣେ ସବୁ ଦେଖେ—ଦେଖୁଛି—ଦେଖିବ—ଏଇ ଭରସା, ଏଇ ବିଶ୍ୱାସ ରଖି, ସେଭଳି ନୀଚ, ଘୃଣ୍ୟ, ତୁଚ୍ଛ, ଇର୍ଷାପରଙ୍କ ମୁଣ୍ଡରେ ପାଦ ଦେଇ ଆଗେଇ ଚାଲିବାଟା କଳାକାରର ଧର୍ମ ଓ ଗୌରବ । କୁତ୍ସାକାରୀଙ୍କର ଅନୁତାପର ଦିନ, ଦିନେ ଆସିବ—ଏଇ ଭରସା ଥାଉ ।

ରଞ୍ଜନ, ଅଭିନେତୀ ଜୀବନଟା ବଡ଼ ବିଚିତ୍ର ! ମନ—ମୁହଁ, ଅନୁଭୂତି—ଅଭିନୟ, ହୃଦୟ-ଦହନ ଆଉ ଉଦର-ଜ୍ୱାଳା—ଏଇ ନେଇ ଅହୋରାତ୍ର ସଂଘର୍ଷର ସେ ଗୋଟାଏ—ବିସ୍ତୃତ ଲୀଳାଭୂମି । ମୁଁ ଭଲକରି ମିଳାମିଶି ସେମାନଙ୍କୁ ଦେଖିଚି । ନାଟ୍ୟକାର ଓ ନିର୍ଦ୍ଦେଶକ ହିସାବରେ ଚରିତ୍ର ପାଠ ଯେ କେତେ ଅବଶ୍ୟକ—ଏ କଥା ତ ସାଧାରଣ ଲୋକ ବୁଝନ୍ତି ନାହିଁ । ତାଙ୍କର ସନ୍ଦେହ ଚକ୍ଷୁ ସବୁବେଳେ ମଧୁ-ରାତି ହିଁ ଦେଖେ । ସେଇଠୁ ଆସେ ଇର୍ଷା—ତା'ପରେ କୁତ୍ସାବାଦ···ଇତ୍ୟାଦି, ଇତ୍ୟାଦି । ଏଇଟା କିନ୍ତୁ କଳାକାରଙ୍କର ଉପହାର କୁସୁମାଞ୍ଜଳି ।

'ସ୍ନେହ' ତା' ଜୀବନର ନିଚ୍ଛକ ସତ କଥା କହୁଛି । ପେଟ, ମନ, ଦେହ—ଏ ସବୁର ଖାଦ୍ୟ ତ ସ୍ନେହ । ତା ନ ହେଲେ ପାଖ-ପର୍ବତ କପିଳାସ ନ ଦେଖି, ଗୁଳ ତଳେ କାହିଁକି ? ଅଭିନୟ ଅନେକ ସମୟରେ ଦେହ ଲିପିଆ ହୋଇ ମନ ଉପରେ ଅଦ୍ଭୁତ ଛାପ ମାରିଦିଏ । ମଞ୍ଚର ନାୟକ-ନାୟିକାର ଆବେଦନ-ନିବେଦନ, ବିରହ-ମିଳନ ଇତ୍ୟାଦି ଇତ୍ୟାଦି ଭିତରେ ଦିନେ ସତ ଫଳେ । ହୁଏତ ଦୁଇ ବା ଏକ ଜୀବନ ଏକ ଦୁର୍ବଳ ମୁହୂର୍ତ୍ତରେ । ସ୍ୱପ୍ନ ଝୁଣି ଦିନେ ଭାଙ୍ଗେ, ସେତେବେଳକୁ ନାୟିକା ହୋଇଥାଏ 'ମା' । କିନ୍ତୁ ନାୟକ··· ? । ସେ ପ୍ରଜାପତିର ପକ୍ଷ ନେଇ, ଆଉ କେଉଁ ବଗିଚାରେ······ଏସବୁ ଦେଖି ଦେଖି ବାଳ ପାଚେଇଲି ।

ରଞ୍ଜନ, ତୁମେ ମୋ ଆଗରେ ପିଲା । ସାନ ଭାଇ ବି ନୁହ—ପୁଅ, ପୁତୁରା । ମୁଁ ଲେଖାର ଭାଷା ସାହିତ୍ୟକୁ ଦେଖୁ ନାହିଁ, ଦେଖୁଛି ଲେଖାରେ ଅକପଟ ପ୍ରାଣ-ପ୍ରକାଶ ।

ଭମ ଚଟି, ସ୍ନେହ ଚଟି-ଏକ ନିଃଶ୍ୱାସରେ ପଢିଗଲି । କିନ୍ତୁ ମନେ କରିବ ନାହିଁ ରଞ୍ଜନ ! ୧୯୫୦ ସାଲ ପୂର୍ବର ମୋର ମଞ୍ଚ ଅନୁଭୂତି କେମିତି ଆଖି ଆଗରେ ସତରେ ଫୁଟି ଉଠିଲା ! ଗୋଟିକ ପଛରେ ଗୋଟିଏ 'ଶ୍ରୀ' ଓ 'ଶ୍ରୀମତୀ' ମୋତେ ଦେଖା ଦେଲେ ଏକ ଭଙ୍ଗା ଗୁଳିଆ ମଞ୍ଚ ତଳେ । ଦୁଃଖ ଲାଗେ, ଏଇ ଅଭିନେତ୍ରୀ ମାନଙ୍କ ଲାଗି । ଏବେ ବି ମୋ ଆଖି ଆଗେ, ସେ ଦିନର ଏକ ଯୌବନ ଗରବିଣୀ ଅଭିନେତ୍ରୀ 'ଭମ' ର ମାଆ ଡାକ ଶୁଣୁଛନ୍ତି । କିନ୍ତୁ ଲେଞ୍ଜ ଗୁଡ଼ କହୁଣୀ କି ବହି ଗଲାଣି'—ଉପାୟ କଅଣ ଆଉ ?

ଦେହ ଦିଶେ, ମନ ଦିଶେ ନାହିଁ । ସ୍ନେହ ବଞ୍ଚିବାରେ ବା ପେଟର ତାଡ଼ନାରେ, ରଞ୍ଜନ ହେବା ଜମା ଷ ନୁହେ । 'ସ୍ନେହ' ସତ

କହୁଚି—ଚରିତ୍ରହୀନତା ସହଜାତ ନୁହେଁ-ବାଣ୍ଟିବାଠାରୁ ସହିବାଣ୍ଠା ଶିଖିନ୍ତି ନାହିଁ। ତା ନୋହିଲେ ତ ମଧୁ ମାସର ପହିଲି ପରଶ ବେଳୁ ସେ ବୁକୁ ମୁକୁଳା ରଖି ଥାଆନ୍ତା। ତା' ହୁଏ ନା। ଅଭିନେତ୍ରୀ ବୋଲି ସଭିଏଁ ସମାନ ଧାତୁର ନୁହନ୍ତି। ଅବଶ୍ୟ ସମାଜ, ପରିବେଶ—ଏ ସମସ୍ତଙ୍କୁ ନାକ ଟେକେ। କିନ୍ତୁ 'ଇଡ଼ ଗଲା ପାଣି ତୋଳି ଧରନ୍ତି କେଇ ଜଣ ?' ସମାଜ ଆବରଣ ତଳେ ଯାହା ବରଣ କରିବାକୁ ପସନ୍ଦ କରେ—ସେଇଠା ତୁମ ଜୀବନରେ ଖୋଲି ଖୋଲି ଅଭିନୀତ ହେବ। ଯେ ଯେଉଁ କଥାକୁ ଯେତିକି ଘୃଣନ୍ତି, ତାଙ୍କର ସେ କଥାରେ ସେତିକି ବେଶି ଅନୁଭୂତ ଅଛି ବୋଲି ଅନ୍ତତଃ ମୋର ବିଶ୍ୱାସ।

ବଡ଼ ବେଶି ହୋଇଗଲା ଚିଠି। ତୁମେ ତ ପୂଜା ବେଳକୁ ଆସୁଚ। ତୁମ ଚିଠି, ସ୍ନେହର ଚିଠି ସେତେବେଳକୁ ହୁଏତ ଲୋକ ଚକ୍ଷୁରେ ପଡ଼ିଥିବ। କିଏ ମନେ ମନେ ଗ୍ରହଣ କରିବେ, କିଏ ବା ମନ ଭିତରେ ଥିଲେ ବି ସମାଜ, ପାରିପାର୍ଶ୍ୱିକ ଅବସ୍ଥା ବା ଅନ୍ୟ କିଛିର ଦାୟରେ ଚିଠି ଗୁଡ଼ିକୁ ନାକ ଟେକିବେ—ଲୋକ ଦେଖାଣିଆଁ ମହତ ପାଇଁ। କିନ୍ତୁ ତାଙ୍କର ତକିଆ ତଳେ ସାଇତା ଥିବ ଏ ଚିଠି ଗୁଡ଼ିକ ହୁଏତ।

ମୋ ଦୃଷ୍ଟିରେ ଦେହ ଆଉ ମନ—ଏ ଅଲଗା ଅଲଗା କଥା। ପାଣିରେ ପୋଛି ହୋଇ ଯାଏ ଦେହ—ଆଉ ମନ ?—ଅଳଭା, ଅପୋଛା ପରା ସେ ? ତୁମେ ସେଇ ମନକୁ ଦେଖ, ଦେହ ତ ଅତି ଛାର କଥା। ଶୁଣି ନାଁ, ଆମ ବଡ଼ବଡ଼ିଆ କହନ୍ତି:—

"ଢଳି ଗଲା ବଳ, ଭଲି ଗଲା ମନ ଲେଉଟି ଆସେ କି ଆଉ ?"

ଦେହ ମଶାଣିରେ ମଡ଼ା—ମନ ଅମର ଦେବତା ।

ପୁଣି ଥରେ କହୁଚି—ତୁମେ ମୋର ଆଶୀର୍ବାଦ ଗ୍ରହଣ କର ।
ତୁମେ ତ, ଦେଖୁଚି ବଡ଼ ସ୍ୱାର୍ଥପର ହୋଇ ରହିଲ ! ପିଲାଝିଲଙ୍କୁ ସମ୍ପତ୍ତି
ବାଣ୍ଟି କରି ଦେବାଟା ପିତା ଧର୍ମ ! ତେଣୁ ମୋର 'ଦଆ'ଟା ବାକି
ରହିଲା—

ଆଶୀର୍ବାଦ ଦେବି ଦିହେଁ, ତମକୁ ଆଉ ସ୍ନେହକୁ—ଦୁଇ
ହାତରେ—ଏକାଠି—ଏକାବେଳେ । ସୁଖୀ ହୁଅ ।

ତମର
ଚିର ମଙ୍ଗଳାକାଂକ୍ଷୀ
—କାଳୀଚରଣ—

## ସୁଧୀର ବାବୁ !

ଆପଣଙ୍କୁ ଏପରି ସମ୍ବୋଧନ କରିବାର ଅଧିକାର ମୋର ଅଛି କି ନା ତା ଜାଣେନା—ତଥାପି ଚିଠିଖଣ୍ଡି ଲେଖୁଛି, ଆଗ ପଛ କିଛି ନ ବିଚାରି । ଆପଣଙ୍କର ଚିଠିରେ ଯେଉଁ ସବୁ କଥା ଆପଣ ଲେଖିଛନ୍ତି, ସେ ସବୁର ଜବାବ ଦେବାର ସାହସ ମୋର ହୁଏ ତ ନାହିଁ ବୋଲି ଆପଣ ଭାବୁଥିବେ—କିନ୍ତୁ ମୁଁ ଏବେ ଭାବୁଛି ଯେ ସେସବୁ ଆପଣଙ୍କୁ ଆଉ ଲେଖି ଲାଭ କ'ଣ ? "ଅଭିନେତ୍ରୀର ଜୀବନ ଅଭିନୟରେ ଗଢ଼ା—ତାର ରକ୍ତ ମଜ୍ଜାରେ କେବଳ ଅଭିନୟ ଛଡ଼ା ଯେମିତି ଆଉ କିଛି ନାହିଁ"—ଏହାହିଁ ଆପଣଙ୍କ କଥା ନା ? କିନ୍ତୁ ମୁଁ କହିବି ଅଭିନୟ କେବଳ ମୋର ବର୍ତ୍ତମାନ ଜୀବନଧାରଣର ଗୋଟିଏ ପନ୍ଥା ମାତ୍ର ହୋଇପାରେ ସତ—ମୋ ପ୍ରାଣରେ ସରସତା ଯେ ନାହିଁ ବା ନ ଥିଲା, ଏ କଥା ଆପଣ ଜାଣି ପାରିଲେ କିମିତି ? [illegible]ମାନ କେଇଟା ଦିନର ପରିଚୟ— ତା' ପୁଣି ଅତି ଅପ୍ରତ୍ୟାଶିତ ଭାବରେ । [illegible] ଆପଣଙ୍କ ଭଳି ଲୋକ ପାଖରେ ମୋର ଯେ କାହିଁକି ଏପରି

ଦୁର୍ବଳତା ପ୍ରକାଶ ପାଇଲା, ତା ଏବେ ମଧ୍ୟ ମୁଁ ଠିକ୍ କରି ପାରୁ ନାହିଁ—ଆପଣଙ୍କର ହୁଏ ତ ମନେ ନ ଥାଇପାରେ; କିନ୍ତୁ ମୋର ଠିକ ମନେ ଅଛି—ସେ ଦିନ ସନ୍ଧ୍ୟାବେଳେ ଆପଣଙ୍କୁ ଅତି ସଂଗୋପନରେ ପାଇ ମୋର ଭବିଷ୍ୟତ କଳ୍ପନାର କେଇଟି କଥା କହି ପକାଇଥିଲି—ଆପଣ ମଧ୍ୟ ଦରଦୀ ବନ୍ଧୁ ଭଳି ଅନେକ କିଛି କରିବାର ଆଶା ଦେଇଥିଲେ । ଏବେ ମଧ୍ୟ ସେ ଆଶା ମୋର ଛୁଟି ନାହିଁ—କେବଳ ସେଇ ଆଶାର ପାଥେୟ ନେଇ ମୁଁ ସେଦିନ ଫେରିଲି । ଯାଯାବର ଜୀବନ ମୋର, ଆଜି ଏଠି ତ କାଲି ସେଠି, ତା ଭିତରେ ପୁଣି କର୍ତ୍ତବ୍ୟର ତାଡ଼ନା । ସାଧାରଣ ଜୀବନଧାରଣର ବ୍ୟର୍ଥ ପ୍ରୟାସ—ମୋର ଶେଷ ଚିଠି ଖଣ୍ଡିକରେ ମୁଁ ପ୍ରାୟ ସବୁକଥା ଲେଖିଛି—ଦୟା କରି ଆଉ ଥରେ ପଢିବେ । ତା ପରେ ବିଚାରିବେ ମୋର ଭୁଲ କେଉଁଠି ।

ଆପଣ ଭାବୁଥିବେ, ରଙ୍ଗମଞ୍ଚର ପଟ୍ଟପରିବର୍ତ୍ତନ ସହିତ ଅଭିନେତ୍ରୀ ଜୀବନର କେଇଟା ମୁହୂର୍ତ୍ତର ପରିବର୍ତ୍ତନ ଘଟେ । କଥାଟି ପ୍ରାୟ କେତେକାଂଶରେ ଠିକ୍ । କାରଣ ନାଟଦନାଅ ଗୋଟାଏ 'ଚେଷ୍ଟା ହୋଇଯାଉଛି ବୋଲି ଆଲୁଅ ଲିଭିବା ମାନେ ପ୍ରଥମ ଦୃଶ୍ୟର ସବୁ ଆଲୋଡ଼ନର ପରିସମାପ୍ତି--ପୁଣି ଦ୍ୱିତୀୟ ଦୃଶ୍ୟର ଆରମ୍ଭ । ଏମିତି ଦୃଶ୍ୟ ପରେ ଦୃଶ୍ୟର ଶେଷ ଓ ସବୁ ଶେଷରେ ମଞ୍ଚରେ ଘୋଟିଆସେ ଚିର ଅନ୍ଧାର--ପୁଣି ଆସନ୍ତାକାଲି ସନ୍ଧ୍ୟାର ସ୍ୱାଗତ ପାଇଁ ।

ଜୀବନକୁ ବିଶ୍ଳେଷଣ କରି ଦେଖିଲି--ଠିକ୍ ସେମିତି । ମୋର ଜୀବନ-ନାଟକରେ ଦୃଶ୍ୟ ପରେ ଦୃଶ୍ୟ ଆସିଛି ଓ ଯାଇଛି, ତା'ର ଭିତରେ ଆପଣଙ୍କ ସହିତ ସାକ୍ଷାତ ମଧ୍ୟ ଗୋଟିଏ ଅଭିଘାତ । ସେଇଟା ହୁଏତ ମୋର ଜୀବନ ନାଟକର ଶେଷ ଦୃଶ୍ୟ ନ ହୋଇପାରେ । କିନ୍ତୁ

ାଠକର ଗୋଟିଏ ଦୃଷ୍ଟାନ୍ତ ଦୃଶ୍ୟ ଭଳି ସେ ଗୋଟିଏ ଅବିସ୍ମରଣୀୟ ାଧ୍ୟାୟ ।

ସେଦିନ ରାତିରେ ଆପଣ ଯେ କାହାର ଅତିଥି ହୋଇଥିଲେ ଁ ଜାଣେନା, କିନ୍ତୁ ଆପଣଙ୍କର ମନେଥିବ ରାତି ଅଧବେଳକୁ ପ୍ରବଳ ଢ଼ତୋଫାନ ସେଇ ସେଦିନ ଆସିଥିଲା ବର୍ଷା—ମୋର ହଠାତ୍ ନେହେଲା ଆପଣ ଶୀତରେ ଥରି ଉଠୁଥିବେ—ସେପରେ ପଢ଼ିରହୁ ନେଇ ଭାବିଲି—ଭାବିଲି ମୋ ପାଇଁ ଯେ ସୁନ୍ଦର ସନ୍ଧ୍ୟାର ଚନ୍ଦ୍ରିକା ଲେ ଏତେ ଦରଦ ଦେଖାଇ ପାରିଥିଲେ, ତାଙ୍କପାଇଁ କଅଣ ମୁଁ ଏଇ ଏତିକି କରିପାରିବି ନାହିଁ ? ନିଜର ବୋଲି ତ ମୋର କିଛି ାହିଁ—ତଥାପି ତୁଙ୍କୁ ମୋର ଯୋଉ ବିଛଣାଚଦରଟି ନେଇ ାପଣଙ୍କୁ ଘୋଡ଼ାଇଦେଇ ଆସିବି ବୋଲି ବସୁରିଲି—ପୁଣି ମନେ ହେଲା ଏପରି ଅଧିକାର କଅଣ ମୋର ଅଛି ? ସେତେବେଳକୁ ଝଡ଼ଟା ାହୁରି ବଢି ଉଠିଥିଲା । ବାହାରେ ତ ଥିଲା—ତା ଛଡ଼ା ଭିତରେ ବି ! ସେତେବେଳେ ମନଖୋଲି ଆପଣଙ୍କୁ ଦେଖାଇ ଦିବାପାଇଁ ମୋର ସମ୍ବଳ ନ ଥିଲା । କିନ୍ତୁ ଭାବିଲି ମୋ ନ ଭିତରେ ଏ ଝଡ଼ କାହିଁକି ? ଆପଣ ମୋର କିଏ—ଏ ଝଡ଼ ବ ପୁଣି ପ୍ରକୃତି ଶାନ୍ତ ପଡ଼ିବ—କିନ୍ତୁ ତା ସହିତ ମୋର ମନର ଡ଼ କଅଣ କମିବ ? ସେ କଥାର ଉତ୍ତର ମୁଁ ପାଇଥାନ୍ତି କାହାଠୁ ? ଜର ବୋଲି କେହି ତ ନ ଥିଲେ—ସମସ୍ତେ ତ ନିଦ୍ରା କୋଳେର— ମାର ତ ଏଠି କେହି ନାହାନ୍ତି—କେହି ଥିଲେ ଅବଶ୍ୟ ମୁଁ ତାର ତ୍ତରକୁ ଅପେକ୍ଷା କରିଥାନ୍ତି ।

ଅମାନିଆ ମନ ଭିତରେ ସେତେବେଳେ ଝଡ଼ର ବେଗ ଅଣ ାଇଲା । ସେପଟୁ ଉଠିଲି ସତ, ହେଲେ କାହିଁକି କେଜାଣି ଅଜଣା ାହିରେ ଦେହ ମନ ମୋର ଶିହରି ଉଠିଲା—ମୁଁ ଉଦେଇ ଦେଇ

ଦୁଇ—

ଦୁର୍ବଳତା ପ୍ରକାଶ ପାଇଲା, ତା ଏବେ ମଧ୍ୟ ମୁଁ ଠିକ୍ କରି ପାରୁ ନାହିଁ—ଆପଣଙ୍କର ହୁଏ ତ ମନେ ନ ଥାଇପାରେ; କିନ୍ତୁ ମୋର ଠିକ ମନେ ଅଛି—ସେ ଦିନ ସଞ୍ଜବେଳେ ଆପଣଙ୍କୁ ଅତି ସଂଗୋପନରେ ପାଇ ମୋର ଭବିଷ୍ୟତ କଳ୍ପନାର କେଇଟି କଥା କହି ପକାଇଥିଲି—ଆପଣ ମଧ୍ୟ ଦରଦୀ ବନ୍ଧୁ ଭଳି ଅନେକ କିଛି କରିବାର ଆଶା ଦେଇଥିଲେ । ଏବେ ମଧ୍ୟ ସେ ଆଶା ମୋର ତୁଟି ନାହିଁ—କେବଳ ସେଇ ଆଶାର ପାଥେୟ ନେଇ ମୁଁ ସେଦିନ ଫେରିଲି । ଯାଯାବର ଜୀବନ ମୋର, ଆଜି ଏଠି ତ କାଲି ସେଠି, ତା ଭିତରେ ପୁଣି କର୍ତ୍ତବ୍ୟର ତାଡ଼ନା । ସାଧାରଣ ଜୀବନଧାରଣର ବ୍ୟର୍ଥ ପ୍ରୟାସ—ମୋର ଶେଷ ରତି ଶକ୍ତିକରେ ମୁଁ ପ୍ରାୟ ସବୁ କଥା ଲେଖିଛି—ଦୟା କରି ଆଉ ଥରେ ପଢ଼ିବେ । ତା ପରେ ବିଚାରିବେ ମୋର ଭୁଲ କେଉଁଠି ।

ଆପଣ ଭାବୁଥିବେ, ରଙ୍ଗମଞ୍ଚର ପଟ୍ଟପରିବର୍ତ୍ତନ ସହିତ ଅଭିନେତ୍ରୀ ଜୀବନର କେଉଁଠା ମୁହୂର୍ତ୍ତର ପରିବର୍ତ୍ତନ ଘଟେ । କଥାଟି ପ୍ରାୟ କେତେକାଂଶରେ ଠିକ୍ । କାରଣ ନାଟଦିନଆ ଗୋଟାଏ ଦେଖା ହୋଇଯାଇଛି ବୋଲି ଆଲୁଅ ଲିଭିବା ମାନେ ପ୍ରଥମ ଦୃଶ୍ୟର ସବୁ ଆଲୋଡ଼ନର ପରିସମାପ୍ତି--ପୁଣି ଦ୍ୱିତୀୟ ଦୃଶ୍ୟର ଆରମ୍ଭ । ଏମିତି ଦୃଶ୍ୟ ପରେ ଦୃଶ୍ୟର ଶେଷ ଓ ସବୁ ଶେଷରେ ମଞ୍ଚରେ ଘୋଟିଆସେ ଚିର ଅନ୍ଧାର--ପୁଣି ଆସନ୍ତାକାଲି ସନ୍ଧ୍ୟାର ସ୍ୱାଗତ ପାଇଁ ।

ଜୀବନକୁ ବିଶ୍ଳେଷଣ କରି ଦେଖିଲି--ଠିକ୍ ସେମିତି । ମୋର ଜୀବନ-ନାଟକରେ ଦୃଶ୍ୟ ପରେ ଦୃଶ୍ୟ ଆସିଛି ଓ ଯାଇଛି, ତା'ର ଭିତରେ ଆପଣଙ୍କ ସହିତ ସାକ୍ଷାତ ମଧ୍ୟ ଗୋଟିଏ ଅଭିଘାତ । ସେଇଟା ହୁଏତ ମୋର ଜୀବନ ନାଟକର ଶେଷ ଦୃଶ୍ୟ ନ ହୋଇପାରେ । କିନ୍ତୁ

—ତିନି

ନାଟକର ଗୋଟିଏ ଚୂଡ଼ାନ୍ତ ଦୃଶ୍ୟ ଭଳି ସେ ଗୋଟିଏ ଅବିସ୍ମରଣୀୟ ଅଧ୍ୟାୟ ।

ସେଦିନ ରାତିରେ ଆପଣ ଯେ କାହାର ଅତିଥି ହୋଇଥିଲେ ମୁଁ ଜାଣେନା, କିନ୍ତୁ ଆପଣଙ୍କର ମନେଥିବ ରାତି ଅଧବେଳକୁ ପ୍ରବଳ ଝଡ଼ତୋଫାନ ନେଇ ସେଦିନ ଆସିଥିଲା ବର୍ଷା—ମୋର ହଠାତ୍ ମନେହେଲା ଆପଣ ଶୀତରେ ଥରି ଉଠୁଥିବେ—ଖୋଲାରେ ପଡ଼ିରହି ଅନେକ ଭାବିଲି—ଭାବିଲି ମୋ ପାଇଁ ଯେ ପୂର୍ବ ସନ୍ଧ୍ୟାର ଚନ୍ଦ୍ରିକା ତଳେ ଏତେ ଦରଦ ଦେଖାଇ ପାରିଥିଲେ, ତାଙ୍କପାଇଁ କଅଣ ମୁଁ ଏଇ ଏତିକି କରିପାରିବି ନାହିଁ ? ନିଜର ବିଭବ ବୋଲି ତ ମୋର କିଛି ନାହିଁ—ତଥାପି ଟ୍ରଙ୍କରୁ ମୋର ଧୋବ ବିଛଣାଚଦରଟି ନେଇ ଆପଣଙ୍କୁ ଘୋଡ଼ାଇଦେଇ ଆସିବି ବୋଲି ବାହାରିଲି—ପୁଣି ମନେ ହେଲା ଏପରି ଅଧିକାର କଅଣ ମୋର ଅଛି ? ସେତେବେଳକୁ ଝଡ଼ଟା ଆହୁରି ବଢ଼ି ଉଠିଥିଲା । ବାହାରେ ତ ଥିଲା—ତା ଛଡ଼ା ଭିତରେ ବି ! ସେତେବେଳେ ମନଖୋଲି ଆପଣଙ୍କୁ ଦେଖାଇ ଦେବାପାଇଁ ମୋର ସମ୍ବଳ ନ ଥିଲା । କିନ୍ତୁ ଭାବିଲି ମୋ ମନ ଭିତରେ ଏ ଝଡ଼ କାହିଁକି ? ଆପଣ ମୋର କିଏ—ଏ ଝଡ଼ ଯିବ ପୁଣି ପ୍ରକୃତି ଶାନ୍ତ ପଡ଼ିବ—କିନ୍ତୁ ତା ସହିତ ମୋର ମନର ଝଡ଼ କଅଣ କମିବ ? ସେ କଥାର ଉତ୍ତର ମୁଁ ପାଇଥାନ୍ତି କାହାଠୁ ? ନିଜର ବୋଲି କେହି ତ ନ ଥିଲେ—ସମସ୍ତେ ତ ନିଦ୍ରା କବଳେର—ମୋର ତ ଏଠି କେହି ନାହାନ୍ତି—କେହି ଥିଲେ ଅବଶ୍ୟ ମୁଁ ତାର ଉତ୍ତରକୁ ଅପେକ୍ଷା କରିଥାନ୍ତି ।

ଅମାନିଆ ମନ ଭିତରେ ସେତେବେଳେ ଝଡ଼ର ବେଗ ଅତି ପ୍ରବଳ । ଶେଯରୁ ଉଠିଲି ସତ, ହେଲେ କାହିଁକି କେଉଁ ଅଜଣା ଭୟରେ ଦେହ ମନ ମୋର ଶିହରି ଉଠିଲା—ମୁଁ ଚଦର ନେଇ

ଗୃହ—

ଯିବ—ଆପଣ ଘୋର ନିଦ୍ରାରେ ହୁଏ ତ ଅଭିଭୂତ ଥିବେ ବା ନ ଥିବେ—ଆପଣଙ୍କର ସେଇ ସୁନ୍ଦର ଦେହ ଉପରେ ଥଣ୍ଡାପବନ ଶିର ଶିର ହୋଇ ବହିଯାଉଥିବ—ରୋମାଞ୍ଚିତ ଦେହ ଉପରେ ଶୀତର ଭନ୍ଦ୍ରା ପରଶ ଲୁଚକାଲି ଖେଳୁଥିବ—ମୁଁ ସନ୍ତର୍ପଣରେ ଚଦରଟି ଘୋଡ଼ାଇ ଦେବି—ତା ପରେ—ମୁଁ ଲୁଚିଯିବି ପୁଣି ଅନ୍ଧାର ଭିତରକୁ—ସକାଳେ ହୁଏତ ଆପଣ ଭାବିବେ—ମନେ ମନେ ମୋର ନିର୍ବୋଧତା ପାଇଁ ହସିବେ—ଏମିତି କେତେ କଅଣ ..........

ଏବେ ହୁଏତ ମୋ କଥାରେ ବିଶ୍ୱାସ ଆସି ନପାରେ—କିନ୍ତୁ ସେଇ ବର୍ଷାରେ ମୁଁ କେତେବେଳେ ଯେ ଯାଇଛି—ସେ କଥା ମୁଁ ନିଜେ ଜାଣେନା । ଅନ୍ଧାର ରାତିରେ ଏମିତି ପାଦ ପକାଇ ମାନ କେଇ ଘଣ୍ଟାର ଜଣେ ପରିଚିତ ଲୋକ ପାଖକୁ ଯିବାଟା ଯେ କେତେ ବଡ଼ ଦୁଃସାହସ ସେତେବେଳେ ମୁଁ ମର୍ମେ ମର୍ମେ ଅନୁଭବ କଲି ।

ଆଗରୁ ଡାକ ଶୁଭିଲା—“କୌନ ହେ”—ଦରୁଆନ ବାହାଦୁର ବୀର ଦର୍ପରେ ତାର ଭୂଜାଲିଟାକୁ ହାତରେ ଧରିପକାଇ ଚିଲ୍ଲାଉ ଥିଲା—ମୁଁ ଚମକି ପଡ଼ିଲି—ତଥାପି ପୁଣି ସାହସ ବାନ୍ଧି ବାହାରିଲି—ଲୁଚି ଲୁଚି ପାହାଚ ତଳ ପର୍ଯ୍ୟନ୍ତ—ମତେ ଦେଖି ସେ କହିଲା—“ମାଇଜୀ ଇତନା ରାତକୋ ଆପ” ! ହିନ୍ଦି ତ ମୁଁ ଜାଣେନା—ଜାଣିଥିଲେ ଅବା କଅଣ କୁହି ଥାଆନ୍ତି । ଉତ୍ତରରେ କେବଳ ଚଦରଟି ଦେଖାଇଲି—ଯେଉଁ ପାଇଁ ତାର ପହରା—କଅଣ ସେ ବା ଭାବିବ ? ହୁଏତ ଭାବିଥିବ—ଅନ୍ୟ କାହାପାଇଁ ମୋର ଏ ପହରା—ଦୁହେଁ ପ୍ରହରୀ—ସେ ତାର ପେଟପାଇଁ—ଆଉ ମୁଁ ......

ଆପଣ ହୁଏତ ଭାବିବେ ଯେ ଅଭିନେତ୍ରୀର ପୁଣି ଏ ଚିନ୍ତା—ଏ ଭାବନା—କାହିଁ ଦୃଶ୍ୟପଟରେ ନାୟକକୁ ଭେଟିବା ପାଇଁ

ଇଲେକ୍‌ଟ୍ରିକ ନିଭ୍ରିଙ୍କ ଆଲୁଅ ତଳେ ଗଲାବେଳେ ତ ଏ ଭାବନା ଆସୁ ନଥିବ; ଆସୁଥିଲେ ଅଭିନୟ ହୁଅନ୍ତା ପ୍ରାଣବନ୍ତ—ଦର୍ଶକ ପ୍ରାଣରେ ଆସନ୍ତା ଶିହରଣ । ଆପଣ ଯାହା ଭାବନ୍ତୁ ପଛକେ ଆପଣଙ୍କ ଶୋଇବା ଘରଟି ଯେତେ ପାଖେଇ ଆସିଲା, ହୃଦର ବେଗ ସେତେ ବଢି ଚାଲିଲା—ତା ପରେ ପବନରେ ଉଡ଼ି ଆସିଲା ଝଲକାଏ ଥଣ୍ଡା ପାଣି—ଭାବିଲି ଯଦି ଆପଣ ଉଠିପଡ଼ିବେ—କିଏ ବୋଲି ଭାବି ଚିତ୍କାର କରି ଉଠିବେ—ହୁଏତ ଡରିଡରରେ ଲାଇଟ ଲଗାଇ-ଦେଇ ପାରନ୍ତି—ସେତେବେଳେ ମୋର କଅଣ ହେବ—ମତେ ଏମିତି ଅବସ୍ଥାରେ ଦେଖି ଯଦି ଆପଣ କଅଣ ଭାବି ବସିବେ, ତାହା-ହେଲେ—ବ୍ୟର୍ଥ ନୈବେଦ୍ୟ ନେଇ ପୂଜାରିଣୀ ଦେବତା ମନ୍ଦିରରୁ ଫେରିବ—କେବଳ ରହିଯିବ ସକାଳର ଆଲୁଅରେ କଳଙ୍କର କାଳିମା ସିନା !

ବହୁତ ଭାବିଲି—ସେଇ ମନ୍ତ୍ରମୁଗ୍ଧ ଅବସ୍ଥାରେ ମୁଁ ଆଗେଇ ଗଲି—ଦୁଆର ବନ୍ଧର ଖାଞ୍ଜୁଆ ଧାରରେ ନଖଟାଏ ବାଜିଲା ଗୋଡ଼ ଜୋରରେ—ରକ୍ତ ବାହାରିଲା—ତତଲା ରକ୍ତ—ଉଷ୍ମ ରକ୍ତ—ବାହାରର କାଲୁଆ ପାଣି ଉପରେ ଭିତରର ଉଷ୍ମତା—ଜୀବନର ଏପଟ ଓ ସେପଟ ।

"ଛି-ଛି-ଏ କଅଣ ହେଲା ?" ଆପଣ ଡରିବରରେ ରୁମାଲଟି ଚିରି ଯେଉଁ ପଟି ବାନ୍ଧିଥିଲେ ସେ କନାଟି ଏବେ ମଧ୍ୟ ସାଇତି ରଖିଛି । ବେଶ୍ ଚମତ୍କାର ଦାଗଟିଏ—ଗାଢ଼ ନାଲି ପୁଣି ଗୋଲାପି—ଏବେ ଦେଖିଲେ ଲାଜମାଡ଼େ—ରକ୍ତର ଦାଗ ପୁଣି-ଏମିତିକା ! ଲାଜ ମାଡ଼େ—ସାଂଗ ସାଥି ଦେଖିଲେ ହସନ୍ତି, କହନ୍ତି "ଅରେ ଝୁଣ୍ଟିପଡ଼ି ଏତେ ରକ୍ତ" !

ଦେବାକୁ ଯାଇଥିଲି ଦେହଟି ଆପଣଙ୍କୁ—ଭାବିଥିଲି ବାହାରର ଶୀତଳ ପବନରୁ ଆପଣଙ୍କର କଅଁଳିଆ ଦେହଟିକୁ ଘୋଡ଼ାଇ

ଦେବ—ପର ଅଙ୍ଗୁଳିରେ ବନ୍ଧେଇ ଦେବ—ହେଲେ କଅଣ ସବୁ ହେଲ—ଛିଃ, ଛିଃ, କି ପରାଜୟ !

"ବସ, ଏମିତ ଠିଆ ହୋଇ ରହିଲ ଯେ"—ମନ ଭିତରର ଝଡ଼ ସେତେବେଳେ ବାହାରର ଝଡ଼ଠୁଁ ବଳିପଡ଼ିଥିଲା—ଆଗକୁ ପାଦ କାଢି ଆସିଲ—ଆପଣ ଖିଦା ପଣତଟି ଧରି ବସାଇ ଦେଲେ—ଦେନ ବେଗରେ ବନ୍ଧ ଲଭିଗଲା—ତା ପରେ·····

× × × ×

କଅଣ ଦେଇ କଅଣ ପାଇଲ ମୁଁ ? ସକାଳେ ଦେଖିଲ ଗୋଡ଼ ନଖଟି ଫାଟି ଯାଇଛି—ହେଲେ ତାକୁ ଅତ ସ୍ନେହରେ ଧରି ରଖିଛ ଆପଣଙ୍କର ରୁମାଲ—କେବଳ ଦାଗ—ଦାଗ—ଲାଲ ଦାଗ—ଲାଲ ମାଡ଼ଲା ରୁମାଲଟି ଫିଙ୍ଗାଇ ଆଣି ମୁଣ୍ଡରେ ମାରିଲ । କାହିଁକି, କାହାପାଇଁ—ସାମାନ୍ୟ ଗୋଟାଏ ଅଭିନେତ୍ରୀ ଯା'ର ଗଣା ହଜାରରେ ଜଣେ ନୁହେଁ—ତାର ରକ୍ତ ଦାଗଟିଏ ଧରି ରଖିବ ଆପଣଙ୍କର ଅତ ଆଦରର ରୁମାଲଟି ! ଭାବିଲ ହୋଇପାରେ, ସମସ୍ତେ ତ ସମାନ ନୁହନ୍ତି—ଆପଣ ହୋଇଥିବେ ସମସ୍ତଙ୍କଠୁଁ ଅଲଗା—ଅନ୍ୟ ଦୁନିଆର—ମୋର ଦୁର୍ବଳତା ଆପଣଙ୍କର ମନରେ ଫିଙ୍ଗାଇଥିବ ମମତାର ବସ୍ତ୍ର ।

ଚିଠି ଖଣ୍ଡିକ ଅତ ଲମ୍ବା ହୋଇଗଲା—କର୍ମବ୍ୟସ୍ତ ଜୀବନ ମଧ୍ୟରେ ହୁଏତ ଆପଣଙ୍କର ସମୟ ହେବନି ଏସବୁ ପଢିବା ପାଇଁ—ମନର ଆବେଗରେ ଏତକ ଲେଖିଛି—ସ୍ମରଣ କରାଇ ଦେବାପାଇଁ ନୁହେଁ—ବରଂ ମୁଁ ନିଜେ ଆନନ୍ଦ ପାଇବା ପାଇଁ ।

ଆପଣଙ୍କର ଅଭିଯୋଗ ଗୁଡ଼ିକୁ ମୁଁ ମଥା ପାତ ନେଉଛି । ମୁଁ ଅଭିନେତ୍ରୀ, ମୁଁ କଳଙ୍କିନୀ — ମୁଁ ସବୁ—ସମାଜରେ ମୋର

ହୁଏ ତ ସ୍ଥାନ ନାହିଁ । ତଥାପି, ଯେଉଁ ପ୍ରଗାଢ଼ ମମତା ନେଇ ଆପଣ ମତେ ପ୍ରସ୍ତାବ ଦେଇଥିଲେ, ତାକୁ ମୁଁ ବହୁ ଭାବଚିନ୍ତା ପ୍ରତ୍ୟାଖ୍ୟାନ କରୁଛି । ତାର ଏକମାତ୍ର କାରଣ—ଆପଣ ମୋ ଠାରୁ ସବୁ କଥା ଶୁଣି ନାହାନ୍ତି । ମୋର ଦୁଃଖ-ପୂର୍ଣ୍ଣ ଜୀବନର ଗୋଟିଏ ଅଧ୍ୟାୟ ଯଦି ଆପଣଙ୍କୁ ଶୁଣାଇ ପାରିଥାଆନ୍ତି ଓ ତା ପରେ ଆପଣଙ୍କର ମମତାଭରା ଚିଠି ଖଣ୍ଡେ ପାଇଥାନ୍ତି ତା ହେଲେ ଆଜି ହୁଏତ ଏତେବେଳେ ମୁଁ ଆପଣଙ୍କ ପାଖରେ ପହଞ୍ଚି ସାରିଥାଆନ୍ତି । କିନ୍ତୁ ସେ ମୋ ପକ୍ଷରେ ସମ୍ଭବ ହୋଇ ପାରି ନାହିଁ । ପୁଣି ଥରେ ମୋର ଶତ ଦୋଷାଦୋଷ କ୍ଷମା ମାଗୁଛି । ଯଦି କେବେ ମୋର ଦୁଃଖର କାହାଣୀ ଶୁଣିବାକୁ ମନ କଲେ ତା ହେଲେ ଲେଖିବେ, ମୁଁ ସବୁ କଥା ଜଣାଇ ଦେବି ।

ମତେ ଭୁଲ ବୁଝିବେ ନା । ନିଜ ଗୁଣରେ କ୍ଷମା ଦେବେ । ରହିଲି । ମୋର······

କୃଷ୍ଣ ଦ୍ୱାଦଶୀ
— ଧାନ୍ୟ ଶ୍ରାବଣ —
ତା ୭ । ୮ । ୫୭

ଆପଣଙ୍କର ଅବହେଳିତା
ସ୍ନେହ

## କଲ୍ୟାଣୀୟାସୁ !

ତମର ଆବେଗ ଭରା ଚିଠିଟି ମିଳିଲା—ବାର ବାର ଭଲ
ବହୁବାର ପଢ଼ିଲି । ସେ ଜନର ଦୁର୍ବଳତା ପାଇଁ ମୁଁ ଏକାବେଳେ
ଲଜ୍ଜିତ । କିନ୍ତୁ ସେଥିପାଇଁ ମୁଁ ତମକୁ ଦାୟୀ କରୁନି । ମୋ ଚିଠି
ଲେଖା ପୂର୍ବରୁ ତମ ଅନୁଷ୍ଠାନର ଜଣେ କର୍ମକର୍ତ୍ତାଙ୍କ ସହିତ ସାକ୍ଷାତ
ହୋଇଥିଲା । ସେ ତମର ଓ ତମ ସହଯାତ୍ରୀ ମାନଙ୍କ ସମ୍ପର୍କରେ
ଯେପରି ଟିପ୍ପଣୀ ଦେଲେ ସେଥିରେ ଯେ କୌଣସି ଲୋକର ଧୈର୍ଯ୍ୟ-
ଚ୍ୟୁତ ଘଟିବା ସ୍ୱାଭାବିକ । ସନ୍ଧ୍ୟା ୫ଟା ଠାରୁ ରାତି ୧୦ଟା ପର୍ଯ୍ୟ
ତମ ରୂପର ଗୋଟିଏ ଦିଗ ମୁଁ ଦେଖିଛି, କିନ୍ତୁ ତା ପରର-ତମ
ଜୀବନ ଏପରି ଘୃଣ୍ୟ, ଏପରି ନୀଚ ଯାହା ଏଠାରେ ବର୍ଣ୍ଣନା କ
ସମ୍ଭବପର ନୁହେଁ । ଅପ୍ରତ୍ୟାଶିତ ଭାବେ ମୁଁ ଜଡ଼ିତ ହୋଇ ପଡ଼ିଥି
ବୋଲି ମୁଁ ବିଶେଷ ଅନୁତପ୍ତ । ଯାହା ଯାହା ମୁଁ ଜାଣି ପାରେ
ସେଥିରେ ସମାଜ ଦିନ ତମକୁ କାହିଁକି କ୍ଷମା ଦେବ ତାର କୌ
କାରଣ ମୁଁ ଦେଖୁ ନାହିଁ । ସେ ଯାହା ହେଉ ତମକୁ ମୋ

ପ୍ରତିଶ୍ରୁତି ମୁଁ ଦେଇଥିଲି ତା ରକ୍ଷା କରିବା ପାଇଁ ମୁଁ ଆଗଭର ହେଲାବେଳକୁ ତମେ ପଛେଇ ଗଲ । ସେଇଥିରୁ ମୋର ସ୍ପଷ୍ଟ ଧାରଣା ହୋଇଛି ଯେ, କଳା ନାମରେ, ମମତା ନାମରେ, ସ୍ନେହ ନାମରେ ତମେମାନେ ଗୋଟାଏ କଳଙ୍କର ନୀଡ଼ ରଚନା କରିଛ । ନାରୀତ୍ୱର ସୂକ୍ଷ୍ମ ଜିନିଷଗୁଡ଼ିକୁ ଜଳାଞ୍ଜଳି ଦେଇ କେବଳ କେଇପଦ ନାଟକୀୟ ବଚନୀକା ମୁଖସ୍ଥ କରି, ତମେ ଜୀବନଯାତ୍ରାରେ ଆଗଭର ହେଇଚ— କଳା ବା କଳାକାର ଉଭୟଙ୍କର ସୃଜନ ଶକ୍ତି ଅଛି । ସେଠି ଭଣ୍ଡାମି ନାହିଁ—ଧ୍ୱଂସ ନାହିଁ ।

ଭାବୁଛି, ତେବେ କାହିଁକି ମତେ ଏମିତି ଆଗେଇ ଦେଇ ତମେ ପଛେଇ ଗଲ । ମୁଁ ପାଦ ବଢ଼େଇ ନଥିଲି ବରଂ ବଢ଼େଇଥିଲ ତମେ । ତମେ ନିଜର ସୂକ୍ଷ୍ମ ଜିନିଷକୁ ହରାଇ ବସିଚ । କିନ୍ତୁ ତା ସହିତ ମୋର ପବିତ୍ରତାକୁ କଳୁଷିତ କରିବାର ଅଧିକାର ତମର ନାହିଁ ।

ମୋର ଅଭିଯୋଗ ଗୁଡ଼ିକୁ ତମେ ମଥା ପୋତି ନେଇଛ, କାହିଁକି ? କଅଣ ଲାଭ ଅଛି ସେଥିରେ ? ଜୀବନ-ଯାତ୍ରାର ତ ବହୁ ଦିଗ ରହିଛି । ତା ମଧ୍ୟରେ ହୁଏତ କଳାଚର୍ଚ୍ଚା ଗୋଟିଏ ଦିଗ । କିନ୍ତୁ ଅନ୍ତରର ପବିତ୍ରତା ବିନା ତା କେବେ ହେଲେ ସମ୍ଭବ ହେବ ନାହିଁ ।

ରୁଚି ମଣିଷ ଜୀବନରେ ଏକ ପରମ ଉପାଦାନ—ରୁଚିବିହୀନ ଜୀବନ ପଶୁଠାରୁ ହୀନ । ତେଣୁ କ୍ଷଣିକ ମୋହ ଉନ୍ମାଦନାରେ ତମେମାନେ ଯେପରି ରୁଚିହୀନ ହୋଇପଡ଼, ସେଥିରେ ଅନ୍ୟଠାରୁ, ସମାଜଠାରୁ ତମର ହକ ଦାବୀ ହାସଲ କରିବା ଅତି କଠିଣ । କଅଣ ଲାଭ ହୁଏ ସେଥିରେ—ହୁଏତ କେଇପଦ ମିଠା କଥା—ଟିକିଏ

ଦଶ—

ସାହଯ୍ୟ ସାହଚର୍ଯ୍ୟ ବା ସାମାନ୍ୟ ଆର୍ଥିକ ଫାଇଦା—ଏହାଠାରୁ ତ ବେଶି କିଛି ନୁହେଁ । ତମେ ଅଭିନୟ ଭିତରେ ଯାହା ଶିକ୍ଷା ଦିଅ ତା ନିଜ ଜୀବନରେ ତିଳେମାତ୍ର ପାଳନ କର ନାହିଁ । ସେଇଥିପାଇଁ ତମର ଅଭିନୟରେ ମଧ୍ୟ ଉଷ୍ମତା ନାହିଁ, ପ୍ରାଣ ନାହିଁ । ତାହା ଜଡ଼ ମୂକ--ଠିକ ମାଟିର କଣ୍ଢେଇ ମୁହଁରେ ଯେପରି ଭାଷାହୀନ ଅଭିବ୍ୟକ୍ତି ।

ରାଜକନ୍ୟା ଚନ୍ଦ୍ରକଳା କବିଙ୍କଠାରେ ଆତ୍ମ ସମର୍ପଣ କଲେ । କବି କର୍ତ୍ତବ୍ୟ-ବିମୂଢ଼ ହୋଇ ପଡ଼ିଲେ । ଲେଖନୀ ତାଙ୍କର ହେଲା ସ୍ତବ୍ଧ, ସ୍ଥିର । ରାଜକନ୍ୟା ଅନମନା । ତା'ପରେ ପୂଜାରିଣୀର ପୂଜା ହେଲା ବ୍ୟର୍ଥ । ରାଜକନ୍ୟା କହିଲେ, "ମୋର ଦେବତା କାଠ ପାଷାଣର ଦେବତା ହେଲେ ବି ମନର ଭାଷା ବୁଝନ୍ତି ନାହିଁ— ପ୍ରାଣର ଆବେଗ ବୁଝନ୍ତି ନାହିଁ ।" ତା'ପରେ—ରାଜକନ୍ୟାଙ୍କର ମୃତ୍ୟୁ ବରଣ; ଚମତ୍କାର ନାଲି ଆଲୁଅର ତୀବ୍ରତା ମଧ୍ୟରେ ତମେ ହୀରାମୁଦି କାଢ଼ି ଆତ୍ମହତ୍ୟା କଲ । ସେଇ ଗୋଟାଏ ମୁହୂର୍ତ୍ତରେ ମୁଁ ଲକ୍ଷ୍ୟ କରିଛି ଦେଖି ମନ ମୋର ରୋମାଞ୍ଚିତ ହୋଇ ଉଠିଥିଲା । କି ଅପରୂପ ତମର ସେ ଅଭିନୟ ! କିନ୍ତୁ ଥରେ ଯଦି ନିଜ ଜୀବନରେ ସେ ଅଭିନୟର ମହତ୍ତ୍ୱ ତମେ ବୁଝିଥାନ୍ତ···ଥାଉ ସେ ସବୁ କଥା । ଆଜି ସାମାନ୍ୟ ହୁଏତ ଗୋଟାଏ କିଛି ପ୍ରଲୋଭନର ମୋହରେ ତମେ ମୋର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛ । ଲେଖିଚ ତମ ନିଜ କଥା କହିବ ବୋଲି । କଅଣ ସେ କଥା ? ପତ୍ରାବଳୀର କାହାଣୀ ପରି ହୁଏତ ମନଗଢ଼ା ହୋଇଥିବ ଅବା ହୋଇଥିବ ଅଭାବ ଅନାଟନଗ୍ରସ୍ତ ଗୋଟାଏ ପାରିବାରିକ ଜୀବନର ଅଧ୍ୟାୟ । ସେ ସବୁ ଶୁଣିବାକୁ ମୋର ଧୈର୍ଯ୍ୟ ନାହିଁ । ମୁଁ ତମଠୁଁ କୈଫିୟତ ଚାହୁଁ ନ ଥିଲି । ଯାହା ହେଉ ତମ କଥା-ଶୁଣିବାର ଆଗ୍ରହ ମୋର ନ ଥିଲେ ମଧ୍ୟ-କହିବାର ଇଚ୍ଛାଥିଲେ କହିପାର । ଏହାପରେ ମୋଠାରୁ ଚିଠି ପାଇବାର ଆଶା

—ଏଗାର

ରଖିବ ନାହିଁ । କେବଳ ତମ ନିଜ କଥା ଲେଖି ମତେ ଜଣାଇଲେ ମୁଁ ଖୁସି ହେବି । ମୋ ଭାଷାର ରୁକ୍ଷତା ତମର କଅଁଳ ମନରେ ହୁଏତ ଅଘାତ ଦେଇ ପାରେ । ମୁଁ ଜାଣିଶୁଣି ସେ ଆଘାତ ଦେଇଛି । ଆଘାତ ହିଁ କେବଳ ମନରେ ଦାଗ ରଖିଦିଏ । ପାଇବା ଠାରୁ ନ ପାଇବାରେ ଆନନ୍ଦ ବେଶି । ମୁଁ ସେଇ ଆନନ୍ଦ ଉପଭୋଗ କରୁଥିବି । ତମକୁ ଏକବାରେ ଭୁଲିଯିବା ମୋ ପକ୍ଷରେ ହୁଏତ ଆପାତତଃ ସମ୍ଭବ ହୋଇ ନ ପାରେ । କିନ୍ତୁ ତମେ ଦିନେ ଲିଭିଯିବ ମନରୁ, ଏ ବିଶ୍ୱାସ ମୋର ଅଛି । ତମର ମୋ'ର ସାମାନ୍ୟ ସମ୍ପର୍କ ତୁଟିଯିବ ଠିକ୍ ମଧ୍ୟରାତ୍ରୀର ଦୁଃସ୍ୱପ୍ନ ପରି ।

ଜାଣେନା ତମ ଉପରେ ଯେ ମୋର କି ଅଧିକାର ଅଛି । ତଥାପି କାହିଁକି ଯେ ଏମିତି ଲେଖୁଛି ମୁଁ ନିଜେ ଠିକ କରି ପାରୁ ନାହିଁ । ତମକୁ ଆଉ ଦିନେ ପାଖରେ ପାଇଲେ, ଅନେକ କଥା କହି ପକାଇଥାନ୍ତି । ଯାହା ଯାହା ଘଟିଗଲା ସେଥିପାଇଁ ମୁଁ ଦୁଃଖିତ । ପାରିଲେ କ୍ଷମା ଦେବ । ଆଜି ଏତିକି ଥାଉ ।

୨୦ । ୯ । ୫୭ — ତମର ଶୁଭାକାଂକ୍ଷୀ

ରାତି ୧୨ଟା — ସୁଧୀରଞ୍ଜନ

x x x x x x

## ଶ୍ରଦ୍ଧାବରେଷୁ !

ପ୍ରାୟ ଦୁଇ ମାସ ହୋଇଗଲା, ନା ? ଏହା ଭିତରେ ଅନେକ ଅପେକ୍ଷା କରିଛନ୍ତି, ଆପଣଙ୍କ ଠାରୁ ଖଣ୍ଡିଏ ପତ୍ର ପାଇବା ପାଇଁ । କିନ୍ତୁ ଆଶା ନିରାଶାରେ ବଦଳିଲା—ମୁଁ ରାଜକେମା ଚନ୍ଦ୍ରକଳା ଅଭିନନ୍ଦ ହୁଏ ତ କରିପାରିଲି ନାହିଁ, କିନ୍ତୁ ଆପଣ କବିର ଅଭିନମ୍ର ଯଥା କଲେ । ପ୍ରାଣହୀନ କବି କାନ୍ତୁ ଚନ୍ଦ୍ରକଳାଙ୍କ ପାଇଁ ରଚିଗଲେ ଅମ କାବ୍ୟ ରଚନା—"ଚନ୍ଦ୍ରକଳା" କିନ୍ତୁ ଆପଣ ଖଣ୍ଡିଏ ପ ଦେବାପାଇଁ ଘୃଣା ବୋଧ କଲେ—ସେ ଯାହା ହେଉ ସେ ସ ମୋର କର୍ମ ଫଳ । ଭାଗ୍ୟର ଦୋଷ ବୋଲି ମୁଁ ଧରିନେଇଛି । ବ ଭାବନା ପରେ ମୁଁ ସ୍ଥିର କଲି ଯେ ମୋର ପଛ ଦିନର ଯେତେ ଗ୍ଳାନି ତା ସବୁ ଆପଣଙ୍କୁ ଜଣାଇ ଦେବି । ସେଇଥିପାଇଁ ପୁଣି ଏ ଲେଖା ଆରମ୍ଭ କଲି । ଚବିଶି ବର୍ଷର ଇତିହାସ ଲେଖିବାପାଇଁ ଓ ଧୈର୍ଯ୍ୟ ଦରକାର । ଧୈର୍ଯ୍ୟ ମୋର ନାହିଁ । ଯାହା ହେଉଛି ଆପଣଙ୍କ ପାଦ ତଳେ । ଆଉ 'ସମର୍ପ'—ସେଇଟା ମୋ

ଅନୁଷ୍ଠାନ ତଳେ ରକ୍ଷା ଦେଇଛନ୍ତି—ସକାଳ ସାତଟାରୁ ରାତି ଗୋଟାକ ପର୍ଯ୍ୟନ୍ତ । ସେ ଯାହାହେଉ ତାର ମଧ୍ୟରେ ଆପଣଙ୍କୁ ଲେଖିଥିବି ମୋର ସ୍ତୂପୀକୃତ ଦୁଃଖର ପୁଞ୍ଜି । ତାକୁ ପଢ଼ ପଢ଼ୁ ଯେବେ ଆଖିରେ ଲୁହ ଆସେ—ମୋ ପାଇଁ ପ୍ରାଣ-ଟିକିଏ ସିକ୍ତ ହୋଇଉଠେ, ତାହେଲେ ସେ ଲୁହ, ସେ ମମତା ଆପଣ ଢାଳିଦେବେ ମୋ ପରି କେତେଙ୍କ ଅଭାଗିନୀଙ୍କ ପାଇଁ, ଯେଉଁମାନେ ମୋ ଭଳି ବେହେଲା ବଂଶୀର ତାଳେ ତାଳେ ନାଚିର ବଞ୍ଚିବାର ବ୍ୟର୍ଥ ପ୍ରୟାସ କରନ୍ତି । କଳା-ସାଧନା ବେଦୀରେ ପର୍ଯ୍ୟୁଲକର ଘୃଣ୍ୟ ଇଙ୍ଗିତରେ, ମାଲିକର ମର୍ଜିରେ ଓ ଧନୀକର ପ୍ରଲୋଭନରେ ଯେଉଁମାନେ ଜାଳିପୋଡ଼ି ଦିଅନ୍ତି ନାରୀର ସବୁ କିଛି ସ୍ନିଗ୍ଧ, ସବୁ କିଛି କୋମଳ--ସରସ ।

ଲେଖି ବସିଲେ ମୁଁ ଏତେ ଭାବପ୍ରବଣ ଯେ କାହିଁ କି ହୁଏ ଜାଣେନା । ଆପଣଙ୍କ ପାଖରେ ମୋ ମୂଲ୍ୟ ଏତେ କମ୍ ଯେ ଏ ସବୁ ପଢ଼ିଲେ ଆପଣ ବିରକ୍ତ ହେଉଥିବେ । ଆପଣ ଯାହା ଭାବନ୍ତୁ ପଛକେ ମୋ ପ୍ରାଣରେ ଦିନେ ବସନ୍ତ ଜାଗିଥିଲା, ତାର ଚିହ୍ନ ଏବେ ବି ଅଛି । ଶତ ଘାତ ପ୍ରତିଘାତ ତାକୁ ମଳିନ କରିପାରିନାହିଁ । ମଗୁଶିରର ଦେହଥରା ଶୀତ, ଫଗୁଣର ଫୁଲଝରା ବସନ୍ତ, ବୈଶାଖର ଝାଞ୍ଜିବଜା ଝଡ଼-ସବୁ ମୋ ଉପର ଦେଇ ଗୁଜୁରିଯାଇଛନ୍ତି । କିନ୍ତୁ ମୁଁ ଠିକ୍ ଅଛି । ଭଲେ ଅଛି ବୋଲି, ଆଉ ଭଲକୁ ପଢ଼ନା ।

ମୋ ଜୀବନର କାହାଣୀ ଅତି ସାଧାରଣ—ଅତି ନଗଣ୍ୟ । ରଙ୍ଗମଞ୍ଚ ଓ ଜୀବନ ଏ ଦୁହେଁ ମୋ ପାଖରେ ପ୍ରାୟ ଗୋଟିଏ କଥା । ମୁଁ ସାବିତ୍ରୀ ହୋଇଛି, ଦମୟନ୍ତୀ ହୋଇଛି, ଅଶୋକ ବନରେ ସୀତା ଭୂମିକାରେ ମଧ୍ୟ ଅଭିନୟ କରିଛି । ଛାଡ଼ନ୍ତୁ ସେ କଥା, ଏଥର ମୋ କଥା ଶୁଣନ୍ତୁ :—

ରଭଦା—

"ଆମ ଗାଁ ଠିକ୍ ଆଉ ପାଞ୍ଚଟା ଗାଁ ପରି ସରଳ ସାଧାରଣ । ନଈ ପାଖରେ ଧାଡ଼ି ଧାଡ଼ି ହୋଇ ଘର, ଗାଁ ମୁଣ୍ଡରେ ଗ୍ରାମ ଦେବତୀ ଓ ଠାକୁରାଣୀ ଗଡ଼ିଆ, ଗାଁ ତଳେ ବହିଯାଇଛି ଋଷିକୁଲ୍ୟା ନଈ, ସଞ୍ଜବେଳେ ଗାଁ ମୁଣ୍ଡରେ ମାଳଣା ହୁଏ, ସବୁ ଘରୁ ଧୂଆଁ ଉଠେ । ତା'ପରେ ରାତି ଲଗେ, ପୁଣି ସକାଳ, ଗାଈ ଗୋଠକୁ ଯାଆନ୍ତି, ଏମିତି କେତେ କ'ଣ । ନିତିଦିନିଆଁ ଜୀବନ ଭଳି ଆମର ସେଇ ଛୋଟ ଗାଁ—"

"ବାପାଙ୍କୁ ମୋର ଭଲକରି ଏବେ ମନ ପଡୁନି, ହେଲେ ଯାହା ଟିକିଏ ଟିକିଏ ମନେ ପଡୁଛି, ବେଶ୍ ହାଣୁଆ ବଳିଲା ପରି ଦେହ ଗୋରା ତକତକ ଚେହେରା, ମୁଣ୍ଡରେ ବାବୁରି ବାଳ । ବାପା କାମ କ'ଣ କରୁଥିଲେ ଜାଣେ ନା, ଶୁଣିଥିଲି ମଠରେ ଗୁମାସ୍ତା କାମ କରୁଥିଲେ । ଆମଘର ଖୁବ୍ ବଡ଼, ଆପଣଙ୍କ କୋଠାପରି ନୁହେଁ ଅବଶ୍ୟ, ଅର୍ଥାତ୍ ବହୁତ ଲୋକ, ବାପା, ଦାଦା, ତାଙ୍କ ପିଲାପିଲି, ମୁଁ ବୋଉ ଆଉ କୁନି ମୋ ଭାଇ । ବାପା ଦିନେ କାମକୁ ବାହାରିଲେ ମାସକେ ଫେରନ୍ତି । ବୋଉ ରନ୍ଧାଘରେ କାଳକଡ଼ାକ ପଶିଥାଏ—କୁନି ଆରପାରିରେ ଗାଈ ଚରାଏ ଆଉ ମୁଁ କାଙ୍କ ଧରେ, ମଂଗୁଆଡ ବାଟେ ପଧାନ ଘର କୁସୁମ ସାଥିରେ ସମୁଦ୍ରଶ୍ରୀ ବସେ, କଣ୍ଢେଇ ବାହାଘର କରେ । ଯୋଉଦିନଠୁ ମୋ ଭିତରେ 'ମୁଁ' ଅଛି ବୋଲି ବୁଝିଲି ସେଇ ଦିନଠୁ କହୁଚି । ତାରିଖ, ମାସ, ଦିନ, ବାର, ଏଥି ମନେ ନାହିଁ ହୁଏ କିନ୍ତୁ ମନେଅଛି ଆମ୍ବଡାଳରେ ବସି ନିଝୁମ ଖରାବେଳେ କୋଇଲି ଡାକ ଦେଲେ ମନ ମୋର କ'ଣ ହୋଇଯାଏ । ସଞ୍ଜବେଳେ ଗାଁମୁଣ୍ଡ କାଆଁବୁଢ଼ା ତଳୁ ବିଲୁଆ ଭୁକିଲେ ଛାତିଟା ଧପଧପ ହୋଇ ପଡ଼େ ଉଠେ । ପୋଖରୀ ଘାଟରେ ହଳଦିକାଠୁଆ ଧରି ଗାଧୋଇ ବସିଲେ ପଧାନଘର ଆଈବୁଢ଼ୀ ମୋ ବୋଉକୁ କହେ "ଆଲୋ ସୋବନା,

ଟୋକାଟାକୁ କଅଣ ପାଚଲୁଭାଳ କରୁଛୁ କାଲେ ? ଆଜିଲା ଦେଖୁନେଇଁ କିମିତ ଛାତ ଦଁଟା—ଛଁ, ଛଁ, କି ଲାଜର କଥାମ । ଏ ନାଆଁ ଲଗା ବୁଢ଼ୀଟାକୁ ମରଣ ହଉନାହିଁ ! ମୁଁ ମୁହଁ ମୋଡେଁ । ସମନ୍ତ ଗା ଧୋଇ ଉଠିଯାନ୍ତି, ଗୋଡ଼ ଘସୁ ଘସୁ ମୁଁ ଦେଖେ କଇଁଫୁଲ କୁ—କି ସୁନ୍ଦର କି କଅଁଳ ତାର ଦେହ । ତା ଗୁହପାଖରେ ଭଅଁରଟାଏ ବୁଲୁବୁଲେ । ସତେ ଯେମିତ ବଦାବଦ୍ଦବେଳେ ସବୁକଥା କହୁଯିବାକୁ ବସିଛି । କହୁଛି କାନେ କାନେ ମୁଁ ଆସିବି—

"ମଗୁଶୀର ଛାଡ ଭାଙ୍ଗିଦେବ ହାଡ଼
କାତର ନୋହୁବୁ ତଲେ
ଛୁଟି ହେଲେ ମାସେ ଫେର ମୁଁ ଆସିବ
ଫଗୁଣ କାହୁଡ଼ାବେଳେ"

କିନ୍ତୁ ଫେର ନ ଆସିଲେ କଅଣ ହୋଇପାରନ୍ତି ଯେ । ନ ଅସୁ, ତାର ସିଆଡ଼େ ରହୁ । କିଏ ଯେମିତ ଖୋସାମତ କରୁଛି ! ଏଇ ଆମ ଗାଁ ସୁନାନାନୀ ବର ତ ପୁଣି ଗଲା ଯେ ରଙ୍ଗଣୀ ଆଉ ବାହୁଡ଼ ଆସିଲା ନାଇଁ-ଯାଉ ସେ । ସୁନାନାନୀର କଅଣ ହେଇଗଲା ଯେ × × × ଆଜି ଖବର ନ ଫେଇଲେ କଅଣ ଲଗେ । ଚିଠି ନ ପାଇଲେ ମନ ଭିତରେ କେମିତ ଝଡ଼ ଉଠେ । ଆପଣେ ସେ ସବୁ ବୁଝିପାରିବେ ନାଇଁ ।

ଆମର ଜମଉ କେତେ ଥିଲା, କୋଉଠିଥିଲା ମୁଁ ଜାଣେନା । ଖାଲି ଦେଖିଚି ବାପା ଯାହା ଆଣନ୍ତି ସେଥିରେ ହସ ଖୁସିରେ ଆମଘର ଚାଲିଯାଏ । ହେଲେ ଖୁଡ଼ୀ ଭାରି ରାଗୀ, ମୋ ବୋଉ ଉପରେ ଯେତେକ କୀଡ଼ନାଡ । କେବେ ନାଆଁ ସିଦ୍ଧର ଝିଅ ତ ! କାମ ଜାଣିକ କେଉଟି ? ଦାଦା ଦବଳେବେଳେ କେମିତ ବୋଉକୁ ନାଏ, କେବେ ସ୍ନେହ ଆଦର ସ୍ୱଣୀ

ହବ, ରଜାପୁଅ ପାନ୍ଟି ଛୁରି ଧରି ଘୋଡ଼ାରେ ବସେଇ ନେଇଯିବ ।
ହଁ ସତ-ଦାଦା କଥା ହିଁ ତ ସତ ହେଲା । ନିତି ରାତିରେ ଏବେ ରଜାପୁଅ
ଘୋଡ଼ାରେ ଚଢ଼ି ମତେ ପାଟ ଛୁରି ତଳେ ନେଇଯାଉଛନ୍ତି । ଆପଣ
ଆମ 'ସୁଭଦ୍ରାହରଣ' ନାଟକ ଦେଖିଥିବେ, ଦିନରେ ସତକୁ ସତ ସୁଭଦ୍ରା
ହେବା ତ ସମ୍ଭବ ହେଲା ନାହିଁ, ହେଲା କେବଳ ରଙ୍ଗମଞ୍ଚରେ । କଅଣ
କହୁ କହୁ କଅଣ କହି ପକେଇଲି ! ମତେ ସେତେବେଳକୁ ୧୩ ପୁରି
ଚଉଦ ହେବା ବୟରେ । ମଗୁଶୁର ମାସ ଜାଡ଼; ସେଇ ଜାଡ଼ରେ ବାପା
ବାହାରିଲେ ମଫସଲ ବୁଲି । ଆଗରୁ ତଦାରଖ ନ କଲେ ସବୁ ହଜୁଡ଼ି
ହେଇଯିବ, ମଠ ସମ୍ପତ୍ତି ଯେତେ ହେଲେ ଠାକୁର ସମ୍ପତ୍ତି ଠାକୁରଙ୍କ
ନାମରେ ଶ୍ରୀ ଦୁର୍ଗା ମନାସି ବାପା ବାହାରି ପଡ଼ିଲେ—ଗଲାବେଳେ
ବୋଉକୁ କହିଲେ "ଜଲଦି ଆସିବ ମାସେ ଭିତରେ, ହେଲେ ମାସ
ପୂରିବ ନାହିଁ ।"

ସେ ଦିନ ସଞ୍ଜ ରାତି ରନ୍ଧା ହୋଇ ଅଛୁଥାଏ, ବାରପାଖ
ପିଣ୍ଡାରେ ବୋଉ ମୋର ମୁଣ୍ଡ ବାନ୍ଧି ଦେଉଥାଏ । ମୁଁ କହିଲି "ବୋଉ
ପୁରୀ ଯିବା ବୋଲି ପରା କହୁଥିଲୁ, କାହିଁ ପାଇଁ ବର୍ଷ ହେଲା ଖାଲି
କହି ହଉଚୁ—ବାହାରୁନୁ ତ କେବେ ? ବୋଉ କହିଲା "ହିଁ
ଜଗନ୍ନାଥଙ୍କ ଡାକରି ନ ଲାଗିଲେ କିମିତି ଯିବା ? ସବୁପରା ତାଙ୍କ
ଇଚ୍ଛା । ବଡ଼ଦାଣ୍ଡ ଧୂଳି ଛୁଇଁବା ଭାଗ୍ୟ ଆମର କାହିଁ ? ତାଙ୍କ ଇଚ୍ଛା
ହେଲେ ସିନା ସେ ତାଙ୍କ ଦାଣ୍ଡକୁ ନେବେ" × × × ×
ଜଗନ୍ନାଥ ଅଛନ୍ତି କି ନା ଜାଣେନା, ହେଲେ ତାଙ୍କର ଇଚ୍ଛା ନିଶ୍ଚୟ
ଅଛି । ଆଜି ହୁଏତ ତାଙ୍କର ଇଚ୍ଛାରେ ମୁଁ ବଡ଼ଦାଣ୍ଡ କରେ
ଆଉ ବୋଉ—ସେ ବି ସେମିତି କୋଉ ଦାଣ୍ଡ କଡ଼ରେ ଦା
ପଡେଇଥିବ । ବାପା ମାସେ କଣ୍ଟ ଦେଇ ଯାଇଥିଲେ, ହେଲେ
ମାସ ତ ଦୂରର କଥା କେଇଦିନ ବି ପୂରିଲା ନାହିଁ—ନାଇପୂର

—ସତର

ମୁକୁନ୍ଦପୁର ବାଟ ସାତ କୋଶ । ବାଟରେ ବଲଗୋହିରୀ । ଅନ୍ଧାର ବାଟରେ ବାପା ବାହାରିଛନ୍ତି, ବଳ ବାଢ଼ି ତଦବୀର କରିବା ପାଇଁ—ଠିକ୍ ମାଝିହଣା ବନ୍ଧତଳେ ଶୋଇଥିଲା କାଳସାପ, ବାପାଙ୍କୁ ଚୋଟମାରିଲା । ବନ୍ଧତଳେ ଗୋହିରୀ ମୁହଁରେ ବାପା ଗଡ଼ିପଡ଼ିଲେ—ତହିଁ ଆରଦିନ ସକାଳେ ଲୋକବାକ ଜମାହେଲେ, ସାତ କୋଶର ଗୁଣିଆ ଝାଡ଼ିଲେ, ଫୁଙ୍କିଲେ; ହେଲେ ସେ ବିଷ ଠେଲିଲା ନାହିଁ । ସବୁ ପର ଜଗନ୍ନାଥଙ୍କ ଇଚ୍ଛା । ତାଙ୍କର ଇଚ୍ଛା ପୂର୍ଣ୍ଣ ହେଲା । ତା ନ ହୋଇଥିଲେ ଆଜି ମୁଁ ପୁଣି ବଡ଼ଦାଣ୍ଡ କେମିତି ଦେଖିଥାନ୍ତି ? × × × × ।

ଖବର ଆସିଲା ଦୁଇ ଦିନରେ । ବୋଉ ଖବର ଶୁଣି ମୂକ ହୋଇଗଲା, ତା ଆଖିର ଲୁହ ଶୁଖିଗଲା, ମୁଁ କାନ୍ଦିଲି, କୁନ୍ତି କାନ୍ଦିଲା, ହେଲେ ବାପା ଆଉ ଫେରିଲେ ନାହିଁ । ଚଉଦିଗ ଅନ୍ଧାର ଦିଶିଲା । ଅନଇଁ ଅନଇଁ ମାସେ ବିତିଗଲା, ସମସ୍ତେ ଶୁଦ୍ଧି ହେଲେ । ଗଲାଆସିଲା ଲୋକ କହିଲେ "ଗଲା ଯେ ପିଲା-ମାଇପଙ୍କୁ ବଡ଼ଦାଣ୍ଡରେ ବସେଇଦେଇ ଗଲା"—ଏଇ ମୋର ଭାଗ୍ୟ—ଏଇ ମୋର କପାଳ—ଓଡ଼ିଆ ଘରର କୁଳବୋହୂ ପାଠଶାଠ ବୋଲି କିଛି ନାହିଁ । ତହିଁରେ ପୁଣି ଓଳିଓଳି ଚଡ଼ଇଁନାହିଁ ଜୀବନରେ । ବେକରେ କଚିଲା ଝିଅ ଓ ସାତବର୍ଷର ପୁଅ । ଧନ ନାହିଁ, ସମ୍ପତ୍ତି ନାହିଁ—ଆହା କହିବାକୁ କେହି ନାହିଁ । ବୋଉ ପାଖରେ ଯାହାକିଛି ପେଟିରେ ଥିଲା, ସେତିକ ଶୁଦ୍ଧି ବ୍ରାହ୍ମଣ ଭୋଜନରେ ଅର୍ପଣ କରିଦେଇଥିଲା, ବ୍ରାହ୍ମଣ ଗୋସେଇଁଙ୍କ ପାଦତଳେ, ମୃତ ଆତ୍ମାର ସଦ୍‌ଗତି ପାଇଁ । ତା ପରେ ସବୁ ଶେଷ—ମୋ ଜୀବନ ନାଟକର ପ୍ରଥମ ଅଙ୍କର ସମାପ୍ତି ।

ଦିନ ବିତିଲା—ମଗୁଶିର ଯାଇଁ ପୁଷ, ମାଘ ଏମିତି କେତେ କଅଣ ଆସିଲା ଗଲା । ଆମ ଗାଁରୁ ଯିଏ ବିଦେଶ

ଅଠର—

ଯାଇଥିଲେ ସିଏ ଫେରିଲେ ! ନୂଆ ବୋହୂଟିଏ ଗାଁକୁ ଭିର ନେଇ ଆସିଲା । ହେଲେ ମୋ ବାପା ଆଉ ଫେରିଲେ ନାହିଁ ! ଧୂଳି ଲାଗିଲେ ଯିଏ ପଣତରେ ଝାଡୁଥିଲେ, ନିଦରେ ଶୋଇ ପଡ଼ୁଥିଲେ ଯିଏ ଶେଜ ପାଖରେ ଶୋଇ ଦେଉଥିଲେ—ସେ ବାପା ମୋର ଆଉ ଫେରିଲେ ନାହିଁ । ସବୁ ଅଳି, ସବୁ ଅଝଟ ଗାଁ ମୁଣ୍ଡ ମଶାଣି ବୁଦାମୂଳେ ଥୋଇଦେଇ ଆସିଲି । ସେଇଦିନୁ ଜାଣିଲି, କେହିନାହିଁ ମୋର । ସବୁ ଜଗନ୍ନାଥ ନେଇଗଲେ ।

ଆଜି ଏତିକି ଥାଉ, ପୁଣି ଆଉଦିନେ ଲେଖିବି । ଧୈର୍ଯ୍ୟଧରି ଚିଠି ପଢ଼ିବେ—ଗଳ୍ପର କାହାଣୀ ବୋଲି ଫିଙ୍ଗି ଦେବେନି । ପଢ଼ୁ ପଢ଼ୁ ଯଦି ଆଖିପତା ଓଦା ହୋଇ ଆସେ ତାହେଲେ ଲେଖିବେ—ମୁଁ ଆଉ ମୋର ଦୁଃଖ ପସରା ମେଲେଇବି ନାହିଁ । କି ଲାଭ ସେଥିରେ ? ରାତି ଅନେକ ହେଲାଣି । ସକାଳୁ ପୁଣି ରିହରସାଲ୍ ନୂଆ ବର୍ଷର । ସେଥିରେ ମୋତେ ଲକ୍ଷପତି ଜମିଦାର ବାନାମ୍ବର ଗୋଷ୍ଠୀରାୟଙ୍କ ଅଳିଅଳି ଝିଅ ଅଭିନୟ କରିବାକୁ ହେବ । ଖୁବ୍ ମନଦେଇ ଶିଖୁଚି । ହେଲେ ମୋ ଦ୍ୱାରା ହେଉ-ନାହିଁ । ଅଭିନୟରେ ପ୍ରାଣ ଦରକାର, ନା ? ପାରିଲେ ମତେ ଜଣେଇବେ । ସେ ଅଭିନୟ କିମିତି କରିବାକୁ ହୁଏ, ରହିଲି ।

ଆପଣଙ୍କର ଅଦରକାଙ୍କ୍ଷୀ

ତା ୧୪-୧୧-୫୭

ସ୍ନେହ

× × × ×

## ପରମ ପ୍ରୀତିଭାଜନେଷୁ !

ଆପଣ ମୋ ଜୀବନ ନାଟକର ଦ୍ୱିତୀୟ ଅଙ୍କ ଜାଣିବାକୁ ଚାହିଁଛନ୍ତି ବୋଲି ପୁଣି ଥରେ ଲେଖୁଛି । ବାପା ଆମକୁ ଛାଡ଼ିଗଲା ପରେ କୌଣସିମତେ କେତେଦିନ ଗାଁରେ କଟିଗଲା । କ୍ରମେ ଖୁଡ଼ୀଙ୍କର ଅତ୍ୟାଚାର ବଢ଼ିଚାଲିଲା । ଖୁଡ଼ୀ କହିଲେ "ଏ କାଳ ମହଙ୍ଗରେ ତିନି ତିନିଟା ପ୍ରାଣୀ ପୋଷାହେବେ । ଗୋଟାଏ ବୋଲି ଲୋକ କମେଇବାକୁ; ସେଥିରେ ଆଉ ଚଳିବ ନାହିଁ ।" ଘର-ଗୋଟାକର କାମ ସବୁ ବୋଉ କରିଯାଏ, ଯନ୍ତ୍ରଟି ପରି । ଯେତେ କଲେ ବି ଖୁଡ଼ୀଙ୍କ ମୁହଁରେ ସେଇ ଗୋଟାଏ କଥା—"କାଳ ମହଙ୍ଗା ଆଉ ସେଥିରେ ପୁଣି ତିନି ତିନିଟା ଅଦରକାରୀ ଜୀବନ । କି ଲାଭ ଏଗୁଡ଼ାଙ୍କୁ ପୋଷିବାରେ ।" ଦାଦା କହନ୍ତି "ତାଙ୍କର ଆଉ କିଏ ଅଛି ଯେ କେଉଁଠିକି ଯିବେ ?" ଖୁଡ଼ୀ ଦାନ୍ତ ଚିପି ଚୁପ୍ ରହିଯାନ୍ତି । ତାଙ୍କ ସହିବା ପଣକୁ ମୁଁ ଏବେ ଧନ୍ୟବାଦ ନ ଦେଇ ରହି ପାରୁନାହିଁ । ତଉଲି ହାଣ୍ଡିରେ ଭାତ ଫୁଟେ । ହେଲେ, ଖୁଡ଼ୀଙ୍କ ଟେଁଟେବେଳର ଠାଉଁସିଆ କଥାରେ ମନ ଫାଟି ଯାଉଥାଏ । ମୁଁ ବୋଉକୁ କହିଲି

କୋଡ଼ିଏ—

“ବୋଉ କାଲିଠୁଁ ମୁଁ ଯାଉଛି, କେଉଁଠି ହେଲେ ଧାନକୁଟି ଦ'ମାଣ ଘରକୁ ଆଣିବି ।” ବୋଉ ନିର୍ବାକ ହୋଇ ମୁହଁକୁ ଅନେଇଁ ରହେ, କାନ୍ଦେ, କିନ୍ତୁ ଆଖିରେ ଲୁହ ନ ଥାଏ । କୃଷ୍ଣିକୁ ସେତେବେଳକୁ ସାତ ପୂରି ଅଠ ପଶିଥାଏ । ଗାଈ ଜଗିବାରେ ସେ ଖୁବ୍ ପାରଙ୍ଗମ ହୋଇ ଯାଇଥାଏ । ହଡା, ବାଛୁରୀ, ଗାଈ ଧରି ସେ ଯାଏ ତୋଟା ମୁଣ୍ଡକୁ, ସଂଧ୍ୟାରେ ଫେରେ । ଦିନେ ଦିନେ ସଞ୍ଜ ବୁଡ଼ି-ଗଲେ ବୋଉ କହେ “ସ୍ନେହ ଦେଖିଲୁ ନାହିଁ ଟିକିଏ—ପିଲାଟା ଏଯାଏ ଫେରିଲା ନାହିଁ ।” ବାପା ଗଲାଠୁଁ ବୋଉର କଅଣ ହେଲା କେଜାଣି, ବେଳେବେଳେ ଅନ୍ୟମନସ୍କ ହୋଇ କଅଣ କେମିତି କରିପକାଏ । ଖୁଡ଼ୀଙ୍କର ତୁଣ୍ଡ ଫିଟେ, “ବୋଉ କାମକୁ ଯଦି ଦିହ ଚଳୁନାହିଁ ତା ହେଲେ ଏଠି ପଡ଼ିଚ କାହିଁକି ? ମୋ ପିଲାଙ୍କ ପେଟରୁ କାଟି ଭାଗିଦାର ହୋଇଚ,” ଏମିତି କେତେ କଅଣ । ରନ୍ଧାବଢ଼ା ବୋଉ କଲେ ବି ପରଶିବା ଭାର ଖୁଡ଼ୀଙ୍କ ଉପରେ । ଲକ୍ଷ୍ମୀମନ୍ତ ଖୁଡ଼ୀ ମୋର—ପରଷୁ ପରଷୁ ପ୍ରାୟ ସବୁ ତାଙ୍କର ପିଲାଙ୍କ ପତରରେ ପରଶି ଦେଉଥାନ୍ତି । କିଛି ଆଉ ନ ଥାଏ ଶେଷବେଳକୁ—କଂସା ଭିତରେ ପରଷୁଣିଏ ଭାତ ଓ ଶାଗ ଖରଡ଼ା ଟିକିଏ କୋଉଦିନ ବା ଲୁଣ । ସେଥିକୁ ପୁଣି ତନାତନିଟା ପେଟ ଓପାସିଆ, ବୋଉର ବେଶ୍ ଚଳିଯାଏ । ଦିହ କଅଣ ହଉଚି ବୋଲି ସେ ପାଣି ଢାଳିକ ପିଇ ହେଂସକୁ ଯାଏ । ବାକି ମୋ କଥା—ଆଖି ଲୁହ ଗୋଳି ହୁଇ ଗୁରୁଗୁଣ୍ଡା ହେଲେ ବହୁତ ବେଶି ।

ଦିନ ଗଲା, ଦିନ ଆସିଲା—ମାସ ପୂରି ବରଷ ବିତଲା ।

ଦିନେ ଖୁଡ଼ୀ ସଫା ସଫା ଶୁଣାଇ ଦେଲେ, “ଯେତିକି ହେଲା ସେତିକି, ଏଠି କଅଣ କିଏ ଥାଡ଼ି ଥୋଇଛି କି ? ଦେଢ଼ଶୁର ନା ଗାଡ଼ ଚୁଲି, ନାଁ ପାଉଁଶ । କାଲେ କିଏ ଖାଇ ଯାଇଥାନ୍ତା ବୋଲି, ବେନାମି

କରି ଦେଇଛନ୍ତି ସଂପତ୍ତି, ମଠ ବାବାଜୀ ନାଁରେ । ଯାଅଲେ ମା । ପୁରୁଷୋତ୍ତମ ବାବାଜୀ ମଠକୁ ଚାଲିଯା । ସେଇଠି ଅଣ୍ଟ ଉପରେ ଅଣ୍ଟ ପକାଇ ଦୁଇଓଳି ଅନ୍ନୁଆ ଖେଇ ଭଜନ ମାରିବୁ । ମହନ୍ତ ତ ଅନେଇଁ ବସିଛନ୍ତି । ଝିଅକୁ ମଥା କରେଇ ଦେଇ ନାକେ ମାଳି ଗଢ଼େଇବ ।" ବୋଉ ସହିପାରିଲା ନାହିଁ—କହିଲା, "ମଠ ଦୁଆରେ ଯଦି ବନ୍ଧକ ପଡ଼େଇ-ଥିଲେ ସେ ଧନରେ କଅଣ ଆଉ କାହାରି କିଛି ହେଇନି—ଏତେ ଜଲ୍‌ଗୁଣା ଦେବାରେ ଲାଭ!"

ରକ୍ତ ମାଂସ ଦେହ ଖୁଡ଼ୀଙ୍କର, ତାତିଗଲା । ସଙ୍ଗେ ସଙ୍ଗେ କାଠ ଫାଳିଆ ଧରି ବାହାରି ଆସିଲେ—ତାପରେ ଯାହା ହେଲା ଆପଣ ବେଶ ବୁଝି ପାରୁଥିବେ । ବୋଉ କୋଳରେ ମୁଣ୍ଡ ଗୁଞ୍ଜି ଭାଇ ଭଉଣୀ ଦୁହେଁ ପଡ଼ି ରହିଲୁ । ବେଳ ଯେମିତି ନିର୍ବାକ୍‌ଭାବେ ଖାଲି ଅନେଇଁ ବସିଥାଏ ଗାଁ ଗୋହିରି ଆଡ଼କୁ—

ରାତି ଅଧ କି ଛ' ଘଡ଼ି—ନିଶା ଗର୍ଜୁଛି ସାଇଁ ସାଇଁ । ଝାଉଁ ବଣରେ ପବନ ବାଜି ସାଇଁ ସାଇଁ ଡାକୁଛି । ଜିଲ୍‌ଆଠା ଦୂରରେ ଭୁକୁଛି କୁକୁର ହୋ—ମତେ ହଲେଇ ଦେଇ ବୋଉ କହିଲା, "ମ ଲୋ ଆଉ ଶୋଇଲୁ କଅଣ, ଆଉ କୋଉଥିକି ଆଶା, ଚାଲ—ରାତି ପାହୁ ନ ପାହୁଣୁ ବାହାରି ପଡ଼ିବା ।" ବୋଉର ସେଇ ପଦକ କଥା ଏବେ ମୋ କାନରେ ବାଜି ଯାଉଛି । କାନି ପଣତ ବେକରେ ପକାଇ ବୃନ୍ଦାବତୀଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲା । କଣ୍ଠରୁ ତାର ବାହାରି ଆସିଲା "ମା ଲୋ ସାତପୁରୁଷୀ ଭିଟାମାଟିକୁ ଆଶା କରି ପଡ଼ିବି ବୋଲି ଏ ଘରକୁ ଆସିଥିଲି । ହେଲେ ହେଲେ ତୋ ସେବାରେ ତ୍ରୁଟି କରନି, ଶେଷରେ ଦାଣ୍ଡକୁ ଠେଲି ଦେଲୁ ? ହେଉ, ତୋ ଇଚ୍ଛା !!

× × × ×

ବାଇଶି—

ଖାଲି ଦିନ, ଖାଲି ପଣତରେ ଆଗ ପଛ ହୋଇ ଗୁଲିଲ
ଆମେ ତିନି ପ୍ରାଣୀ । କେହି ଦେଖି ନାହାନ୍ତି ଆମକୁ ସେ ଦିନ ।
କାହାରି ନଜର ପଡ଼ିନ ଆମର ହତାଗିଆ ଜୀବନ ଉପରେ । ଖଣ୍ଡେ
ବାଟ ଉପରୁ ପଡ଼ିଲା ଗାଁ ମଶାଣି । ଦେହ ମୋର ଶୀତେଇ ଉଠିଲା
ଅଜଣା ଭୟରେ । ମୁଁ ବୋଉ ପଣତକୁ ଧରି ପକେଇଲି । କୁନ୍ତ ଆଙ୍ଗୁ
ଆସି କହିଲା "ବୋଉ ଲୋ, ଭାରି ଡର ମାଡୁଛି ।" ବୋଉ ତୁଣ୍ଡରୁ
କଥା ଫିଟିଲା ନାହିଁ । ଅସ୍ପଷ୍ଟ ଗଳାରେ କହିଲା "ଡରୁଛୁ କାହିଁକି !
ବାପା ତମ ଶମ ମୂଳେ ଶୋଇଛି !!"

× × × ×

ତିନି ଦିନ କାଷ୍ଠା ଉପାସରେ ଆମେ ଆସି ପହଞ୍ଚିଲୁ, ଆମ
ଗାଁ ଠୁଇଁ ଗୁଡ଼ିଏ ଅନେକ ଦୂରରେ । କେହି ଚିହ୍ନି ପାରିଲେ ନାହିଁ ।
କିଏ କେମିତି ବାଟରେ ଦେଖିଲେ ପଚାରିଲେ, 'ମା କେତେ ବା
ଯାଉଛ ? ଆଜି ପହଞ୍ଚିବ କି, ନା ରାତିରେ କୋଉ ବନ୍ଧୁ ଘରେ କୁଣିଆ
ହେବ ?" ବନ୍ଧୁ ଘରେ କୁଣିଆ ହବା କଥା ଶୁଣିଲେ ମନରେ
ଟିକିଏ ଦମ୍ଭ ଆସୁଥାଏ । ମନେ ପଡୁଥାଏ କୁଣିଆଙ୍କୁ ଲୋକେ
କେତେ ଆଦର କରନ୍ତି, କେତେ ନୂଆ ଦରବ ଦିଅନ୍ତି ।
କୁଣିଆଟି ପୁଣି ଲାଜରେ ହେଇ ଇଚ୍ଛାଥିଲେ ବି ନାହିଁ ନାହିଁ କରେ ।
ବନ୍ଧୁ ଘର, ଆଉ କୁଣିଆ—ଟମଲାର ସାମାଜିକ ବିଧାନ ! ଯେଉଁଠି
ପୁଣି କୁଣିଆ ହୋଇ ଯାଇ କିଏ ହଜାଏ, କିଏ ପାଏ—କିଏ ଦେଇ
ଆସେ, କିଏ ନେଇ ଯାଏ । ସେ ଦିନ ରାତି କଥା ମନେ ପଡୁଛି ।
ଆପଣ କୁଣିଆ ହୋଇ ଆସିଥିଲେ ବନ୍ଧୁ ଘର । କଅଣ ଦେଇ
କଅଣ ନେଇଗଲେ ସେ କଥା କେହି ଜାଣିଲେ ନାହିଁ । କେବଳ

—ଚେଉଣ

ମୁଁ ଜାଣିଛି, ଦେଇଗଲେ ଗୋଲାପି ଧାର ବୋଲା ଅତି ଆଦରର ରୁମାଲଟିଏ । ଆଜ ନେଇଗଲେ.................?

× × × ×

ଦୁନିଆର ବାଟ ବହୁତ ଲମ୍ବା । ବାଟ ପରେ ବାଟ—ଯେମିତି ବାଟର ଆଉ ଶେଷ ନାହିଁ । ଗୋଟିଏ ବାଟରୁ ପୁଣି ଗୋଟାଏ ସାପେଇ ସାପେଇ ହୋଇ ଲମ୍ବେଇ ଯାଇଛି କେତେ କୁଆଡ଼କୁ । ଟିକିଏ ବାଟ ଭୁଲିଗଲେ-ବଣା । ଲକ୍ଷ୍ୟ ସ୍ଥାନରୁ ମଣିଷ ପହଞ୍ଚେ ଯାଇ ବହୁ ଦୂରରେ । ବାଟ ଅବାଟର ଖିଆଲ ମୋର ନଥିଲା । କେବଳ ବୋଉ ପଣତ ଧରି ମୁଁ ଆଗେଇ ଆସିଥିଲି ଗୋଟାଏ ବାଟରେ । ବୋଉ କହୁଥିଲା, ବଡ଼ବାପା ଝିଅ ଭଉଣୀ ପୁରୀରେ ବାହା ହେଇଛି, ଅନେକ ଦିନୁ । ପିଲାପିଲି ନେଇ ଘର କରିଚି । ସେଇଠି ମୋର ଆଶ୍ରା । ମନର ଧନ୍ଦି ନେଇ ଆଗେଇ ଚାଲିଲି ବୋଉ ସାଥିରେ । ଗଲ ଅଭଲ ଯାତ୍ରୀଙ୍କ ଆଖି ମୋ ଉପରେ, ମୁଣ୍ଡଠାରୁ ପେଟ ପର୍ଯ୍ୟନ୍ତ । ଯେମିତି ଝିଲକୁ ଅନାଇବା ଶିଖି ନାହାନ୍ତି ସେମାନେ । ଯୋଉଠିକା କଥା କହୁଚି, ସେଠୁ ପୁରୀ କେତେ ବାଟ ଜାଣେ ନା । ହେଲେ ଇଠା ବ୍ ...କ ଗାଡ଼ି କାହାକୁ ଚହନ୍ତି ସେ ଦିନ ଜାଣିଲି । ଇଠାବୁଢ଼ା ଦେଦାସ ...କଗାଡ଼ି ବି ବେଳେ ବେଳେ କଅଁଳିଆ ଜୀବନ ବୋହିବାକୁ ...ଶୁଛା କରେ, ମନ ବଳାଏ । ଡ୍ରାଇଭର ବାବୁ ଓହ୍ଲାଇ ଆସି କହିଲେ 'କେତେ ବାଟ ଯିବ ? ପୁରୀ ନା, ଆସ ମ ଆମ ଗାଡ଼ିରେ—ଏତେ- ...ଡାଏ ବାଟ ଚାଲି ପାରିବ ନା ?" ମୁଣ୍ଡରୁ ପେଟ ପର୍ଯ୍ୟନ୍ତ ମତେ ...ନଖି କରି ଗଲେ । ଛାତି ମୋର ଦପ୍ ଦପ୍ କରି ପଡ଼ିଲା । ମନେ ...ହେଲା ଏକୁଟିଆ ଥିଲେ ଡ୍ରାଇଭର ବାବୁ, ବିନା ଲଣରେ କାମୁଡ଼ି ...ରି ଚୋବେଇ ଯାଆନ୍ତେ । ଅଣ୍ଡିରି ପୁଅଙ୍କ ନଜର ଏମିତି ନା ? ...ହେଲେ ଆଜି ଆଉ ଡର ଲାଗୁନି । ନାତି ପ୍ରତି ଦକାରେ ଆଖି ନିବନ୍ଧ

ତବଶି—

ରହୁଛନ୍ତି ମୋର ରଙ୍ଗମଖା ଯୌବନ ଉପରେ । କିଏ ନବାକୁ ଚାହୁଁଛନ୍ତି ଓ ଆଉ କିଏ ଦବାକୁ—ସତରେ ଭାରି ହସ ମାଡ଼େ !

ସାଢ଼େ ୮ଟା ବେଳେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଲି । ଚାଲି ଚାଲି ପାଦ ଦି'ଟା ଫୁଲି ଯାଇଥାଏ । ଅପା ଦୁଆର ମୁହଁରେ ଦୋଦୋ ଚିହ୍ନା ହେଲି । ଯାଇ ପଚାରି ପଚାରି କେତେ କଷ୍ଟରେ ଆସିଚୁ ; ଦୁଆରୁ ବାହାରି ଗଲେ ଜଣେ ଭାଇନା । ଏବେ ଭାଇନାମାନଙ୍କୁ ମୁଁ ଚିହ୍ନିଗଲିଣି । ଆଖି ତାଙ୍କର ନାହିଁ କହିଲେ ଚଳେ । ଦିନ ବେଳେ ଘଣ୍ଟାଏ ପହରେ ଅନାନ୍ତି, ଆଉ ପ୍ରାୟ ସଦାବେଳେ ବନ୍ଦ । କାନ୍ଧରେ ପାଚିଲି ଗାମୁଛା, ଆଖି ପତା ଉପରେ ସିନ୍ଦୁର, କାନ୍ଧରେ ଗୋବରା ଚଟେଇ—ହସ ହସ ମୁହଁକୁ ଭଞ୍ଜଙ୍କ କବିତା ! ସତେ ଯେମିତି ଭଞ୍ଜକବି ମୁହଁ ମାପ ନେଇ କବିତା ଲେଖିଥିଲେ । ବଡ଼ କଷ୍ଟରେ ଆଖି ଖୋଲି ସେ କହିଲେ, "କିଏ ଗୋ ? କେଉଁ ମୁଲକରେ ଘର ? ପଣ୍ଡା କିଏ ? ବସ,ଘର ନଖାଜୁଚ ? ଅସୁ ନ, ଭଲସାଇ ଯୋଗା ଘରକୁ । କେହିପୋ! ଖିଆଣ, ପିଆଣ ସବୁ ଯୋଗାରୁ ମିଳିବ ।" କଥାର ସୁଅ ଛୁଟେଇ ଦେଲେ । ଆଖି ଆହୁରି ବଡ଼ କରି ଅନେଇଲେ । ପାଖକୁ ଲାଗି ଆଇଲେ । ଯେମିତି ପାଚିଲା ଠିକ୍ ଅଣ୍ଡ ହାତ ପାଆନ୍ତା ଆମ୍ବ ଫଳ ତୋଳି ନେବେ । ମୁଁ ଘୁଞ୍ଚି ଗଲି । ବୋଉ ଜୋରରେ ପଚାରିଲା "ଏଠି ପ୍ରାଣବନ୍ଧୁ ସାନ୍ତ୍ରାଙ୍କ ଘର କେଉଁଠି ?" ଭାଇନା ହସିଲେ ଜୋରରେ—ଓଃ ପ୍ରାଣବନ୍ଧୁଙ୍କୁ ଖୋଜୁଛ, ସେ ତ ଥିଲେ ଦାମିନୀ ମାହାନ୍ତି ପିଣ୍ଡାରେ । ତାଙ୍କ ଘରଣୀ, ମାନେ ବୋହୂପୁଅ ଆମ ସାବାନାଜୀ ଘରେ ଅଛି । ମୁଁ ଆଇଲି, ତମେ ଯା । ଲୋ, ସାବା—ସାବା··· । ମନ୍ଦିରଶୀଅଲ ଛୁଇଁ ଭାଇନା ଡାକିଲେ । ତାପରେ ଭଞ୍ଜ କବିତା ଗାଇ ଗାଇ ନଗର କୀର୍ତ୍ତନରେ ବାହାରି ପଡ଼ିଲେ ।

'ଆଜି ଦେଖିଲିରେ ନବୀନବୟସୀ ବାଳା !

କି ଲାସ୍ୟ--କି ତାନ--କି ସେ ଅପରୂପ କାନ୍ତି--ଗୁଲୁଛଟେକ ।
ନାଥଙ୍କର ନାଇଷ୍ପ ପିଲାପିଲି ନା-ସେଇଥି ପାଇଁ······ ।

× × × ସାବୀ ଅପା ନାଁ ଶୁଣିଥିଲି । ଦେଖୁ ନଥିଲା ବେଳେ, ତାର ବାହାଘର । ବୋଉ ମୁହଁରୁ ଶୁଣିଛି ପୁରୀରେ ସଂସାର କରୁଛି ବୋଲି । ସାବୀ ଅପା ଭିତରରେ ବାହାରି ଆସିଲା । କହିଲା, "ଆଲୋ ଇଏ କଅଣ ! ଏ ଅନୁଭବ କୁଆଡ଼େ"? ବୋଉ ବାହୁନି ବସିଲା ତାର ଯେତକ ଦୁଃଖ । ପାଖ ପଡ଼ୋଶୀରୁ ମଇପେ ଜମା ହୋଇଗଲେ । ଆହା କଲେ, ଚୁନି ଖେଲେ । ସାବୀ ଅପାକୁ ଦାଣ୍ଡକତ ହେଲି । ଖଣି ନେଇ କହିଲା, "ଆଲୋ ଏତୁଟିଏ ହେଲୁଣି ! ମୁଁ ଆଗରୁ ଜାଣିଥିଲେ କଅଣ ଏତେ ହନ୍ତସନ୍ତ ହୋଇ ଥାଆନ୍ତୁ ? ଯା ବଡ଼ ଡ଼ହକ ଆଖିରେ ପାଣି ପଡ଼ିଲା ।" ଭାବି ଗଲି କେତେ କଅଣ । ଭଗବାନ ଏତେ ସ୍ନେହ ପୁଣି ରଖିଥିଲେ ଭାଗ୍ୟରେ !

ଆପଣ ତ ଆମ 'ନଷ୍ଟ ଉର୍ବଶୀ' ନାଟକ ଦେଖିଥିବେ । ମଣୀ ଅପାକୁ ଉର୍ବଶୀ ମିଳିଲା ପରେ, ଜଗନ୍ନାଥେ ପୁଣି ମୋ କପାଳକୁ ସାବୀ ଅପାକୁ ଯୋଖି ଦେଲେ ।

ଗୋଡ଼ ହାତ ଧୋଇ ଆମେ ଖାଇ ବସିଲୁଁ । ସାତ ଦିନରେ ଅନ୍ନ ମୁଠାଏ ! ଅପୂର୍ବ ଲାଗୁଥାଏ । ଅପା ମେଲେଇ ବସିଲା, ତା ଦୁଃଖ କାହାଣୀ--ବୋଉ ଆଗରେ । ହେଲେ ଭାଇଙ୍କର ତ ଏ ଯାଏ ଦେଖା ନାହିଁ । ମୋଟା ମୋଟି ଶୁଣିଲି, ଭାଇଙ୍କର ୫ଟା ପାସ୍ । ଜଗନ୍ନାଥ ଧାମରେ ରହୁ ତେର ନୀତ ବାଇଶି ଅବକାଶ ଭଳି—ଭାଇ ଆମର ସକାଳଠାରୁ ରାତି ଦୁଇଟା ପର୍ଯ୍ୟନ୍ତ ଯେତେ ପ୍ରକାର ସରକାରୀ ବେ-ସରକାରୀ ନିଶା ଅଛି ସବୁ ପାସ୍ କରିଚନ୍ତି । ଦୂରରୁ ସଙ୍ଗୀତ

ଛବିଶି—

ଶୁଭିଲା—ପୁଣି ଭଞ୍ଜଙ୍କ ସଙ୍ଗୀତ । ଛାଣିଗଲି ଭାଇନା ଆସିଲେ ବୋଲି କିନ୍ତୁ ଏକା ନୁହଁନ୍ତି ସାଙ୍ଗରେ ଆମର ଭଉଣୀ ।

ଭାଇନା କହିଲେ, "ଦେଖ୍ ରେ ପ୍ରାଣବନ୍ଧୁ, ତୋ ଘରେ କେମିତିକା କୁଣିଆ । ବୋହୂପୁଅ ପିଲା ମାଇପଙ୍କୁ ଏଠି ପକେଇ ଦେଇ ଦାମିକା ମାହାରୀ ପିଣ୍ଡାରେ ବସିଛୁ ? ସେମିତି ହେଲେ 'ପରାଣି', ତୋର ମୋର ସାଙ୍ଗ ଏତିକି । ବୋହୂପୁଅ ସାତ ସାଉଠା ନିଶା ଖାଇବୁ, ତେର ଗଳି ବୁଲିବୁ, ମୁଁ କେତେ ତୋ ଘର ସମ୍ଭାଳିବି ? ହଉ ଦେଖ ମୁଁ ଗଲି । ସାବାନାନୀ ହାତଧରି ନେ ।" ଭାଇନା 'ଭଞ୍ଜଙ୍କୁ' ଧରି ପୁଣି ବାହାରିଲେ ।

"ଜୀବନ ବନ୍ଧୁ ମାଗୁଣି ମାଗୁଛିରେ ଏତିକି, ନାହିଁ କରିବୁ ନାହିଁ ଟି........"ଉଁଃ ! ବୋହୂପୋ, ପାହେ ଗୋବରିରେ........

× × × ×

ହସ ମାଡୁଥିବ ଏ କଥା ପଢି ନା ? ହସ ମାଡ଼ିବାର କଥା । ଆପଣଙ୍କ ଦୁନିଆଠୁ ଅଲଗା ନିଆରା-ଏଠି ମାନ ନାହିଁ, ଧନ ନାହିଁ, ମହତ ନାହିଁ କେବଳ ରହିଛି ବଞ୍ଚିରହିବାର ଅମୋଘ ପିପାସା । ଆଜି ଏତିକି ଥାଉ । ରାତି ଅଧିକ ହେଲାଣି । ପୁଣି ପର ଚିଠିରେ ଲେଖିବି । କାଲି ସକାଳେ ନୂଆବହିର ରିହର୍ସାଲ । ସେଥିରେ ମୋ ର ଅଭିନୟ ଅପରୂପା ଲାସ୍ୟମୟୀ ସଙ୍ଗୀତରାଣୀ 'ଲକ୍ଷହୀରା' ଭୂମିକାରେ । ଯା'ର ପ୍ରଚଣ୍ଡ ଯୌବନ ଓ ମୂର୍ଚ୍ଛନା ଆଣିଦେବ ଲକ୍ଷହୀରାର ନଳବାଣ । ଉଭାଙ୍ଗ ସଙ୍ଗୀତ ବୋଲି ମୁଁ ଦର୍ଶକଙ୍କୁ ମୁଗ୍ଧ କରିବି । ପାଟିଲେ କହିବେ:—କେଉଁ ତନ୍ତ୍ରୀରେ ଆଘାତ କଲେ ଉଭାଙ୍ଗ ସଙ୍ଗୀତ ବାହାରେ-ସଂଗୀତ ହୁଏ ପ୍ରାଣସ୍ପର୍ଶୀ —ଆଜି ଏତିକି । ମେଟ୍ରେ ଭାତଗଣ୍ଡା ଏ ମୁଗଡ଼ାଳପାଣି ଓ ଖଡ଼ାସିଇ ଥୁଆହେଇ ଶୁଖିଲାଣି । ଆପଣଙ୍କ ଉଦ୍ଦେଶ୍ୟରେ ସେତକ ନେଇ ବେଦ୍ୟ

—ସତେଭଉଣି

କହି ବିଦାୟ ନେଉଛନ୍ତି । ମନେ ଯଦି ପଡ଼େ ତା'ହାଲେ ଟିକିଏ ମନେ ପକେଇବେ । ଜୀବନ ନାଟକର ତୃତୀୟ ଅଂଙ୍କ ଲେଖିବ "ଲକ୍ଷହୀରା"ର ମଞ୍ଚମୁକ୍ତି ପରେ—ହିଁ ଆପଣଙ୍କ ଦୋହମନ କଥା ପଦେ ଲେଖି, ଅଶାନ୍ତ ମନକୁ ଟିକିଏ ସାନ୍ତ୍ୱନା ଦେବେ ବୋଲି ସବିନୟ ଅନୁରୋଧ ।

ଆପଣଙ୍କର

୨୭ । ୧୧ । ୧୯୫୭ ଚରଣାଶ୍ରିତ

ସ୍ନେହ

## ପ୍ରାଣର ............

ଆକାଶରେ ପ୍ରାନ୍ତଆଷାଢ଼ର ଘନଘଟା । ମନଭିତରେ ଉଠିଛି ଝଡ଼ କାହିଁକି ଜାଣେନା । ନିଶା ଗର୍ଜୁଛି । ଆପଣ ବିଦାୟ ନେବାର ଅନେକ ଦିନ ହେଲାଣି--ମନେପଡ଼ୁଛି ସବୁ କାଲିପରି-ଏମିତି ସେଦିନ ବି ଉଠିଥିଲା ଝଡ଼--ଦେହମନ ସେଦିନ ହୋଇଉଠିଥିଲା ଉତ୍ତପ୍ତ । ଆଜି କିନ୍ତୁ ସବୁ ଅବଶ-ସବୁ ଶିଥିଳ । ଅଜାଣତରେ ଆପଣଙ୍କ ପାଇଁ ମନରେ ଜାଗିଛି ଅସରନ୍ତି ବେଦନା । ବିଦାୟବେଳେ ଆପଣ କହିଥିଲେ 'ଭୁଲିଯିବନି'--ଭୁଲିପାରିବନି ସେଇଥିପାଇଁ । ହେଲେ, ମନେରଖି କି ଲାଭ ? ମନେ ରଖିଲେ କଅଣ ଆନନ୍ଦମିଳେ । 'ଲକ୍ଷହୀରା'ର ଶୁଭ ଉଦ୍‌ବୋଧନ ହୋଇଥିଲା ଆଜି । ପତି ପରିତ୍ୟକ୍ତା ଲକ୍ଷହୀରା ଆଜି ସଂଧ୍ୟାରେ ମେଲାଇ ଦେଇଥିଲା ତାର ଯୌବନର ବିପଣୀ ଲକ୍ଷେ ସ୍ୱର୍ଣ୍ଣମୁଦ୍ରାପାଇଁ । ସ୍ୱର୍ଣ୍ଣମୁଦ୍ରା ମିଳିଲା ସତ, ହେଲେ ମନର ମଣିଷ ତ ମିଳିଲାନାହିଁ । ଚମତ୍କାର ନାଟ୍ୟକାରର କଳ୍ପନା ! ଲକ୍ଷହୀରାର ବିପଣୀରେ ଧନୀ, ମାନୀ ସମସ୍ତେ ଦେଇଗଲେ ତାଙ୍କର ଯଥାସର୍ବସ୍ୱ । ଅଭିନୟ ସରି ଏଇମାତ୍ର ଫେରୁଛି । 'ଲକ୍ଷହୀରା' ତାର ପ୍ରାପ୍ୟପାଇଲା ଦର୍ଶକର କରତାଳିରେ, ହେଲେ

—ଅଣତରଣି

ଲକ୍ଷହୀରାର ଅଭିନେତ୍ରୀ କଅଣ ପାଇଲା ?. ତାର ନିବେଦନର କଅଣ ମୂଲ୍ୟ ନାହିଁ ? କଅଣ ଲେଖିବାକୁ ଯାଇଁ ସବୁ ଗୋଳମାଳ କରି ପକାଇଲି ! ହଁ, ମନେ ପଡ଼ିଗଲା ଜୀବନନାଟକର ତୃତୀୟ ଅଙ୍କ ଆପଣଙ୍କୁ ଲେଖିବାର କଥା, ନା·············· ?

ଅପା ଘରେ କେଇଟି ଦିନ ଭଲରେ ବିତିଗଲା । ହେଲେ ତାର ଦୁଃଖକଥା ଆପଣଙ୍କୁ ନକହି ରହିପାରୁ ନାହିଁ । ତା ଜୀବନରେ ଦିନେ ବର ଆସିଥିଲା ପାଲିଙ୍କି ଚଢ଼ି, ଆ ଉ ପାଞ୍ଚଟା ଝିଅଙ୍କ ବର ମରି ସମସ୍ତେ କହିଲେ ରାଜଯୋଟକ, ବଡ଼ ପାଟିରେ ପୁରୋହିତ ମନ୍ତ୍ର ପଢ଼ିଥିଲା ।

"ମମାଣିତେ କର୍ମଣାଚ୍ଛଦୟାମୀ, ସ୍ୱମସ୍ତୁ ରାଜା ହୃଦୟେ ନୃବସ୍ଥା" କିନ୍ତୁ ବେଦର ସେ ମନ୍ତ୍ର କୁଆଡ଼େ ଗଲା ? ପୁର୍ବରେ ଆସି ଅପା ସୁଖରେ ଘର କରିଚି ମାତ୍ର ଦିନକେଇଟା ଭଉଣୀଙ୍କର ଗୁମାସ୍ତା ଗୃହକର୍ତ୍ତା ; ତାହାଁରେ ପୁଣି ବଡ଼ପଣ୍ଡା ଘରର । ସବୁଅଧିକୁ ଭଣୋଇ ପେଇଲେ ଅପା ଭାତ କାଢ଼ିଦିଏ । ହେଲେ ଭାତଗୁଣ୍ଡାକୁ ହାତ ନଦେବା ତ ଦୂରର କଥା ସେ ସେଇଠି ଛେଳି ପଡ଼ନ୍ତି । କି ନିଅଣ୍ଟୁଣା ସ୍ୱଭାବ--ନିତନିତ ସେଇ ଗୋଟାଏ ନିଶା-ଗଞ୍ଜେଇ ନିଶା-ଭାଙ୍ଗନିଶା । ହଲେଇଲେ ଉଠେନା, ଉଠେଇଲେ ବି ବସେନା । ଦିନ ବିତିଲା--ଭାଙ୍ଗରୁ ଆସିଲା ଗଞ୍ଜେଇ, ତାପରେ ଅଫିମ, ତାପରେ ବୋତଲ ତାପରେ ଆଉ ଯେତେ ଯାହା । ଅପାର ସୁନା ସଂସାର କ୍ରମେ ଚୁନା ହୋଇଗଲା । ଯାହା ଆସିଲା ଘରକୁ ସେ ସବୁ ନିଶା ପାଣିରେ । କ୍ରମେ ସାଙ୍ଗ ଆସିଲେ—ଯୋଗାଢ଼ର ସାଙ୍ଗ ଆଜି ଚନ୍ଦନ ମଉଜ ତ କାଲି ଝୁଲଣ ମଉଜ ଏମିତି କେତେ କଅଣ । ଅପା ଅପେକ୍ଷା କରିଚି ଦିନ ଦିନ ମାସ ମାସ ଧରି । ପ୍ରଚଣ୍ଡ ତାପରେ ବସୁଧା କଷ୍ଟ ଭରିଲେ । ଯୌବନର ତାପ ତାଠାରୁ ଅଧିକ । ସେ ବି ଦିନେ ଡରିଗଲା । ଯାହାଗଲା ତା ଆଉ ଆସିଲା ନାହିଁ । ଅପନ୍ତା କମିତି ? ସେ ପସି ଯାଇଛନ୍ତି × × × × × × ଘର ଗୁରୁଅଡ଼େ

ଗୋଟେଇ ଆଣିଲେ ହାଣ୍ଡିଲାକୁ ନଅଣ୍ଟ । ସେଥିରେ ପୁଣି ଆମେ ଛଅ ଛନାଟା ପ୍ରାଣୀ । ଅଧାଘର ପାଖେ ମଠରକ୍ଷାଣ୍ଡ । ଦାନସାଗ ଥକାହୋଇ ଗାଡ଼ିଗୁଡ଼ାଙ୍କ ସେଇଠି ନିଶ୍ୱାସ ନଅନ୍ତି । କୃଷ୍ଣ ଆମର ଦେଖେ, ଆଉ ପାଞ୍ଚଟା ପିଲା ଗାଡ଼ିଟା ପୋଛିଦେଇ ଗୁଡ଼ପଇସା ପାନ୍ତି । ସେ ବି ତା ମନକୁ ବାଟ ଧରି ନେଲା । ଦିନେ ଦିନେ ଦୁଇ ଛଅଅଣା ହୋଇଯାଏ ଚନାଚୁର ପୁଡ଼ିଆଟା କେଉଁଦିନ ବା ବାରମଜା । ମତେ ନୁଚେଇ କହେ ଅପା ଖାଇବୁନି ଦିଟା ? ମନେ ପଡୁଛି ସବୁ-ତାର ସେ କଅଁଳ ନିବେଦନ ତାର ସେ ମିନତି ଭରା ଗୁହାରୀ ଓ ଅବଶ ଅଭିମାନ— ଏଇ କାଲି ପରି ।

ଏପାଖ ସେପାଖ ହୋଇ ଗୋଟାଏ ମାସ ବିତିଲା । ଅପାର ସାନ ସଂସାର ଆମରି କୋଟରେ ଦୋହଲିବାକୁ ଲାଗିଲା । ଭିଣୋଇଙ୍କର ଦିନଯାକ ଦେଖା ନଥାଏ । ତାଙ୍କର କେଉଁଦିନ ରାତି ବାରଟା ତ, କେଉଁଦିନ ଗୋଟାଏ । ଏହାରି ଭିତରେ ବାକି ଯେତେ ସମୟ, ସେ ସମୟର ମୁରବି ହେଉଛନ୍ତି ଭାଇନା । କ୍ରମେ ଦିନ ଗଲା, ଭାଇନା ଗଲେ ଆଖି ମିଟିଲା-ତାପରେ ଦିନେ·····

ଭାଇନା ହସ ହସ ମୁହଁରେ ଘରକୁ ପଶି ଆସିଲେ—ମୁଁ ଲଜ୍ଜା ହୋଇ ଗୋଟାଏ କରକୁ ଆଉଜି ଠିଆହେଲି । ବୋଉ ଓ ଅପା ଦୁହେଁ ଯାଇ ଥାଆନ୍ତି ସନ୍ଧ୍ୟା ଆଳତି ଦର୍ଶନକୁ । ଭାଇନା କାନ୍ଧ ଗାମୁଛାଟା ତଳକୁ ଆଣିଲେ ଆଉ ତା'ର ଭିତରୁ ବାହାର କଲେ ନାଲି ଫରଫର ପାଟ ଲୁଗାଟିଏ ଓ ଗୋଟିଏ ବାସନା ତେଲ ଶିଶି । ଦଶେଷ୍ଟି ବଚନରେ ଆରମ୍ଭ କଲେ:—ମଲି ଏତେ ଲାଜ କାହିଁକି କରୁଛୁ ମ ? ଆଲୋ ମୁଁ ପରା ଏ ଘରର ସବୁ । ଶୁଣ୍, ପାଖକୁ ଆ । ଆଜି ଏତିକି ଦଉଛି, ଏସନ ଚନ୍ଦନକୁ ବେହୁପୁଅ ଯାସୀ ପୁରୁଞ୍ଜି ପଡ଼ିଲେ ନାହିଁ । ହଉ, କିଛି ପରୱା ନାହିଁ—ଗୋଡ଼କୁ ମୁଣ୍ଡ ଯାକେ ଭରତି କରିଦେବି ।

—ଏକତିରିଶି

ମୁଁ ପ୍ରଥରଟି ପରି ଠିଆ ହୋଇଥାଏ-ଗୋଡ଼ଠୁ ମୁଣ୍ଡ ପର୍ଯ୍ୟନ୍ତ ଥରୁଥାଏ । ଏ କଅଣ ? ଶେଷରେ କଅଣ ମୋ ର ଯାହାକିଛି ନିଜର ସବୁ ଏଇଠି ବଳି ପଡ଼ିବ ? କିନ୍ତୁ ଭାବି ମୁଁ ର କରିପାରିଲି ନାହିଁ । ଭାବିଲି, ଚିତ୍କାର କରିବି-ଡ଼ାକିବି ବଡପାଟିରେ । ସେତେବେଳକୁ-ଭଦ୍ରନା ଅଚ୍ଛୁର ପାଖକୁ ଲଗି ଆସିଥିଲା । ହାଉଆ ହାଉଆ ହାତ ଦଇଟା--ପ୍ରାୟ କାନ୍ଧ ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ । ମୁଁ ପାଟିକରି ଉଠିଲି "ଏ କଅଣ ? ଆପଣଙ୍କର କଅଣ ମା ଭଉଣୀ ବିଗୁର ନାହାଁନ୍ତି--ମୋ ପ୍ରତି ଏମିତି ବ୍ୟବହାର କରୁଛନ୍ତି ?" ହେଲେ ସେ ଶୁଣିବା ଜନ୍ତୁ ନୁହେଁ । ଜଅନ୍ତା ରାକ୍ଷସ ପରି ଆଖି ଦିଟା ବଡ଼ ବଡ଼ କରି ସେ ପାଖକୁ ଲଗିଆସିଲା । ହାତ ଦିଟା ତାର ମୋ···ଛୁଁ ଛୁଁ ! କହିବାକୁ ଲଜ୍ଜା ମାଡୁଛି । ଦୂର୍ ଜୋରରେ ଧକ୍କାଟାଏ ପକାଇଲି । ନିଶାରେ ଢଳିଲା ଭଦ୍ରନା ପିଣ୍ଡା ତଳକୁ ଓଲଟି ପଡିଲା । ଦେହ ମୁଣ୍ଡ ଝାଡୁଅ--ଜରଜର ରାଗରେ ନିଆଁବାଣ ହୋଇ କହିଲା, "ଅଚ୍ଛା ଟୋକୀ ! ଦେଖିବି ତୁ କେମିତି ଏ ସହରରେ ରହିବୁ । ଗାଁରୁ ନୂଆ ଆସିଛୁ ନା, କେହିପୁଅ ଯଦି ତୋତେ ନେଇ ପେଗା ଘର ଚନ୍ଦନ ମଣ୍ଡଳରେ ଠିଆ ନ କରେଁ, ତୁ ଦେଖିବୁ ।"
ଏଇଠି ଏଇ ସହରରେ ଅନେକ ଦିନୁ ଅଛି । ପ୍ରତିଦିନ ଏମାନଙ୍କ ପେଗା ମଣ୍ଡଳ କଥା ଶୁଣେ—ଜଗନ୍ନାଥଙ୍କ ପବିତ୍ର ନାମରେ--ତାଙ୍କର ବାହୁଚ୍ଛାୟା ତଳେ ରହି, ଏମାନେ ଯାହା ଯାହା କରନ୍ତି; ତା ସଭ୍ୟ ସମାଜରେ ନିତାନ୍ତ ଅସହଣୀୟ । ସେମାନଙ୍କର ଗରଳଦିଗ୍ଧ କୃତ୍ରିମ ଭଙ୍ଗିତରେ କେତେ ଦେଶ ଦେଶାନ୍ତର ଝିଅବୋହୂ—ତାଙ୍କର ଇଙ୍ଗିତ ମାତ୍ରେ ମିଶେଇଯାନ୍ତି,—ତାର ଠିକଣା ନାହିଁ—ରଥେ, ରୂପେ, ଶ୍ରୀମନ୍ଦିରେ, ଜଗନ୍ନାଥଙ୍କର ଦିବ୍ୟ ଦୃଷ୍ଟିତଳେ, ଭାରତର ଅଗଣିତ ଦ୍ରୌପଦୀ ଛଡବସ୍ତ୍ରା ହୁଅନ୍ତି--କେବଳ ଧର୍ମର ପ୍ରବଞ୍ଚନାରେ ।

× × ×

ବଟଣି—

ଭାଇନାଙ୍କର ଶୋଚନୀୟ ପରାଜୟ ପରେ ଅପାର ଦବ୍ୟ ଦୃଷ୍ଟିରେ ଆସିଲା ବିରାଟ ପରିବର୍ତ୍ତନ । ଅମା ବି ଖୁଡ଼ୀ ପରି ଜବାବ ଦେଲା—"କେତେଦିନ ବସି ଖାଇବ, ଗୋଟିଏ କିଛି କର । ଏଠିସବୁ ବଙ୍ଗାଳି ବାଡ଼ିମାନ ଅଛି, ସମୁଦ୍ର କୂଳରେ । ପାଇ ମୋକ୍ଷ କରିବାକୁ ଆସିଛନ୍ତି ଶ୍ରୀକ୍ଷେତ୍ର । ସେମିତି କା ଘରେ କାମଦାମ ମିଳିଗଲେ ଭଲ । କୃଷ୍ଣକୁ ତା ଭଣେଇ ହୁଏତ କୋଉ ଗୁଁ' ଦୋକାନରେ ରଖେଇ ଦେଇପାରେ । ଆଉ ସ୍ନେହ--ସେତ ବଢ଼ିଲା ଝିଅ । ତାକୁ ତମେ ଯଦି କହିବ ତମ୍ଭୁ ପାଖରେ ରଖିଥିବ । ବର ପାଏ ଟିଏ ମିଳିଲେ ତା କିନାରା ହୋଇଯିବ" । ମୋ ମୁଣ୍ଡରେ ବଜ୍ର ପଡ଼ିଲା-ଭଗବାନ ! ଶେଷକୁ ତମର କଅଣ ଏଇ ଇଚ୍ଛା ! ଭାବିଭାବି ଦେହ ମୋର ଦକଡାର ହୋଇଗଲା, ହେଲେ ମରଣ ହେଲାନାହିଁ । ହୁଅନ୍ତା, କେମିତି--ସେଦିନ ମରଣ ହୋଇଥିଲେ ତୁଣି ଆପଣଙ୍କର ଓଡ଼ିଶାର ସଭ୍ୟ-ରଂଗମଂଞ୍ଚକୁ ଅଭିନେତ୍ରୀ ମିଳନ୍ତେ କୁଆଡୁ ? କୋଉ ମଥାପୋଡ଼ ବସିଥାଏ, ସବୁ ଶୁଣୁଥାଏ, ହେଲେ କହିବାର ତାର କିଛି ନଥିଲା । ପେଟର ଜ୍ୱାଳା, ଜାତି --ଅଜାତି-ସ୍ଥାନ-କାଳ-ପାତ୍ର କିଛିର ବିଧିବିଚାର ରଖେ ନା । କୋଉ ପ୍ରତିଜ୍ଞା କଲା । ସେ କାମ କରିବ--ତିନ ତିନୋଟି ପ୍ରାଣୀ ଭୋକ ଶୋଷରେ ମରିବା ଅପେକ୍ଷା ସେ ନିଜେ ଦୂରେଇ ଯିବ--ତେଣିକି ଭାଗ୍ୟରେ ଯାହା ଥାଉ ।

କଥା ପ୍ରାୟ ସ୍ଥିର ହୋଇଗଲା । କେବଳ କାମଟିଏ ମିଳିବାର ଅପେକ୍ଷା । କାମଟିଏ ମିଳିଗଲା ମଧ୍ୟ, ଆଉ ତା ସ୍ଥିର କରିଥିଲେ ମୋର । ଭଣେଇ-ମାସକୁ ପାଞ୍ଚ ଟଙ୍କା ଦରମା- ଅଇଁଠା ଭାତ ମୁଠାଏ-ରହିବାକୁ ପିଣ୍ଡାପହଣ୍ଡି । ଓଡ଼ିଆ ଘରର ବିଧବା ପାଇଁ ଆଉ କଅଣ ଅଧିକ ମିଳନ୍ତା ? ହୁଏତ ଏତିକି, ନହୁବା ବିଧବା ଆଶ୍ରମରେ ଚଟେଇବୁଣା ବା ବଡ଼ି ଦାନ୍ତରେ ଚୁନ ବଟି ନୋହିଲେ ଖଳିପତ୍ର ସିଲେଇ । ସେଥିପାଇଁ ପୁଣି

କଅଁଳିଆ ଯୌବନ ଦରଜାର । ବୋଉ ମନ୍ତ୍ରମୁଗ୍ଧ ଭଳି ତାର କରିଆ ଖଣ୍ଡେ ଧରି ବାହାରି ପଡ଼ିଲା ଜୀବନର ମହାଯାତ୍ରାରେ । ସେ ଯାତ୍ରା-ରେ ଆନନ୍ଦ ନଥିଲା ନିରାନନ୍ଦ ବି ନଥିଲା । ରହିଥିଲା କେବଳ ବଞ୍ଚିବାର ଏକ ବ୍ୟର୍ଥ ପ୍ରୟାସ । ଗଲାବେଳେ ବୋଉ କହିଲା—"କାନ୍ଦିବୁ ନା ମା, ଅପା ଗୋଡ଼ତଳେ ଶରଣ ପଶିଥିବୁ । ମୁଁ ମଝିରେ ମଝିରେ ଦେଖି ଯାଉଥିବି ।" ଗଲା ବେଳେ ହାତରେ ମୋର ଗୁଞ୍ଜି ଦେଇଗଲା ଛ' ଅଣା ପଇସା—ଗଦବର ସଞ୍ଚିତ ଧନ ସମ୍ପତ୍ତି--ସବୁ କିଛି । ଆଖିରୁ ଅନେକ ଦିନୁ ଲୁହ ଶୁଖି ଯାଇଥିଲା, ଥିଲେ ଅଦା ଦୁ ଟୋପା ଗଡ଼ି ଯାଇଥା'ନ୍ତା । ସେ ଦିନ ଜାଣିଲି ସେଥିରୁ ବି ମୁଁ ବଞ୍ଚିତା । ବାପା ଯାଇଥିଲେ, ବୋଉ ବି ଗଲା । ମହାଯାତ୍ରାର ସୁଅରେ ଦି'ଟା କୁଟା ଭାସିଗଲା । ଏମିତି ବି ଭାସିଯିବ ଆଉ ଯାହା କିଛି ଅଛି, କୂଳ କିନାରାର ସନ୍ଧାନରେ । ଡର ଡରରେ ଅପା ଠାଣି ନେଇ କହିଲା—"କାନ୍ଦୁଛୁ କିଅ, ଅଲେ, ମୁଁ କଅଣ ସାତଘର ହୋଇଛି । କୁଟାଖଣ୍ଡିଏ ଦି'ଖଣ୍ଡ କରିବୁ ନାହିଁ ମ, ସେୱାଇ ଘର ବନ୍ଦ ମାଡ଼ିବୁ ନାହିଁ ମ ! ବେଳକାଳ ସେମିତି ପଡ଼ିଛି ବୋଲି ସିନା; ତା ନ ହେଲେ ମୁଁ କଅଣ ଚଳାଇ ନିଅନ୍ତି ନାହିଁ ?" ଅପା ମିଛ କହି ନଥିଲା, ସେସେଇ-ଘର ବନ୍ଦ ଜୀବନରେ ଦେଖିବାକୁ ପଡ଼ିଲା ନାହିଁ । ସତକୁ ସତ ଅଜା ଭାବୁଛି ମଣିଷ ତୁଣ୍ଡ ପୁଣି ଏମିତି ! ସକାଳ ସଞ୍ଜ ଦୁଇବେଳାର ଭୋଜନ ସେସେଇ ଘର ପିଣ୍ଡାରେ ମିଳି ଯାଉଛି । ଚମତ୍କାର ସେ ଭୋଜନ । ହଜାର ହଜାର ଦର୍ଶକଙ୍କର ପ୍ରମୋଦ ଉଚ୍ଛିଷ୍ଟ ! ବଗଡ଼ା ଚାଉଳ ଭାତ ସହିତ ଡ଼ାଲି ପାଣି । କୋଉ ଦିନ ବା ଲୁଣି ଶୁଙ୍ଘୁଆ ତରକାରୀ ।

ବୋଉ ଗଲା ତା ବାଟରେ, ସମସ୍ତେ ଗଲେ ତାଙ୍କ ବାଟେ ବାଟେ—କେବଳ ପଡ଼ି ରହିଲି ମୁଁ ଗୋଟାଏ ହନ୍ତସନ୍ତ୍ରପ ଜୀବନ

ତଉଟବଙ୍ଗ—

ନେଇ । ରାତିଯାକ ଭାବୁଛି ମୋର କଅଣ ହବ ! କେହୁ ତ ନାହିଁ,— ଅଛି କେବଳ ମୋ ପାଖରେ 'ଅପା'ର ଦୁଇଟା ଲୋଲୁପ ଦୃଷ୍ଟି । ଭାବୁ ଭାବୁ ଆଖି ଲାଗିଗଲା । ଗାଢ଼ ରାତରେ ସ୍ୱପ୍ନ ଦେଖିଲି—ଦୁଇଟା କଳୁଷ ବାହୁ ମତେ ଉଠେଇ ଟେକି ନେଇ ଯାଉଛି । ତାର କାମଜ ପିପାସାର ପରିପୂର୍ତ୍ତି ପାଇଁ । 'ସମାଧି' ନାଟକ ଦେଖିଥିବେ- କୁଳବୋହୂ "ମାନୀ"କୁ ଉଠେଇ ନେଇଥିଲେ 'ରଣଜିତ ବାବୁ' ଠିକ୍ ଏମିତ ଗୋଟେ କାମଜପିପାସାର ପୂର୍ତ୍ତି ପାଇଁ······ ଚିତ୍କାର କରି ଉଠିଲି, ବୋଉଲେ—ବୋଉ ମତେ······ । ଆଜି କାଲି ଡର ମାଡ଼ୁନି, ଭୟ ନାହିଁ, ସଙ୍କୋଚବ ନାହିଁ;— ଯେମିତକି ସବୁ ସ୍ପର୍ଶ ହୋଇ ଯାଉଛି ନିତ ଦିନଅ । କାଲି ପୁଣି ନୂଆ ନାଟକ "ନଷ୍ଟ ଉର୍ବଶୀ" ସ୍ୱର୍ଗର ଅନନ୍ତଯୌବନା ଉର୍ବଶୀ ନୁହେଁ—ଖରଣକୂଳ ଗାଁର ଉର୍ବଶୀର ବ୍ୟର୍ଥ କାହାଣୀ--ପରିସମାପ୍ତି ଯା'ର ଡାକ୍ତରଖାନାର ନର୍ସ ରୂପରେ । ରାତି ପ୍ରାୟ ଶେଷ ହେଇ ଆସୁଛି, ବାଧ ହୋଇ ଏଇଠି ଶେଷ କଲି, ପୁଣି ପର ଚିଠିରେ ଯାଇବାର ମୋର କିଛି ନାହିଁ-ହରାଇବାରେ ମୋର ଆନନ୍ଦ । ରାତିଟିଏ ପାଇଥିଲି ମନର ବୋଝ ହାଲୁକା କରିବା ପାଇଁ—ସେଇ ମୋର ଆନନ୍ଦ । ଶୁଣିଛି ଆପଣ ପୁଣି ଏଆଡ଼େ ଆସିବେ ବୋଲି । ଯଦି ପାରନ୍ତି, ଅନୁଷ୍ଠାନକୁ ତିନୋଟି ଟଙ୍କା ସାହାଯ୍ୟ ଦେବା ସଙ୍ଗେ ସଙ୍ଗେ ଟିକିଏ ଦର୍ଶନ ଦେଇଯିବେ । ଦୂରରୁ ଟିକିଏ ଦର୍ଶନ ପାଇବାର ସୁଯୋଗରୁ ବଞ୍ଚିତ କରିବେ ନାହିଁ । ରହିଲି ।

ଆପଣଙ୍କର

ସ୍ନେହଭିଖାରୁଣୀ

୧୦-୧୨-୫୭

ସ୍ନେହ

## କଳ୍ପନା-ଦେବତା ମୋର !

ଆଜ କୁମାର ପୂର୍ଣ୍ଣିମା ପର ଶୁଭ୍ର ଜ୍ୟୋତ୍ସ୍ନା ଗୃହଅଡ଼େ ଝରୁ ହୋ-ଇ ପଡ଼ୁଛି । ସବୁଠାରେ ଆନନ୍ଦର ବନ୍ୟା । ମନେ ପଡ଼ୁଛି ଆଜ ଲା ଦିନର ସେଇଟି ମୁହୂର୍ତ୍ତ । ଆଖି ଆଗରେ ନାଚି ଯାଉଛି ଗାଁ ଅମ୍ବ ତୋଟା ଭିତରେ ସେଇ ଦିନର ସାଙ୍ଗ ସାଥୀ ମେଳ । ସେତେ-ବେଳେ ଆଁଶ ଲଗା ଯୌବନ ଛୁଇଁ ଛୁଇଁ ନ ଥାଏ । ଜହ୍ନିଫୁଲର ଉପରେ ଭ୍ରମରଟିଏ ଚୁମା ଦେଇ ଯାଉଥାଏ,—ଅଳ୍ପହା ଲଜ୍ଜାର ସନ୍ଧାନ ଦେଇ । ତାଙ୍କ ଭିତରେ ମନମତାଣିଆ ପୁଣି ଖେଳ । ସେ ଦିନର ସାଥୀ ଆଜ ନାହାନ୍ତି । ହୁଏତ ତାଙ୍କର ଭିତରୁ କେତେକ ଜୋକ ଦେଶରେ ବା' ଘର କୋଣରେ ପରଦେଶୀ ପ୍ରାଣପ୍ରିୟମର ପ୍ରତୀକ୍ଷା କରୁଥିବେ । କୋଳରେ ତାହାର ଥିବ ଲାବଣ୍ୟ ପ୍ରତିମା କେହୁ ବା ଦୂର ଦେଶରୁ ଆଉଥିବ ମଲଲିଶ ଶାଢ଼ୀ ଅପେକ୍ଷେ—ତା ସହିତ ଦିଆ ପ୍ରାଣଭୂଷା ଚଳୁଣାର ନୈବେଦ୍ୟ ! 'ଛୁଟି ମିଳିଲା ନାହିଁ, ଯା'ଇ ପାରିଲି ନାହିଁ--କ୍ଷମିବ ନାହିଁ", ଶୁଭ୍ରପୂର୍ଣ୍ଣିମାର ଶୀତଳ ଜ୍ୟୋ

ଆଖି ଉଙ୍କି ମାରୁଛନ୍ତି ମନର ଓଢ଼ଣା ତଳରେ । ହଠାତ୍ ନିଦ ଭାଙ୍ଗି ଗଲା—ମନେ ହେଲା ଆପଣ ଆସୁଛନ୍ତି—ସେଇ କାରଣ ଭିତରେ । ଗୋଡରେ ସେଇ ଝୁଣ୍ଟି ପଡ଼ିବା ଯାଗାଟିରୁ ପୁଣି ରକ୍ତ ବାହାରୁଛି, ଲାଲ ରକ୍ତ—ପାଣିଆ ରକ୍ତ । ଆପଣ ଆଉ ସେଇ କଅଁଳ ହାତରେ ପଟି ବାନ୍ଧି ଦେଉଛନ୍ତି । ଅଜାଣତରେ ଦେହ ମୋର ଲାଗିଯାଉଚି, ଆପଣଙ୍କର··· । ଛି—ଛି ଏ କି କଳ୍ପନା ! ସେ ନିଜର ନୁହନ୍ତି ତାଙ୍କୁ ଧରି ରଖି ଲାଭ ? ଶୁଣିଥିଲି ଆସିବେ ବୋଲି । ମଞ୍ଚ ଉପରୁ ପ୍ରେମାଳୟ ପର୍ଯ୍ୟନ୍ତ ଯେତିକି ଆଖି ପାଇବ ଖୋଜୁଛି—ଅନେକ ଖୋଜୁଛି । ଆଶା ନିରାଶା ମଧ୍ୟରେ ପୁଣି ଜୀବନ ନାଟକର ଗୋଟିଏ ଅଧ୍ୟାୟ ଆରମ୍ଭ କରୁଛି ।

× × × —ବୋଉ ଯିବାର ପ୍ରାୟ ପନ୍ଦର ଦିନରୁ ବେଶି ! ଏହା ଭିତରେ ସେ ଦୁଇଥର ମତେ ଦେଖା କରିବା ପାଇଁ ଆସିଛନ୍ତି, ମାତ୍ର ଥରେ । ବୋଉ ଯିବା ପରଠୁ ଅପାର ଆଦର ଯତ୍ନ ବଢ଼ି ଯାଇଛନ୍ତି ଦୁଇଗୁଣ । ମୋ ଦେହର ମଫସଲ ଗନ୍ଧ ଉଭେଇ ଯାଇଛି, ଠିକ୍ ସାପ କାତି ଛାଡ଼ିଲା ପରି । ତା ଜାଗାରେ ସହରୀ ଉଠିଛି ନୂଆ କାନ୍ତି । ସ୍ନୋ, ପାଉଡ଼ର ଆଉ ବେଲବଟମ ବ୍ଲାଉଜ୍ । ମୁଣ୍ଡ-ବନ୍ଧା ପାଇଁ ଆସିଛନ୍ତି ବଜାରରୁ ଯେତେ ରକମର କୃତ୍ରିମ ଫୁଲ । ଅମାନିଆ ଚୁଟିଦାଙ୍କୁ ଟେକିଲି ରଖିବାପାଇଁ ଦୁଇଟା ଆଧୁନିକ ବ୍ୟବସ୍ଥା ଇତ୍ୟାଦି । ଦିନେ ସଞ୍ଜ ଭୁଜୁ ଭୁଜୁ ହେଉଥାଏ, ଠିକ ବେଳରେ ଭାଇନା ଓ ଭଉଣୀ ପହଞ୍ଚିଲେ । ମଝିଘରେ ବସି କଣ ନୂଆ ଟେପ୍ ବଜେଇ ତା'ପରେ ବଡ଼ପାଟିରେ ଅଜାଙ୍କୁ ଡାକି କହିଲେ "ଶୁଣୁଛ ! ଭାରି ଭଲ ଆମ ସ୍ନେହର ରଙ୍ଗାଘର ତ ଅମାପ ମାପ ସମ୍ପତ୍ତି କେତେ ଖାଇବ କେତେ ପିନ୍ଧିବ ? ଆ ମଗାଁ ସାହୁକାରଠୁ ବି ବଡ଼ । କଥାଟା ଦୂରେଇ ଦୂରେଇ ମୋ କାନରେ ବାଜିଲା । ଭାବିଗଲି ମନେ ମନେ, କେତେ କଥା ଶେଷରେ ତାହା ହେଲେ ଭଉଣୀ ମୋପାଇଁ କା' ଘରେ ସଂଳଗ୍ନ

ଭଲାଇବାର ବ୍ୟବସ୍ଥା କରିଦେଲେ । ମନେ ମନେ ଲାଜ ବି ମାଡ଼ିଲା ।
କୋହ ଉଠିଲା, କୋଉ ଅଜଣା ସାଇଁଙ୍କୁ ଠେଲିଦେଉଛି ଏମାନେ । ନୂଆ ଘିଅପାଇଁ ହୁଏ ତ, ଏ ସାଜ ପୋଷାକ । ଅପା କହିଲା 'ମା'କୁ ତା'ର ଟିକଏ ପଚାରିଲେ ଚଳନ୍ତା ନାହିଁ ? ଭାବନା କରିଲେ" ମଲା, ତୁମେ ତ ତାର ମା, ତୁମେ କହିଲେ ହେଲାନାହିଁ ସେ ପୁଣି ମା କଅଣଟାଏ କହିବ ? ତା ଜନ୍ମ ଏତେ ବଡ଼ ଲୋକ ତୀର୍ଥ କରି ଆସିଛନ୍ତି—ପୁନେଇଁ ଯଜ୍ଞ କରିବାକୁ ବସିଛନ୍ତି । ଧୂଳିଆଗୁମାସ୍ତା ବୋହୂପୁଅ କରିବାକୁ, ତ ଏ ଯୋଗେଇ । ବୁଝିଲ ସାବିନାମୀ, କଲିକତାରେ ତାର ଛ'ଟା କୋଠି । ଅସୁମାର ଟଙ୍କା । ବୋହୂପୁଅ ଖଇସଡ଼ କରୁଛନ୍ତି ସେ ଇନ୍ଦ୍ରରଜା ପରି । ଏ ଭାଗ୍ୟ କାହାକୁ ଜୁଟେ ମ ! କୋଉ କାହାଣୀର ନା ପୁଅଟିକର ସେ ଏତେ ଭୁଣିଆ ଲୋଡ଼ା ହେଉଛନ୍ତି ? ଦେଖ ତମେ, ନଳିସିଏ—ମନ୍ଦିରେ ଗୋବିନ୍ଦଙ୍କୁ ଭାଗ୍ୟ ଖୋଲିଯିବ । ଆମେ ବୋହୂପୁଅ କଅଣ କରୁ ନା ଦେବୁ ? ଆଉ, କଥା ପକ୍କା କରିଦିଅ । [illegible]
[illegible] ଭାବରେ, ସବୁ ଅପ· · · · ·

"[illegible]

ବେଳକୁ କଳ୍ପ ନଥାଏ, ଫୁଲ ତାର ସୌରଭ ଛାଡ଼ିଥାଏ, ପାଖୁଡ଼ାଗୁଡ଼ିକ ଝୁମ୍ପୁଡ଼ି ହୋଇଥାଏ,—ଅଦିନ ଅଭ୍ୟାଗମରେ ।

× × × × ନିଦ୍ରିମ ସ୍ୱପ୍ନ—ନିଶା ଗର୍ଜୁଛି । ଅବଶ ଦେହ ମନ ନେଇ ମୁଁ ପଡ଼ିଥାଏଁ ମଞ୍ଚି ଉପରେ । ଠିକ୍ ସେତିକିବେଳେ ମୋ ନିଦ ଭାଙ୍ଗିଗଲା । ମୁହଁ ଉପରେ ମୋର ଜଣାଗଲା ଯେମିତ କା'ର ନିଶ୍ୱାସ ବହୁଚି, ଅମାଜିଆ ହୋଇ । ଉଠେଇବାକୁ ଯାଇ ଗୁଣ୍ଡଟା ମୋର ଲାଗିଲା ଡାଙ୍କିପିଅ ଗଣ୍ଡିରେ । ମୁଁ ଚମକି ପଡ଼ି କହି ଉଠିଲି "କିଏ କିଏ-ତମେ ? ଏ କ'ଣ । ଘରଳ ଦିଶା ନିଶା ଧରିଲେ ଛାଡ଼େନା । ସେତେବେଳକୁ ପାଖାପ୍ରେ ଖୁଇନାର ହାତୁଆ ହାତ ଦି'ଟି ଧରିପକାଇ ଥାଏ ମୋର ବାହାଦୁ'ଟାକୁ । ଉଠିବସିଲି ଓ ଜୋରରେ ଚିତ୍କାର କରି କହିଲି "ଯାଉନ୍ଥନା ଏଠୁ, ଅପାଙ୍କୁ ଡାକିବି ? ଫିସ୍ ଫିସ୍ କରି ଲୋକଟା ମଉଁପିଅ ଗୁଣ୍ଡରେ କହିଲା "ମଲା, ଏମିତ କାହିଁକି ହଉଚୁ ! ନେ, ପାଞ୍ଚପଚିଶି ହାତ ଖରଚ କରିବୁ । ଆରେ, ସମସ୍ତେ ତ ଯାଉ ତୁ କାହିଁକି ଅଲଗା" ? ଘୃଣା ଆସିଲା—ମନେହେଲା ତଣ୍ଟିଟାକୁ ଧରି ଖୁବ୍ ଜୋରରେ ଚିପିଦେବି । କାଲି ସକାଳୁ ଏଠି ପଡ଼ିଥିବ ଗୋଟା ଏ ଶବ ପ୍ରାଣସ୍ପ ଅଭ୍ୟାସର ବେଦୀରେ ଜାଣେନା କେତେବେଳେ ହାତଟା ମୋର ଜାକ ପଡ଼ିଗଲା-ତାର ବେକରେ । ଗଁ, ଗଁ, ଶବ୍ଦହେଲା । ସେଇ ଶବ୍ଦରେ ମୋର ଚେତନା ଉଦୟ ହେଲା-ଭାବିଲି ସବୁ ଶେଷ କିନ୍ତୁ ତା ଠିକ୍ ନୁହେଁ । ଲୋକଟା ଠିକ୍ ଜୋର ପକାଇ ଘର ବାହ୍ରେ ପଡ଼ି ରହିଲା ଓ ପରକ୍ଷଣରେ ଉଠିପଡ଼ି ଫାଟକ ଖୋଲି ବାହାରକୁ ପଳାଇଲା—ଆରପାଖ ଘରୁ ଅପା ଉଠିଆସି ଗର୍ଜନ କଲେ—"ହୁଁ, ଏଭଳାକ ଏଇ ପାଳା ଲଗିଛୁ ଏଠି—ନାଗର ଜୁଟା ହଉଥିଲା ଏସ । ସତେ ଯେମିତ କିଏ ଜାଣି ନାହାନ୍ତି—ଆରେ ଏତେ ଅଳ୍ପ ମନ, ଟିକିଏ ସାଉ ନାହିଁ—ସମ୍ଭ୍ରମବୋଧ ନାହିଁ ? ଛି-ଛି ! ଏମ

ମାନମହତ ସବୁ ଧୂଳିରେ ମିଶିଲା । ଆହା ହା, ସେଇଥିପାଇଁ ତ ଦାଦା ଖୁଣ୍ଟୀ ଘରେ ଠାବ ଦେଲେ ନାହିଁ—ହଉ, ଆଗୁ ଆଜି ସେ—[illegible] ଅଧିକେ ଘରକୁ ଫେରିବ, ଆଉ ଏଠି ସ୍ୱପନ୍ନିଳା ହଉଥିବ" । ସେତେବେଳକୁ ଘୁଡ ଭିତରୁ ବୋହୂ ଗର୍ଜି ଗର୍ଜି ଆସୁଥାଏ—ବଶ [illegible] ବାରୁ ସଂଶେ ମାତ୍ର ତେର । କହିଲା ଅପା "ଦୟାକର ମୋ ଉପରେ—ଜାଆନ୍ତା ନ ମାର୍ କାହିଁକି ଏମିତି ଦାହଗଞ୍ଜି କରୁଚୁ—ମୁଁ କଅଣ କରିଥିଲି, ଏପରି ବୋଉ ଗାଲୁରେ ? କହୁଛି "ଆଉ ଆଉ ଅଉ କହନା, ସେଗୁଡ଼ାକ ମୁଁ ଜାଣେ ବା—ଭଲ ଅଛ ; ସାଙ୍ଗରେ ଯେତେ ନାଚିଥାଓ, ତହିଁରେ ପୁଣି ସଭା ପଶିଆ ? ମୁଁ କିଛି ଶୁଣିବି ନାହିଁ—କାଲି ସକାଳୁ ଯଦି ବିଦା ନ କରିଛୁ ମୁଁ ବାପର ଝିଅ ନୁହେଁ । ଅରେ, ବାଘ ଘରେ ପୁଣି ମିରିଗ ନାଚ" ! କିନ୍ତୁ ନିଶ୍ଚିନ୍ତି ଅପା କବାଟ କିଳିଦେଲା—କହିଲା—"ଅପା, ଏଇଥଣି ମତେ ଘରୁ ତଡ଼ିଦେ । କାଲି ସକାଳକୁ ତୋ କଳଙ୍କ ନଥିବ—ମୁଁ ବାଟେବାଟେ ଆସିଥିଲି ବାଟେବାଟେ ଚାଲିଯିବି, କେହି ଦେଖିବେ ନାହିଁ । [illegible] ଦେଶୋ ଧନୁର ଅପା—ବାପା ଯାଉଛି, ବୋଉ ଯାଉଛି, କୁହ ତ ଆଉ ନାହିଁ । ବୋଉ ଅଧାରେ, ବୋଉ ଭରସାରେ ମତେ ଏଠି ରହିବାକୁ ହେବ ! ତୁ ଯାହା କହୁଚୁ—ସେଇଥିକି ଯିବି—ତୁହିଁଙ୍କ ସାହୁ, ନା ? ସେଠି କିଏ ଥାଆନ୍ତି—କଅଣ ହୁଏ ଜାଣେନା । ଯଦି ଆଜ ଖାଇଦେଲ, ଏଇଥ ସେଠି [illegible] ରହିଥାଏ, ତା'ହେଲେ ଶତ କଥଣ !" ତୋ ଯୋଡ଼ ଧନୁର [illegible]—ମୁହଁ ଢାଙ୍କି ମୋର ମୁହଁରେ [illegible], ହେଲେ ଭଡ଼ାବ୍ [illegible] ନାହିଁ । ଆଖିରୁ ଲହ ଅନେକକୁ ; ଶୁଖିଯାଇଥିଲା, ହେଲେ [illegible] ଧାର ଛୁଟିଗଲା । ସ୍ୱଭାବ ଅନେକ ରହିଲା ବୁକୁରୁ-କହୁ ଛକରୁ । ତୋରି ମୋର ସୁଖ । ମନେ ମନେ କେତେ ଖୋଜିଲି, କେମେ ଉତ୍ତର ପାଇଲି ନାହିଁ ।

“ଅପାଶୋର—”

ମୋର ଜନ୍ମ ମୁହୂର୍ତ୍ତ ଗ୍ରହଣ କରିବେ । ମାଘ କୃଷ୍ଣ ଚତୁର୍ଦ୍ଦଶୀର କାଳରାତ୍ରି—ଚାରିଆଡ଼େ ଅନ୍ଧାର—ଘୋର ଅନ୍ଧାର । ମନଗହ୍ଵରର ଚିର ଅନ୍ଧକାର ଭିତରେ ଅତି ଦୂରରେ ଜଳୁଛି କ୍ଷୀଣ ଆଲୋକ କେଉଁ ପଥଚଣା ପାନ୍ଥର ଆଶାରେ । ବହୁଦୂରରୁ ଭାସି ଆସୁଛି କାହାର କରୁଣ ବିଳାପ ! ଜାଣେନା, କେଉଁ ହତଭାଗିନୀ ହରାଇଛି ତାର ପ୍ରାଣର ପ୍ରଭୁଙ୍କୁ ଅବା କାହାର କୋଳ ତ୍ୟାଗ କରିଛି ତା'ର ଏକମାତ୍ର ନୟନସଙ୍ଗାଳି । ଆଶା, ନିରାଶାର, ଦ୍ଵନ୍ଦ୍ଵ ଆଜି ମୋର ମନକୁ ଉଦ୍‌ବେଳିତ କରୁଛି । ଏହି ମୁହୂର୍ତ୍ତ ନିଶାରେ ହଠାତ୍ ମନେ ହେଲା, ମୋ ପାଇଁ କଅଣ କେହୁ ଥିବେ ? ଆଶାର କ୍ଷୀଣ ଆଲୋକ ଆଖିକୁ ଆଜି ନିଅଁ ଅଣଦେଖା ନାହିଁ—ଲକ୍ଷନହି ଜଳା ପଡ଼ିବା ଉପରେ । ସେଇ କେବଳ ଏତେବେଳେ ମୋ ମନର କାଳିମାକୁ ଦୂରୀଭୂତ କରୁଛି—ତାର ଅଲୁହା ଉର୍ଦ୍ଧିତରେ । କେଉଁ ବହିଛି, ମୋର ଜୀବନ ନାଟକର ଏକ ପ୍ରଥମ ଅଧ୍ୟାୟ । କିନ୍ତୁ ସମାଜର

—ଟେନ୍ସନ

ଆଖି ଝର'ଣାରେ ଲୁହ ଭରି ବାଧ୍ୟ ସାଥି ବସିଛି—ମନର ଭାଷାକୁ ସେ ପୁଣି ଟୋପାଇ ପୋଛୁଦେବ—ତାର ଛୁଇଁଲେ ସୁଅରେ । ସେଇ ଭଳି ଝଙ୍କାଣି ଲୁହଧାରରେ ଲେଖୁଛି ଗଳାବନର କାହାଣୀ—।

ରେଲ ଉଡ଼ ଉଡ଼ ହୋଇ ଆସୁଥାଏ । ଇଞ୍ଜିନ ଭିତରେ ନେଇ ଆସିଲେ ଘୋଡ଼ା ଗାଡ଼ିଟାଏ । ସେମିତିକା ଗାଡ଼ିଟାଏ ଜୀବନରେ କେବେ ଦେଖିବାର ସୁଯୋଗ ହୋଇ ନଥିଲା ମୋର । ଠିକ ଯେପରି ନବ ବଧୂଟି ଅଭିସାରି ! ସବାଗ୍ରରେ ଦୁଇଟା ଜୀବନ୍ତ ପ୍ରାଣୀଙ୍କର ଅପୂର୍ବ ସମନ୍ୱୟ । ତାଲି ଦେଇ ଚାଲିବେ ସେମାନେ ଜଣା ଅଜଣା ସବୁ ବାଟରେ; ଆଉ ତା'ର ଭିତରେ ଜଣେ ଯିବ ଅଦେଖା ଅଜଣା ବାହାର ସନ୍ଧାନରେ । ଗାଡ଼ିବାଲା ଟାଣି ଧରିଲାଣି, ନା ଆଉ ଡେରି ନାହିଁ । ଅଧା ଟେଢ଼ ଲଗା ପିନ୍ଧି ସାରିଲାଣି—ଏଥର ବିଦାୟ ବେଳା । ମାସ ଦିନଟାରେ ମୁଁ ଅପଣାର କରି ନେଇଥିଲି ପୃଷ୍ଠି ବନ୍ଧେଇଛିଏ । କେତେ କେତେ ମନ ଆନନ୍ଦରେ ସେ ତା'ର ଲେମ୍ବୁ ବତୁଲି ଦେଉଥିବାକୁ [illegible] ମୋର ଏଇ [illegible] ଗଣ୍ଡିଟାରେ । ଆଖି ଲୁହରେ ତାକୁଇ କୋଳରେ ଧରିଲି—ମନେ ମନେ କହିଲି, "ତୁ ବି ମୋ ପରି ନିଃସହାୟ । ଅଶ୍ରୁ ସନ୍ଧାନରେ ଏଠ ବସ୍ଥା ବାନ୍ଧିଛୁ, ମୁଁ ବି ବାନ୍ଧିଥିଲି; ହେଲେ ମୋର ହେଲ ହେଲ-ଯାଉଛି-ତୁ ବି ଯିବୁ । ଆଉ ହୁଏତ ଦେଖା ହେବ ନାହିଁ । ନିତାଉ ଏଇ କଥାଁକ କରଣ ମନ-ସମୁଦ୍ରରେ ମୋର ଝଡ଼ ହେଉ ଥାଇଛି ଧାଉଁଛିଏ । ସବୁ ବୁଝିଲା ପରି କହୁ ଉଠିଲା—"ମ୍ୟାଉଁ, ମ୍ୟାଉଁ ।"

× × ×

ଛୁଟ ଛୁଟ ଶବ୍ଦରେ ଗାଡ଼ିଟା ଆଗେଇ ଚାଲିଲା । କ୍ରମେ ଗତି ଦ୍ରୁତ ହେଲା । ସକଳ ନିର୍ଜୀବ ଜଡ଼ ପଦାର୍ଥର ପରି [illegible]

ଚଉରାଳିଶି —

ପ୍ରକାଶର ଭାଷା ଅଛି, ତାହାହେଲେ ମଣିଷ ଜନମ ନେଇ ମୋର କଅଣ ସେତକ ଅଧିକାର ମଧ୍ୟ ନାହିଁ ? ନା, ମୁଁ ବିକ୍ଷୋଭ କରିବି-- ମୁଁ ବିଦ୍ରୋହ କରିବି । କିଏ ଏମାନେ, କେଉଁଠିକି ନେବେ ମୋତେ ? ଭାବିଲି ଗାଡ଼ିଠାରୁ ଡେଇଁ ପଡ଼ି ମୁଁ ଚିତ୍କାର କରିବି । ମୋର ଆର୍ତ୍ତ ଚିତ୍କାରରେ ହୁଏତ କେହି ମତେ ଏ ନର୍କରୁ ଉଦ୍ଧାର କରି ପାରିବ । କିନ୍ତୁ ମନର କଥା ବୁଝିଲା ପରି ଘୋଡ଼ା ଦି'ଟା ଚାବୁକର ମାଡ଼ରେ ଗର୍ଜି ଉଠିଲେ । ଅଭାଗୀର ପୁଣି ବିଦ୍ରୋହ ଲାଳସା ? ହେଲା ନାହିଁ- ମନର 'ବିଦ୍ରୋହ ମୋର ମନରେ ହିଁ ରହିଗଲା । ଗାଡ଼ି ଆସି ଅଟକିଲା ପୂର୍ବ ନିର୍ଦ୍ଧାରିତ ହୋଟେଲଟାରେ । ସେତେବେଳକୁ ଗାଢ଼ ସମୁଦ୍ରର ନୀଳ ଲହରୀ ମତେ ଇସାରା ଦେଉଥାଏ--ଫେରିଆ ସ୍ନେହ, ଫେରିଆ । ଆମେ ଚାଲିଯିବା ବହୁ ଦୂରକୁ, ଯେଉଁଠି ନଥିବ ଏ ଦୁନିଆର କଦର୍ଯ୍ୟ ଇଙ୍ଗିତ ।

× × × ଗାଡ଼ିଟି ପହଞ୍ଚିବା ମାତ୍ରେ ଜଣେ ଦୀର୍ଘକାୟ ସ୍ଥୂଳ ବ୍ୟକ୍ତି ସଦ୍ୟ ସ୍ନାତ ଅବସ୍ଥାରେ ଆସି ଆମକୁ ପାଛୋଟି ନେଲେ । ତା ପରେ ମତେ ଲକ୍ଷ୍ୟ କରି କହିଲେ— "ଏସୋ ମାଁ, ଧୀରେ ଏସୋ, ତା ନଇଲେ ପଡ଼େଯାବେ ଯେ ।" ପଡ଼ିଯିବା କଥାଟି କାନକୁ ଲାଗିଲା । ବୁଝିଲି, ପଡ଼ି ଯିବାର ଭୟ ମଧ୍ୟ ଅଛି । କଣ୍ଢେଇ ବାହାଘରରେ ନୂଆବୋହୂ ସବାରୀରୁ ଓହ୍ଲାଇଲା ପରି ପାଦ ଗଣି ଗଣି ଚାଲିଲି--ପାହାଚ ପରେ ପାହାଚ ଉଠି ଉଠି । ଉପରକୁ ଉଠିବାରେ ଆସ୍ୱାଦ କେବେ ପାଇ ନଥିଲି ଜୀବନରେ । ତେଣୁ ଉଠି ଉଠି ଉପରକୁ ଯିବାରେ ଆନନ୍ଦ ଲାଗୁଥାଏ ଗୋଟିଏ ପ୍ରକାରର— ।

ଉପର କୋଠରୀରେ ପୂର୍ବରୁ ଖାଇବା ପିଇବାର ଆୟୋଜନ ହୋଇଥାଏ-ଭଲ ଭଲକା ଖାଦ୍ୟ । ସେ ଦିନ ହିଁ ଜାଣିଲି ଲୋକ

ଏତେ ପ୍ରକାରର ଜିନିଷ ଖାଆନ୍ତି ବୋଲି । ଭଦ୍ରଲୋକ ତାପରେ ଆରମ୍ଭ କଲେ ତାଙ୍କ ନିଜ ଭାଷାରେ । ସବୁ କଥା ମୋର କହୁ ଦେଇଛନ୍ତି, ସଂସାରରେ ମୋର କେହି ନାହିଁ---ସ୍ତ୍ରୀ ଶଯ୍ୟାଗତ ଭଗବାନ ସବୁ କିଛି ଦେଇଛନ୍ତି, ହେଲେ ଦେଇ ନାହାନ୍ତି ନୟନ-ପିତୁଳାଟିଏ--ଆଜି ଜଗବନ୍ଧୁଙ୍କର ଅଶେଷ କୃପାରେ ତାହା ମିଳିଲା । ମତେ ଅନାଇଁ କହୁଲେ ଅନେକ କିଛି । କିନ୍ତୁ ସେଥିରୁ ବିଶେଷ କିଛି ବୁଝି ପାରିଲି ନାହିଁ । ଯାହା ବୁଝିଲି ସେଇଥିରୁ ମନେ ହେଲା ଯେ ସେ ଓ ମୁଁ ଜନ୍ମଜନ୍ମାନ୍ତରେ ବନ୍ଧା ଏକ ସୂତ୍ରରେ । ତେଣୁ ଏ ସାକ୍ଷାତ କେବଳ ବିଧି ନିର୍ଦ୍ଦେଶ ନୁହେଁ ବିଧାନ ମଧ୍ୟ !!

ଭିତରେ କିଏ କହି ଉଠିଲା "ଆଲୋ ଝିଅ, ତାଙ୍କ ପାଦ ତଳେ ମୁଣ୍ଡିଆ ମାର, ଶରଣ ପଶ---ତୋର ଜନ୍ମକୁଳ ଉଦ୍ଧାର ହୋଇଯିବ । ଏ କେତେ ବଡ଼ ଲୋକ, ତହିଁରେ ପୁଣି କେତେ ଦୟାବନ୍ତ ! ରାଜ-ରାଣୀ ହବୁ, କେତେ ସୁଖରେ ରହିବୁ ।" ମୁଣ୍ଡ ଘୂରେଇ ଗଲା, ଏ ସବୁ କଅଣ ହଉଛି---ମୁଁ ରହିବି ପୁଣି ଏଇ ବୟସ୍କ ଭଦ୍ରଲୋକ ପାଖରେ । ମୁଁ ଝିଅ ସେ ବାପ । ଆଜି ପର୍ଯ୍ୟନ୍ତ ସେ କୋଳଛଡ଼ା ହୋଇ ରହିଥିଲେ କାହିଁକି ? ଆଉ ଆଜି ବା ପୁଣି ମତେ ଝିଅ ଲଗି ନେବାରେ କି ଲାଭ ? ମୁଣ୍ଡ ଭିତରେ ମୋର ସବୁ ଗୋଳମାଳ ହୋଇଗଲା । ମୁଁ କହିଲି---"ଅପା କୁଆଡ଼ୁ ଠେଲି ଦେଉଛୁ ? ତୋତେ ଲୁହାର ହେଉଚି, ତୋର ଅଇଁଠା କଂସା ମାଜିବି, ମତେ ଦିନକେ ବଖତେ ଦେଲେ ମୋର ଚଳିଯିବ । ହେଲେ ତୋ ପାଖରୁ ମତେ ଅନ୍ତର କରନା ।" ପାଷାଣ ମନ ତା'ର ତରଳନ୍ତା କେତେକେ ? ଗର୍ଜି ଉଠି କହିଲା, "ଗୁଣବତୀ ! ଥାଉ, ଥାଉ ତୋ ଗୁଣ ସେତିକି ଥାଉ--ଖୁବ ବାହୁନି ହଉଚୁ । ସଂଅର ଯୋଉ ଗୁଣ

ସେଥିରେ ପୁଣି ଦୁଃଖ, ଭୁଲ ଗନ୍ଧାଇବ ? ଏଠି ନ ରହିଲେ, ସ୍କୁଲ୍ ଚୁଡଙ୍ଗ ଯାଇକି ନେଇଯିବ ।”

ଭଦ୍ରଲୋକ ବୋକା ଭଳି କହି ଉଠିଲ- “ନା ନା, ଓଖାନେ କେନ ନେବେନ ? ଏଇଖାନେ ଥାକ, ଓ ଅବାର ଯାବାର ବେଲା ଦୂର ହଏ ଯାବେ ।” ଅପା ଆଖିରେ ଲୁଗା ଦେଇ କହିଲା “ସେମିତି ତା ଭାଗ୍ୟକୁ ଅନେଇ ମୁଁ ଥାଉ ପାରୁନା, ମୋର କଣ ନ’ଅଛି, ନା ଛ’ଅଛି ? ଭଦ୍ରଲୋକ ସମବେଦନା ଜ୍ଞାପନ କଲେ, ହଁ୍ୟା ହଁ୍ୟା, ଠିକ ଆମାର ମତନ’ । ହୋଟେଲର ପୁଅର ଚୋକାଟା ଗୁହା କପ ଗୋଠାଇବାକୁ ଆସିଥିଲ, କଥାଟା ଶୁଣି ମୁହଁ ମୋଡ଼ିଲା ।

ପଥରଟି ପରି ସେଠି ବସି ରହିଲି, ହତାଶିଆ ମନ ନେଇ । କାହାକୁ କଅଣ କହିବି କିଛି ବୁଝି ପାରିଲି ନାହିଁ । ତା ପରେ ଜଣେଇ ଓ ଅନ୍ୟମାନେ ସମସ୍ତେ ବାହାରକୁ ଉଠିଗଲେ, କଥାବାର୍ତ୍ତା ହୋଇ ପୁଣି ଫେରି ଆସିବେ ବୋଲି । ହେଲେ ସେଇ ଦିନଠୁ, ସେଇ ବେଳଠୁ ଆଜି କେବେ ହେଲେ ଅନ୍ତତଃ ମୋ ସାମନାକୁ ଆସି ନାହାନ୍ତି ।

ପ୍ରାୟ ଘଣ୍ଟାକ ପରେ ଫେରିଲେ । ମୁହଁକୁ ତାଙ୍କର ଅନେଇଁ ପାରିଲି ନାହିଁ । ତଳକୁ ମୁହଁ ପୋତି ପଚାରିଲି “ସେମାନେ କୁଆଡ଼େ ଗଲେ ?” ତାଙ୍କର ହସାରେ ସେ କହିଲେ “ସେମାନେ ଚାଲି-ଯାଇଛନ୍ତି ଓ ସେମାନେ ଆଉ ଆସିବେ ନାହିଁ ।” କିନ୍ତୁ କେଉଁ କିଛି କଷ୍ଟ ହେବ ନାହିଁ । ମତେ ବଡ଼େଇ ଥିବାରୁ ତାଙ୍କର ବଡ଼ତି ପ୍ରାପ୍ୟ ସେମାନେ ନେଇ ଯାଇଛନ୍ତି । ସେ ବୁଦ୍ଧାଙ୍କ ଉମକୁ କହି ଲାଭ କଅଣ ? ତାଙ୍କ କଥାରୁ ବୁଝିଲି ଅପା ତାର ବଡ଼ତି ଦାମ ନେଇ ଫେରି ଯାଇଛନ୍ତି । ଗଲାବେଳେ ବାହାରୁ ଶୁଣିଲି

—ଶରତ୍‌ଚନ୍ଦ୍ର

କିନ୍ତୁ ଜନୈକ ପକ୍ଷ କିଣି ନେଇ ଯାଇଥିବ । ମୋର ମୂଲ୍ୟ ସେ କେତେ ତାହିଁରୁ ବୁଝିଲି । ସେ ଦିନ ଭାବିଲି, ଏଇ ମୂଲ୍ୟରେ କଅଣ ତା'ର ସାରା ଜୀବନ ଚଳିଯିବ ? ଯାହାହେଉ କିନ୍ତୁ ଦିନ ଯଦି ମୋ ମୂଲ୍ୟରେ ବେଶ ଖୁସିରେ ଚଳିଯାଏ, ସେଥିରେ କ୍ଷତି କଅଣ ? କିଣା ବିକା ତ ଦୁନିଆ ! କିଏ ବିକିଲା, କିଏ କିଣିଲା,—କିଏ ମୂଲ୍ୟ ଦେଲା, କିଏ ପାଇଲା । ବିକିଲା ଲୋକ ଜିନିଷ ପ୍ରତି ମମତା ତୁଟାଇ ପାରନ୍ତୁ, ଏଇ ତାର ଯଥେଷ୍ଟ । ସେକଥା ଆଉ ବିଚାରି ଲାଭ କଅଣ ?

× × × ×

ସମୁଦ୍ରର ଗର୍ଜନ ବଢ଼ି ଆସିଥିଲା—ଅଗଣିତ ଢେଉ ଆସି ମଥାପିଟି ଯାଉଥିଲା,—ତାର ବ୍ୟର୍ଥ ନିମନ୍ତ୍ରଣ ନେଇ । ଝରକା ବାଟେ ଚାହିଁ ଦେଖିଲି ପ୍ରତ୍ୟେକଟି ଢେଉରେ ମୋତେ କାତର ନିମନ୍ତ୍ରଣ ! କିନ୍ତୁ ଉପାୟ ହୀନ ହୋଇ ମୁଁ ବସି ରହିଲି । ରାତି ଅଧିକ ହୋଇଯାଇଥିଲା । ଭଦ୍ରଲୋକ ମତେ ପାଖଘରଟି ଦେଖାଇ ଦେଇ କହିଲେ : "ଯା' ମା' ସେ ଘରେ ଶୋଇପଡ଼, ଭାବନା" । ମନ୍ତ୍ରମୁଗ୍ଧ ଭଳି ପାଖ ଘରଟିକୁ ଗଲି । ଗୋଟାଏ କଣରେ ପଡ଼ିଥିଲା ଖଟଟିଏ, ତାରି ଉପରେ ଅବଶ ଦେହଟିକୁ ମେଲାଇଦେଇ ଶୋଇରହିଲି । ଦୋହଲା ଢେଉମାନ ନେଇ ଅଶିପତା ଲାଗି ଆସିଥିଲା--ପବନର ବେଗରେ ମଝି ପିଟୁଥିଲା ଝରକାଟିଏ ଯେମିତି ସେ ବି ଚାହେଁ ମୁକ୍ତି—ଚିର ମୁକ୍ତି କିନ୍ତୁ ପଥ କାହିଁ.......................?

ଅନେକ ସମୟ ପଡ଼ିରହିଲି—ତା'ପରେ ଉଠି କବାଟ ଝରକା ବନ୍ଦ କରିଦେଲି । ରାତି ସେତେବେଳକୁ କେତେହେଲାଣି ଜାଣେନା । ହଠାତ୍ ଶୁଣୁ କାହାର କେଉ ପଦ କଥା କାନରେ

ଅଠଗ୍ଳଣି—

ବାଜିଲା, ଠିକ୍ ବୁଝିପାରିଲି ନାହିଁ । କେବଳ ଜାଣିଲି "କଲିକତାରେ ଜଣେ କିଏ ସେଠଜୀ ଅଛନ୍ତି, ତାଙ୍କର କତକ ଖବର ପଠାଯାଉଛି ଯେ ଜିନିଷ କିଣାସରୁଛି ତାକୁ ପାଇଲେ ସବୁ ବଜାର ମାନ୍ଦା ହୋଇଯିବ । ଆଉ ୫୧୦୦୦ଙ୍କା ଜରୁର ଦରକାର । ଛନି ଗୁଭ ଦିନ ଅପେକ୍ଷା କଲାପରେ ଯଦି ଅନ୍ୟକିଛି ଅସୁବିଧା ନ ହୁଏ, ତାହା ହେଲେ ଭଦ୍ରଲୋକ ଏଠୁ ବାହାରି ଯିବେ !" କିଛି ବୁଝିପାରିଲି ନାହିଁ ମନେହେଲା ହୋଇଥିବ କଅଣ ଜିନିଷ ଖରିଦ ବିକୀ କଥା, ଯାହା କଲିକତା ଭଳି ଜାଗାରେ ବି ବଜାର ମନ୍ଦା କରିଦେବ । କିଣାବିକା କଥା ଜୀବନରେ ଆଉଦିନେ ମଧ୍ୟ ଶୁଣିଥିଲି--ସେଦିନ ବି ଜଣେ ବ୍ୟବସାୟୀ କହିଥିଲେ "ଏଥର ବି ପ୍ରତିଦ୍ୱନ୍ଦୀ ଥିଏଟର ମାନଙ୍କର ବେପାର ମାନ୍ଦା ପଡ଼ିଯିବ । ସେ ବର୍ଷ ଟୁର୍ ପ୍ରୋଗ୍ରାମରେ ଦୂର ଦୂରାନ୍ତ ପୃଷ୍ଠପୋଷକ ସେଠଜୀମାନେ ମଧ୍ୟ ପାଗଳ ହୋଇ ଯିବେ—ଆଉ କମ୍ପାନୀର ଲାଭହେବ ଅନେକ । ହସ ମାଡୁଛି ଏବେ ସେ ସବୁ ଭାବିଲେ । ଲଣ୍ଠନରୁ ତେଲ ସରିଲାଣି -ପାହାନ୍ତି ତାରାର ବି ଜ୍ୟୋତି ସରିଆସିଲାଣି । ପୁଣି ସକାଳ ହେବ--ସେଇ ସକାଳ, ଯାହାର ଶେଷ ନାହିଁ । ଆଜି ଏତିକିରେ ରହିଲି । ପୁଣି ପର ଚିଠିରେ × × । କାଲି ସନ୍ଧ୍ୟାର ବନ୍ଦୀପାଇଁ ସକାଳୁ ଆୟୋଜନ—ପାର୍ଟିର ନୂଆବହି "ଭରସା" । ବନ୍ଦୀହେବ ଧନପତିର କନ୍ୟା ଜଣେ ଛଦ୍ମବେଶୀ ରାଜକୁମାର ଠାରେ । ମନଦେଇ ପାର୍ଟ ଶିଖୁଛି--ପାରିଲେ ଜଣାଇବେ ସେ ଅଭିନୟ କିପରି କରିବାକୁ ହୁଏ । ଆଶାରେ ରହିଲି, ଡାକ ବେଳକୁ—ପତ୍ର ଖଣ୍ଡିଏ ଆଶାରେ ନିରର୍ଥକ ଆବେଦନ ନେଇ ବିଦାୟ ନେଉଛି । ମନକଥା ପଦେ ଲେଖି ସାନ୍ତ୍ୱନା ଦେବେ ବୋଲି ଦୁଃଖିନୀର ନିବେଦନ— ।

ଆପଣଙ୍କର ରୂପଗୁଣମୁଗ୍ଧା

ତା ୭-୧-୫୮

ସ୍ନେହ

## ପ୍ରାଣର ଦେବତା ମୋର !

ଦୂରରୁ ଥାଇ ଆଜି ହଠାତ୍ ଖବର ପାଇଲି, ଆପଣ ଅସୁସ୍ଥ ବୋଲି । ଆପଣଙ୍କର ଅସୁସ୍ଥତା ଖବର ଶୁଣି ଆଜି ମନ ଭିତରେ କେମିତି ଗୋଟାଏ ଅଜଣା ଆଶଙ୍କା ଜାଗି ଉଠୁଛି । ଏଇ କେତେଦିନ ଧରି ମୁଁ ମଧ୍ୟ ଅସୁସ୍ଥ ହୋଇପଡ଼ିଛି—ଭୋଗୁଛି କେମିତି ଗୋଟାଏ ବଡ଼ କ୍ଷତ ହୋଇଯାଇଛି, ଯାହା ଭଲ ହେବାର ନୁହେଁ । ଅନେକ ଖୋଜିଲିଣି ହେଲେ କ୍ଷତଟିର ସନ୍ଧାନ ପାଇନାହିଁ । ଶୁଣିଛି ସେବା ଶୁଶ୍ରୂଷାରେ ସବୁକିଛି ଭଲ ହୋଇଯାଏ—ହେଲେ ସେ ଭାଗ୍ୟ ମୋର ନାହିଁ । ଯିଏ ନିଜର କ୍ଷତର ସନ୍ଧାନ ପାଇପାରୁ ନାହିଁ, ସେ ପୁଣି ଅନ୍ୟ କାହାର କ୍ଷତର ସନ୍ଧାନ କରିବ ? ହଠାତ୍ ମନେ ହେଉଛି—ମୁଁ ଯାଇଁ ବସିଥାନ୍ତି ଆପଣଙ୍କ ମୁଣ୍ଡ ପାଖରେ ଥରେ ଯଦି କପାଳରେ ହାତ ଦେବାର ସୁଯୋଗ ମିଳନ୍ତା ! ତା'ର ଭିତରେ ମୁଁ ନେଇ ଆସନ୍ତି ଆପଣଙ୍କର ସବୁ ଅସୁସ୍ଥତାକୁ ମୋ ନିଜ ଭିତରକୁ—ହେଲେ, ସେଥିରୁ ମୁଁ ବଞ୍ଚିତା । ସବୁ ସୁଯୋଗ ତ

ପତ୍ରଂଶ—

ଜୀବନରେ ମିଳେନା, ତେଣୁ ଅସାର କଳ୍ପନାରେ ଲଭ କଅଣ ? ଦୂରରୁ ମନର ଆବେଦନ ଜଣାଇ ସ୍ଥାଣୁଭଳି ପଡ଼ିରହିଛୁ—ମୋର ଅପାରଗତା ପାଇଁ କ୍ଷମାଭିକ୍ଷା କର । ଆଜି ପୁଣି ଅସୁସ୍ଥ ମନପ୍ରାଣ ନେଇ ଆଉ ଗୋଟିଏ ଅଧ୍ୟାୟ ଲେଖୁଛି :—

ହୋଟେଲରେ ରହିବାର ଦୁଇଦିନ ପରେ ପାଖର ଗୋଟିଏ ରୁମକୁ ଆସିଛନ୍ତି ଜଣେ ଚଳଚିତ୍ର କମ୍ପାନୀର ଅଫିସର । ବୟସ ତାଙ୍କର ତିରିଶ କିମ୍ବା ପଚିଶ ହେବ, ବେଶ୍ ସୁନ୍ଦର ଚେହେରା—ସେ ମଧ୍ୟ ମୋ ଅଲକ୍ଷ୍ୟରେ ଅନେକ ଥର ନିରୀକ୍ଷଣ କରିସାରିଲେଣି ମୋତେ । ମିନତି ଭରା ଦୃଷ୍ଟିରେ ଯେମିତି ପୂରି ରହିଛି ଗୋଟାଏ ଅବୁଝା ଭାଷା । ହୋଟେଲର ଚାକର ମୁହଁରେ ତାଙ୍କର ଭାରି ପ୍ରଶଂସା । ସେ କହି ଚାଲିଛି ତାଙ୍କର କଥା— ସେ କିମିତି ଭଲବାବୁ ଆଗଥରେ ଆସିଥିଲେ ଯେ ପାଞ୍ଚଟଙ୍କା ବକ୍‌ସିସ ଦେଇ ଯାଇଥିଲେ—ଭାରି ବଡ଼ଲୋକ ପିଲା—ଛବି ଉଠାଇବା ତାଙ୍କର ପେଶା । ଏବେ ସମୁଦ୍ର କୂଳରେ ତାଙ୍କର ଛବି ଉଠାହେବ--ସମୁଦ୍ରର ନୀଳଲହରୀ ମଧ୍ୟରୁ ଭାସି ଆସିବେ ଦାରୁବ୍ରହ୍ମ ଓ ସେହି ଦାରୁବ୍ରହ୍ମରୁ ଗଢ଼ାହେବେ ଜଗନ୍ନାଥ ପ୍ରତିମା--ତା'ପରେ ଛବି ତାଙ୍କର ଶେଷହେବ ଓ ସେ ଚାଲିଯିବେ ତାଙ୍କର ମୁଲ୍‌କକୁ । ଅଜାଣତରେ ପଚାରିଦେଲି ସେ ଜାତିରେ କଅଣ—କୋଉଠି ଥାନ୍ତି ଇତ୍ୟାଦି ଇତ୍ୟାଦି । ପ୍ରଶ୍ନର ପର ଚାକରଟି କହିଚାଲିଛି—"ଘର ତାଙ୍କର ଏଇ ଓଡ଼ିଶାରେ, ହେଲେ ବେପାର ବଣିଜ କଲିକତାରେ । ତେଣୁ ଏକବାରେ ଓଡ଼ିଆ ହେଲେ ବି, ସେ ଓଡ଼ିଆମାନଙ୍କ ପରି ନୁହନ୍ତି । ସେଥିପାଇଁ ଅଧିକାଂଶ ବଙ୍ଗାଳୀ ବାବୁମାନଙ୍କ ସହିତ ତାଙ୍କର ମିଳାମିଶା ।" ଚାକରଟି ଆହୁରି କହିଲା "ମା, ତମେ ଯଦି ରାଗିବ ନାହିଁ, ତାହାହେଲେ ଗୋଟାଏ କଥା କହିବି । ବାବୁ ଯେବେ

ପଚାରୁଥିଲେ-ତମେ କିଏ--ପୁଣି ଏଠି ଏ ବୁଢ଼ା ଭଦ୍ରଲୋକ ସାଥିରେ କାହିଁକି ଅଛ—ତମଠୁ ତ କିଛି ବୁଝିନଥିଲି—ସେଥିପାଇଁ କହି ଆସିଛି ଯେ ବୁଝି ସବୁ କଥା ତାଙ୍କୁ କହିବି ।”

ତାଙ୍କର ଏ ସବୁ କଥା ଜାଣି ଲାଭ—ତାଙ୍କ କାମ ସାଥିରେ ଏ ସବୁ ବାଜେ କଥାର ତ କୌଣସି ସମ୍ପର୍କ ନାହିଁ । ଆଉ ତା ଛଡ଼ା ତୁ ବା ତାଙ୍କପାଇଁ ଏତେ ଗୁଇନ୍ଦାଗିରି କରୁଛୁ କାହିଁକି—? ମୁଁ ଗୋଟିଏ ଝିଅ—ଘର ମୋର ଓଡ଼ିଶା ମୁଲକର କେଉଁ ଗାଁ ରେ—ଆଉ ସେ ମୋ ବାପା । ବୁଝିଲୁ ? ଆଉ କେବେ ମୋତେ ପଚାରିବୁ ନାହିଁ । ତୁ ତ ପୁଣି କେଉଁ ଗାଁରୁ ଆସିଛୁ-ଏଠି ଅଇଁଠା ବାସନ ପର୍ଯ୍ୟନ୍ତ ଉଠଉଚୁ—କାହିଁ ତୋତେ କେହି ପଚାରୁ ନାହିଁ ତ—ତୋର ପରିଚୟ । ବୁଝିଲୁ ପରା ? ଆରେ ଗରିବର ପୁଣି ପରିଚୟ— × × ×

କଥାଟା ଶୁଣି ଗୁଡ଼ିରଟୋକା କହିଲା—“ହଁ ମା, ସବୁ ସତ ଯେ-ହେଲେ ତମେ ତାଙ୍କ ଝିଅ ନୁହଁ । ସେ ତ ଏଠି ଆସି କେତେ ଦିନରୁ ଅଛନ୍ତି । ବଂଗାଳୀ ଲୋକଟାଏ—ଏମିତି କେତେଦିନ ତଳେ ଆସିଥିଲା ଯେ, ଗୁଡ଼ାଏ ଦିନ ରହିଲା—ତାପରେ ଗୋଟିଏ ଝିଅ ଆଣିଲା--କହିଲା ‘ମୋ ଝିଅ’ । ସେ ଝିଅ ଯେଉଁ କାନ୍ଦଣା କାନ୍ଦୁଥାଏ-ଆମ ଏଇ ହୋଟେଲ ସ୍ୱାଇନା କୁଆଡ଼ୁ ଶୁଣିଲା କେଜାଣି, ଆମକୁ କହିଲା ପରା—“ଏ ବାବୁର ପେଶା ହେଉଚି ଝିଅ କିଣିବା । ସୁନ୍ଦରିଆ ସୁନ୍ଦରିଆ ଝିଅ ଦେଖି ତାଙ୍କ ମୁଲକକୁ ନଉଚି । କେଜାଣି ମା’ ସେଠି ସେ ଝିଅ କେଉଁ କାମରେ ଲାଗୁଛନ୍ତି । ହଁ, ପୁଣି ଏ ଲୋକର ଜଣେ ବଡ଼ବାବୁ ଅଛି—ତାର ପୁଣି ଏ ବେପାର—ଅମେ, କିଛି ବୁଝିପାରୁ ନାହୁଁ । ଏତିକି ବେଳେ ତଳୁ ମେନେଜର

ଡାକଦେଲା—"ଆରେ ଓ ଭଜା ! ଉଡ଼େ-ବ୍ୟାଟା ପାଯୂର ହଏଗେଲ ।' 'ଯାଉଛି ମା' କହି ଟୋକାଟା ଜୋରରେ ରଡ଼ି ଛାଡ଼ିଲା—ଯାଉଛି ବାବୁ !

କଅଣ ସବୁ ଏମିତି କହିଗଲା--ଏ ସବୁ କଅଣ ସତ ! କାହିଁକି ତାହାହେଲେ ମତେ ଅଗା ଏଠିକି ଠେଲିଦେଲା—କଅଣ ପର୍ଦ୍ଦା ପାଖରେ ଚୁଡ଼ିଙ୍ଗସାର ଅଛି—ସେଠିକି ତ ନଗାକୁ କହିଥିଲା-- ପୁଣି ଏ କଅଣ ! ମନ ଭିତରେ ଗୋଳେଇ ଘାଣ୍ଟି ହେଲା-ଟୋକାଟି ଆଉଥରେ ଆସନ୍ତା କି ! ହେଲେ ତା ପରିବର୍ତ୍ତେ ଆସୁଥିଲେ ବୁଢ଼ା ଭଦ୍ରଲୋକ-'ତୋମାର କିଛୁ ଅସୁବିଧା ହଚ୍ଛେନା ତ' ? ନୀରବରେ ମୁଣ୍ଡ ହଲେଇବା ଛଡ଼ା ମୋର କିଛି ଉପାୟ ନ ଥିଲା । ପୁଣି ସଞ୍ଜ—ମୁଁ ବସିଛି ସମୁଦ୍ରର ଲହରୀକୁ ଅନେଇଁ । ଭଜା ଟୁ କପ୍ ଟିଏ ଧରି ଆସି କହିଲା "ମା କଅଣ ଭାବୁଚ—ଟୁ ପିଅ ମ" । କହିଲି "ହଇରେ ଭଜନ, ତୁ ସବୁ ଯା କହିଗଲୁ ତା ସବୁ ସତ ? ମୋ ଭଳି କଅଣ ଅନେକ ଝିଅ......" ? ବଡ଼ ବଡ଼ ଆଖିକରି ଭଜା କହିଲା" ମା, ମୋ ଟୁକିଏ ନେବ ତୁମେ । ବଡ଼ଲୋକ କଥା-ଏଇ ହୋଟେଲ ମେନେଜର ତାର ସାଙ୍ଗ—ତାଙ୍କ କଥା କଅଣ କହିବି ମା ! ଏଇ ଟୁବର୍ଷ ଭିତରେ ବାର ଚଉଦ ଜଣ ଝିଅ ଏଇଠି ରହିଥିବେ—ଏଇଠୁ ପୁଣି କଲିକତା ଯାଇଥିବେ—ହେଲେ ତମକୁ ଦେଖିଲେ ଦୟା ଲାଗୁଛି ମା ! ସବୁ କଥା ମୁଁ ପାଖଘର ଓଡ଼ିଆ ବାବୁଙ୍କୁ କହିଦେଲି—ସେ ତ ରାଗରେ ଗର୍ଜି ଉଠିଲେଣି—କହିଲେ, "ଯାହା ହବାର ହବ ତମକୁ ସେ ବୁଢ଼ା ସାଙ୍ଗରେ ଯିବାକୁ ଦେବେନି । ତମେ ଯଦି ଶୁଣିବ ନାହିଁ, ଗୋଟିଏ କଥା କହିବି—ସେ ବାବୁ ତମ ସାଙ୍ଗରେ ଦି'ପଦ କଥା ହେବେ । ବୁଢାଟା ତ ଏବେ ବୁଲି ବାହାରିବ ଯେ ବେଳେ ସେ ବାବୁ ଆସିବେ ବେଳାଣେ । ଆପଣ ଯଦି କହନ୍ତେ...... ।" ଉତ୍ତରରେ

—ରେପନ

ଆଶଙ୍କାରେ ପ୍ରାଣ ମୋର ଥର ଉଠୁଥାଏ । ଏ ପୁଣି କି ପ୍ରବଞ୍ଚନା ! କାହିଁ ଆମ ଗାଁରେ ତ କେହି ଏମିତି କାହାକୁ ଠକେନା । ଏସବୁ ବଡ଼ ବଡ଼ କୋଠାବାଡ଼ିରେ—ଭଦ୍ରଲୋକୀ ସାଜପୋଷାକରେହିଁ ହୁଏ । କହିଲି "ଭଜନା" ସେ ବାବୁ କିଏ ମୁଁ ଜାଣେନା—ଆଉ ସେ ପୁଣି କାହିଁକି ଏ କବଲରେ ପଶିଲେ—କମିତିକା ଲୋକ, କଅଣ-ମୁଁ ବେଶ ଅଛିରେ—ଆଉ ଦିନ ଦି'ଟାରେ ମୋ ଭାଗ୍ୟ ନିଷ୍ପତ୍ତି ହୋଇଯିବ । ସେତେବେଳେ ମୁଁ ଥିବି କଲିକତାରେ—ମିଛରେ ତାଙ୍କର ଏଥିରେ ମୁଣ୍ଡ ପୂରାଇ ଲାଭ କଅଣ ? ଭଜନା କହିଲା—ମା ବସନ୍ତ ବାବୁ ଏ ହୋଟେଲରେ ରହନ୍ତି—ହେଲେ ଏ ସମସ୍ତଙ୍କଠୁଁ ଅଲଗା । କଥାବାର୍ତ୍ତାରୁ ତମେ ବୁଝିବନାହିଁ ମା—ତମ କଲିକତା ଯିବା କଥା ଶୁଣି ଦିହ ଶୀତେଇ ଉଠୁଛି । ଏବେ ଭଜନାଟାକୁ କହୁଥିଲି—ମତେ କହିଲ "ଆବେ, ତୋର କଅଣ ଗଲା ? ଏମିତି ତ କେତେ ଏଠୁ ଗଲେଣି ।" ସେ ପୁଣି କହିଲା "ତମେ ମା ଜୋଉ ଦୋକାନରେ ରହିବ ? ଯେତେ ପଚାରିଲି କିଛି କହିଲା ନାହିଁ, ସେ ଦୋକାନଟା କଲିକତାରେ କେଉଁଠି ବୋଲି କେବଳ କହିଲା-ସୁତା ବଜାରରେ ସେ ଦୋକାନ—ମୁଁ ତ ମା କଲିକତାରେ କେତେ କେତେ ବଜାର ନାଁ ଶୁଣିଛି—ହେଲେ ସୁତା ବଜାର ନାଁ ଶୁଣିନି—ତମେ କିଛି ଭାବ ନାହିଁ ମୁଁ ବିନୟ ବାବୁଙ୍କୁ ଡାକି ଦେଉଛି"—ଆଜି ଆପଣଙ୍କୁ ଏ କଥା ଲେଖିବାକୁ ଲାଜ ମାଡୁଛି । ବିନୟ ବାବୁଙ୍କ ନାଁ'ଟି ସେ'ଦିନ କାନକୁ କେମିତି ଲାଗିଥିଲା—ଅନ୍ୟମନସ୍କ ହୋଇ ମୁଁ ଠିଆହୋଇ ରହୁଥାଏ ସମୁଦ୍ରପାଖ ବାରଣ୍ଡାଟିରେ—ପଶିଆସିଲେ ବିନୟବାବୁ, ନମସ୍କାର କଲେ—କହିଲେ କ୍ଷମା କରିବେ--ମୁଁ ଜଣେ ଓଡ଼ିଆ—ମତେ ଭୟ କରିବାର କିଛି ନାହିଁ—ମୁଁ ଜାଣିବାକୁ ଚାହୁଁଥିଲି—ଏ ଭଦ୍ରଲୋକ କିଏ ? ଆଉ ଆପଣ ତାଙ୍କର କଅଣ ହୁଅନ୍ତି ? ଏକବାରେ ଅନେକ ଗୁଡ଼ାଏ କଥା ପଚାରିଗଲେ—ମୁଁ

ରଞ୍ଜନ—

ନୀରବରେ ଶୁଣୁଥାଏ—ସେ କହିଲେ ମୁଁ ଅବଶ୍ୟ ଜାଣେନା ଏ ଲୋକଟି ବିଷୟରେ—ତେବେ କଲିକତାରେ ମୁଁ ରହେଁ—ମୁଁ ଏମାନଙ୍କ ଭଳି ଅନେକ ଲୋକଙ୍କୁ ଜାଣିଛି—ସେମାନେ ଭଦ୍ରଲୋକର ମୁଖା ପିନ୍ଧି, ଝିଅ କରିନେବା ବାହାନାରେ, ଏଇ ପୁରୀ ସମୁଦ୍ରକୂଳ ହୋଟେଲମାନଙ୍କରୁ ଅଗଣିତ ଝିଅଙ୍କୁ ନେଇ ରଖିଛନ୍ତି—ଗୋଟାଏ କୁଞ୍ଜ ଗଳିରେ—ନାମ ତାର "ହାଡ଼କଟା" ଗଳିର ନାଁଟି ପରି ଏମାନେ ଯୁବତୀ ଝିଅଟିଏ ପାଇଲେ ତାର ନରମ ହାଡ଼ ମାଉଁସ ସବୁ ଚୋବେଇ ଖା'ନ୍ତି । କେଇଦିନ ଭିତରେ—ବଜାର ମାନ୍ଧାପଡ଼େ—ପୁଣି ଦୌଡ଼ନ୍ତି ପୁରୀ, ବନାରସ, ଚୁଷ କେଶ ଇତ୍ୟାଦି । କିନ୍ତୁ ମନେ କରିବେ ନାହିଁ--କେବଳ ମୁଁ ଜାଣିବାକୁ ଚାହେଁ ଆପଣ କେଉଁ ଭାବରେ ତାଙ୍କ ସଙ୍ଗେ- × × × ×

କଥା ମଧ୍ୟରେ ତାଙ୍କର ସନ୍ଧାନ ପାଇଲି ଗୋଟାଏ ସହାନୁଭୂତିର ଇଙ୍ଗିତ--ଯେମିତି ଗୋଟାଏ ମନ୍ତ୍ରମୁଗ୍ଧ ଅବସ୍ଥାରେ ସବୁ କଥା ମୁଁ କହି ପକାଇଲି । ପୂର୍ବରୁ ସବୁ ଜାଣିଲାପରି ସେ କହିଲେ ମୁଁ ଆପଣଙ୍କୁ ଏଠି ଦେଖିବା ପରଠାରୁ ପ୍ରାୟ ସବୁ ତଥ୍ୟ ସଂଗ୍ରହ କରିନେଇଛି । କେବଳ ଆପଣଙ୍କଠୁଁ ଜାଣିବାକୁ ଚାହୁଁଥିଲି--ଆପଣ ଯଦି ଅନୁମତି ଦିଅନ୍ତି ତା'ହେଲେ ମୁଁ ସବୁ ଠିକ୍ କରିନେବି--ଆପଣଙ୍କର କିଏ ସବୁ ଅଛନ୍ତି--ତା'ଛଡ଼ା ଯେଉଁ ଅପା କଥା କହିଲେ ତାଙ୍କର ଘର ଠିକଣା ମତେ କହନ୍ତୁ । ଅପା ନାଁ ଶୁଣି ମୋର ଦେହମୁଣ୍ଡରେ ଲୁଗି ଚୁଲିଗଲା । କହିଲି—ଆଉ ତାଙ୍କ ଠିକଣା ଜାଣି କ'ଣ ହେବ ? କେଇଟି ଦିନର ଅନୁଭୂତିରେ ମୁଁ ବେଶ୍ ଜାଣିଛି ଯେ ମୋର ସ୍ଥାନ କେଉଁଠି । ଆପଣ ମୋ ପାଇଁ କାହିଁକି ବ୍ୟସ୍ତ ହେବେ ? କେବଳ ମୋ ବୋଉ—ବୋଉ ମୋର କେଉଁଠି, ସେଇତକ ଜାଣିଲେ ମୋର ବା'ଞ୍ଚି' ମୁଁ କାନ୍ଦିନବି ।

କଥାକଥାକେ ଅନେକ ରାତ ହୋଇଯାଇଥିଲା—ବୁଢା ଭଦ୍ରଲୋକ ଫେରିଆସିବା ବେଳ ହୋଇଯାଇଥିଲା । ମୁଁ କବାଟ ବନ୍ଦକରି ଭିତରକୁ ଆସିଲି । ରାତସାରା ବିଛଣାରେ ପଡ଼ି ଛଟପଟ ଅବସ୍ଥାରେ ଭାବିଗଲି ଆକାଶପାତାଳ—ଭଗବାନ ! ମତେ ନେଇ ପୁଣି ଏତେ ଇନ୍ଦ୍ରଜାଲ ! କଅଣ ଚାହାନ୍ତି ଏମାନେ ମୋ ଠାରୁ ?

ସକାଳ ହେଲା—ଭୀଷଣ ପାଟି ତୁଣ୍ଡ ମଧ୍ୟରେ ମୋର ନିଦ ଭାଙ୍ଗିଲା । ବିନୟବାବୁ ଗର୍ଜି ଉଠି କହୁଥାନ୍ତି—ଆପଣମାନଙ୍କୁ ମୁଁ ଭଲକରି ଚିହ୍ନେ—ମତେ ଆପଣଙ୍କର ପୂରା ଠିକଣା ଦିଅନ୍ତୁ—ମୁଁ ବର୍ତ୍ତମାନ ପୋଲିସ ଜରିଆରେ ସବୁ ଠିକ୍ କରିଦେବି—ଏମିତି ଅନାଥ ବାଳିକାମାନଙ୍କୁ ନେଇ ଆପଣମାନଙ୍କର ଜାଲ ଫିସାଦ ଚାଲିଛି, ଇତ୍ୟାଦି—ବୁଢ଼ା ଭଦ୍ରଲୋକ ବଡ଼ ଭୀତତ୍ରସ୍ତ ହୋଇ କହୁଥାନ୍ତି—ମତେ ଭୁଲ ବୁଝିବେ ନାହିଁ—ମୁଁ କୋଳହୀନ ହୋଇଥିବାରୁ ଝିଅଟିକୁ ନିଜର କରିନେଇଛି । ଏଥିରେ ପୋଲିସ ପର୍ଯ୍ୟନ୍ତ କଥା ନେବାରେ ଦରକାର ନାହିଁ—ତା'ଛଡ଼ା ମୋର ସ୍ତ୍ରୀ ମତେ ଆଜି ଏ ଝିଅଟିକୁ ଦେଇଥିବାରୁ ମୁଁ ତାର ଘରଲୋକମାନଙ୍କର ଠିକଣା ଜାଣେନା—ଏମିତି କେତେ କଅଣ । ବୁଢ଼ାଲୋକଟା ପୋଲିସକୁ ନଡାକିବାକୁ ଅନେକ ଅନୁନୟ ବିନୟ ହେଲା—ତାପରେ ସବୁ ଚୁପ—ଦିନଟି କୌଣସିମତେ କଟିଗଲା—ରାତ ଆସିଲା—ଦିନସାରା ତାହାର ସହିତ ମୋର ସାକ୍ଷାତ ହେଲା ନାହିଁ । ତା ପରଦିନ ଜାଣିଲି ବୁଢ଼ା ଲୋକଟା ପାଖ ଘରୁ ରାତ ଅନ୍ଧାର ଭିତରେ ପଳାୟନ କରିଛି । ସକାଳୁ ଭଜନା ପୁଣି ମୋ' ପାଖକୁ ଆସିଲା । କହିଲା, ଭଜନା ମତେ କିଏ ଷ୍ଟେସନକୁ ବାଟ ବତାଇ ଦେଇ ପାରିବ ? ମୁଁ ଭୁଲି ଯିବି ବାଟ ପଚାରୁ ପଚାରୁ ଆମ ଗାଁକୁ ? ଭଜନା କହିଲା—ମା, କାହିଁକି ଏମିତି ବ୍ୟସ୍ତ ହେଉଛ ? ବିନୟବାବୁ

ଛପନ—

ପର୍ ଅଛନ୍ତି । ସେ ସବୁ ଠିକ କରି ଦେବେ । ଆପଣଙ୍କୁ ନେଇ ଘରେ ଛାଡ଼ି ଆସିବେ । ଭାବିଲି 'ଘର' ! କୋଉ ଘରକୁ ମୋର ବିନୟ ବାବୁ ନେଇ ଯିବେ ? କୁଳ କିନାରା ଯେ ସବୁ ହରାଇଛି ସେ ପୁଣି ଘର ବାନ୍ଧିବ ? ହେଉ, ହାତ ଅବଶ ହୋଇ ଆସିଲାଣି । ପୁଣି ପର ଚିଠିରେ । କବିସୂର୍ଯ୍ୟ ନାଟକ ଦେଖିଥିବେ । ଅଜାଙ୍କ ଅଭିଶାପ—'ତୁ ହେବୁ ସମସ୍ତଙ୍କର, ତୋର କେହି ହେବେନି ।' ସମସ୍ତଙ୍କୁ ଆପଣାକରି ଆସିଛି, ହେଲେ ମୋର କେହି ହେଇ ନାହାନ୍ତି । ଜାଣେନା କାହିଁକି କା'ର ସନ୍ଧାନ କରୁଛି । ଅଭିଶାପଗ୍ରସ୍ତ ଜୀବନ ନେଇ ଏବେ ମଧ୍ୟ ବଞ୍ଚି ରହିଛି । ଆପଣଙ୍କର ଦେହର ଅବସ୍ଥା ମନକୁ ଆହୁରି ଉଦ୍‌ବେଳିତ କରୁଛି । ନିଜେ ଯଦି ନ ଲେଖନ୍ତି, ତାହାଲେ କାହାରି ହାତରେ ଖଣ୍ଡେ ଚିଠି ଲେଖି ଦେବେ ବୋଲି ଲକ୍ଷ୍ୟ ଆଖି ଚାହିଁ ରହିଲି—

—ଆଶାରେ

ତା ୨୦।୨।୫୮ ସ୍ନେହ

## ଦେବତା ମୋର !

ଯେ ଚିରଦୁଃଖୀ ତାର ପୁଣି ଅନ୍ୟର ଦୁଃଖ ସୁଖର କାହାଣୀ ଶୁଣିବାର ଅଧିକାର ଆଇଲା କୋଉଠୁ ? ଏଇ ସାନ୍ତ୍ୱନା ଦେଇ ଦୀର୍ଘ ୧୫ ଦିନ କାଳ ଆପଣଙ୍କର ଖବର ଜାଣିବାକୁ କାତରରେ ଅନାଇ ବସିଛି । ତଥାପି ଅବୁଝା ମନ ବୁଝୁନାହିଁ । ନୂଆ ଜାଗାଟିକୁ ଆସିଛୁଁ ଏଇ ପାଞ୍ଚଦିନ ହେଲା । ଆମ ବସା ପାଖ ପଡ଼ିଶାରେ ନୂଆବୋଉଟିଏ ପନ୍ଦରଦିନ ଭିତରେ ଆଇଲା, ଆଜି ଖରାବେଳେ ବାଡ଼ିପଟେ ଠିଆହୋଇ ମୋ ସାଙ୍ଗରେ କଥା ହେଉଥିଲା । ମୁଁ କହିଲି ତମେ ତ ବାପଘର ଯାଇଥିଲ, ଆସିଲ କେମିତି ? ଝିଅଟି କହିଲା—ହଁ ଯାଇଥିଲି ଭଉଣୀ ! ମାସ ପୂରିନାହିଁ, ଏଠାରୁ ପୁଣି ଡାକରା ପଠାଗଲା । "ବସିଲା ସ୍ଥାନରୁ ଉଠିଆସ—ଦେହ ଖରାପ" । ଗୁରେଇ ଭୁରେଇ ପଚାରିଲି କାହା ଦେହ ଖରାପ ? କିଏ ଖବର ପଠାଇଲା ମ ? ଲାଜେଇ ହୋଇ ବୋହୂଟି, କହିଲା—କଅଣ ଏକଥା ପଚାରୁଛ ମ ଅପା ? ସତେ ତମେମାନେ ଯେମିତି କିଛି ଜାଣନା ! ସିଏ ପରା ଖବର ଦେଇ

ପଠାଇଲେ ! ପୁଣି ପଚ୍ଚାରିଲି--ସିଏ କିଏ--ତମ ବାବୁ କି ? କାହିଁ ତମ ବାବୁଙ୍କର କଅଣ ହୋଇଛି ? ବୋହୂଟି କହିଲା—ନା ସେମିତି କିଛି ନୁହେଁ, ମତେ ପାଖକୁ ଆଣିବାକୁ ତାଙ୍କର ଗୋଟାଏ ଜିଦ୍ । ମୁଁ ନହେଲେ ଦଣ୍ଡେ ଚଳିବେନାହିଁ । ଅଜା କେତେ କହିଲାରୁ ଅଫିସ ଗଲେ । ସାଙ୍ଗରେ ସାନ ଭାଇଟି ମୋର ଆସିଛି, କଅଣ ଭାବିବ କହିଲ ଅପା ? ତମ ବାବୁ ତମକୁ କେମିତି ଥିଏଟର କରିବାପାଇଁ ଛାଡ଼ି ଦେଇଛନ୍ତି ? ତମେ ଆଉ ସତେ ଯେମିତି ବାପ'ଘରେ ଅଛ ! ଧ୍ୟାଙ୍କ ପାଇଁ ଲାଜରେ ମୁଁ ମରିଯାଉଛି । ଅଫିସରୁ ଫେରିବେ କି ନାହିଁ ମୋ ପଣତ ଧରି ବସିବେ । ଗୁହା କପେ ବି ଆଣିବାକୁ ଛାଡ଼ିବେ ନାହିଁ । ମତେ ଅନ୍ୟମନସ୍କ ଦେଖି ବୋହୂଟି କହିଲା—ଅପା କଅଣ ଭାବୁଛ ? ତମ ବାବୁଙ୍କ କଥା ମନେ ପଡ଼ିଲା କି ? କେଇଦିନକୁ ଆସିଛ ? ତମ ବାବୁ କଅଣ କରନ୍ତି ? ମୁଁ କହିଲି--ଆମର ବାବୁ ନାହାନ୍ତି । ବାବୁଥିଲେ କଅଣ ଏମିତି ଥିଏଟର କରିବାକୁ ଦିଅନ୍ତେ ? ହିଁଅଟି ହସି ହସି କହିଲା ହଁ'ମ ସବୁ ଦେଖିଛି ମୁଁ କାଲି । ତମେପରା ବୋହୂ ହୋଇ ଥିଲ ? କଅଣ 'ଚଢ଼େଇଚାଟି' ଖେଳ କରୁଥିଲ ? ତମ ବାବୁ ତ କେଡ଼େ ସୁନ୍ଦର ! ମୁଁ ପୁଣି ତମ ଗୀତରୁ ପଦେ ମନେ ରଖିଛି ? କହିବି ?

ଓଡ଼ିଆ ଘରର ବୋହୂ ଗୋ, ଫୁଲ ବଉଳବେଣୀ ।
ଗୋରସ୍ତ ଗଞ୍ଜଣା ମଉନେ ସହୁ ତୁ ଆଖିରୁ ଲୁହ ଲୁହାଇ ଲୁହୁଲେ
ଫୁଲ ବଉଳ ବେଣୀ ।

ଭାରି ମଧୁରିଆ ଗୀତ । ଶୁଣିଛି ଗୋରସ୍ତ ଗଞ୍ଜଣା ଦିଅନ୍ତି ବୋଲି, ହେଲେ ବିଶ୍ୱାସ ହଉନି । ସ'ଉଚି ଅପା ! ତାଙ୍କପାଇଁ ଲକ୍ଷ୍ମୀ ହେବି ଆମ ଘରକୁ ଆସିବ ନା ! ବୋହୂଟି ଗଲା ତା କାମରେ । ଅପେକ୍ଷାରେ ହୁଁ ଆନନ୍ଦ । ହେଲେ ସୀମାତୀତ ଅପେକ୍ଷାରେ ଧୌର୍ଯ୍ୟଚ୍ୟୁତ ହୁଏ

ଅପେକ୍ଷା କରେ ଫୁଲ ଭ୍ରମର ପାଇଁ, ଅପେକ୍ଷା କରେ ଫଗୁଣ ବସନ୍ତ ପାଇଁ । ଫୁଲପାଇଁ ଭ୍ରମର ଓ ଫଗୁଣ ପାଇଁ ବସନ୍ତ—ବିଧିର ବିଧାନ । ଅପେକ୍ଷା କରନ୍ତି ପଦେ କଥା ପାଇଁ—ଖଣ୍ଡିଏ ହାତଲେଖା ଚିଠିପାଇଁ । ଆଉ ଆସିବେନି—ଏକଥା ବିଶ୍ୱାସ କରି ପାରୁନାହିଁ । ଆଶାର ଖର-ସ୍ରୋତରେ ଦୁଇଟୋପା ଅଶ୍ରୁଲୁହ ଭସାଇ ଅପେକ୍ଷା କରନ୍ତି । ଯାହା କରୁଥିବେ—ସବୁ ଭୁଲ ହୋଇଗଲା । କଅଣ ଲେଖୁ ଲେଖୁ କଅଣ କହି ବସିଲି ? ପଣଭାର ଅନ୍ୟକଥାରେ ପଶିଗଲା ପଢ଼ିବ ତାର ମନକଥା । କଅଣ ଭାବୁଥିବେ ଆପଣ ମନରେ ଏ ସବୁ ପଢ଼ି ! ଯାହା ଭାବନ୍ତୁ ପଛକେ, ଜୀବନ ନାଟକର ଆଉ ଗୋଟିଏ ବୃତାନ୍ତର ଶେଷ ଅଧ୍ୟାୟ ଆରମ୍ଭ କରୁଛି— ।

ସେ ଦିନ ସକାଳେ ବନସ୍ପବାବୁ ରୁମ୍ ଭିତରକୁ ପଶିଆସିଲେ, ସାଙ୍ଗରେ ତାଙ୍କର ଭଉଣୀ ଗୁଡ଼ିକ । ମୁଁ ଠିଆହୋଇ ରହିଲି ନୀରବରେ । ସେ ଆଗ ଆରମ୍ଭ କଲେ ଦେଖିଲେ ଟି ଲୋକଟା କେମିତିକା ଜୁଆଡ୍ରେର । ପେଲସି ନାଁ ଶୁଣି ଡରରେ ପଳାଇଗଲା । ମୁଁ ପ୍ରଥମ ଦିନୁ ଜାଣିଥିଲି ସୁନ୍ଦରବନ ଝିଅ ପାଖରେ ଏ ଲୋକଗୁଡ଼ା ଏମିତି କରନ୍ତି-ହଠାତ କାନରେ କଅଣ ଯେମିତି ବାଜିଲା—ସବୁ କଥା ଭିତରୁ ପଦେ କଥା "ସୁନ୍ଦରବନ ଝିଅ"--ମନେ ହେଲା ତାଙ୍କୁ ଥରେ ଭଲକରି ଚାହାନ୍ତି--ତାଙ୍କ ଆଖି ଭିତରକୁ ପଶିଯାଇ ଦେଖନ୍ତି କେତେଦୂର ସେ ସୁନ୍ଦର । କଅଣ ଥିଲେ--ମୁଁ ଅଶ୍ରିବ ସୁଅଙ୍କ ଆଖିରେ ସୁନ୍ଦର ଦେଖାଯାଏ--" ବନସ୍ପବାବୁ କହିଲେ ମୋର କାମ ଶେଷ ହୋଇଛି--ମୋର ଲୋକମାନେ ସମସ୍ତେ ଏଠୁ ଚାଲିଯାଇଛନ୍ତି-ଏଥର କହନ୍ତୁ ଆପଣଙ୍କୁ କୋଉଠିକି ନେଇଯିବି—ସବୁ ସେ ନିଜେ ନିଜେ କହିଗଲେ, କହିଲେ--"ମୋ ସାଥିରେ ଯିବାକୁ ଇଚ୍ଛା କରୁଥିବେ, ମୁଁ ଆପଣଙ୍କୁ ପଠାଇଦେବାର ବନ୍ଦୋବସ୍ତ କରିପାରେ ।

## ଷାଠିଏ—

ମୁଁ ନୀରବ ରହିଲି, ଆଖିରୁ ଲୁହଧାର ଛୁଟିଲା-ଭଗବାନ, ବାଟ କାହିଁ କୋଉଠିକି ଯିବ, କୋଉ ମୁହଁରେ-ଅପା ଘରେ ନରକ ଯନ୍ତ୍ରଣା - ଦାଦ ଖୁଡ଼ୀ ତ ଅଧବାଟରୁ ଦୂର ଦୂର୍ କରିବେ, କଳଙ୍କିନୀ ପାପୀ ବୋଲି ଗାଁ ଘାଣ୍ଟି ରଟିଯିବ-ମା, ବାଟମଙ୍ଗଳା, ମା ! ଖୁଦୁରୁକୁଣୀ ! ମା ବୁଧେଇ ! ସମସ୍ତେ ତ ମୋ କପାଳକୁ ପଥର ପାଲଟିଯିବେ--କିମିତ ଅବା ମୁହଁ ଖୋଲି କହିବ ? ଦଣ୍ଡେ ପହଡ଼େ ନୀରବରେ ବିତିଗଲା—ମୋର ସବୁ ଦୁଃଖ ମୁଣି ତାଙ୍କ ପାଦତଳେ ଅଜାଡ଼ି ଦେଲି । ତାଙ୍କ ପ୍ରାଣକୁ ସେଦିନ ହୁଏତ କଥାଗୁଡ଼ାକ ଛୁଇଁଥିଲା, ସଙ୍ଗେ ସଙ୍ଗେ କହିଲେ "ଆପଣ ବ୍ୟସ୍ତ ହେବେନି, ଆପଣଙ୍କର ସବୁ ଭାର ମୋ ଉପରେ, ଯଦି ଅବଶ୍ୟ ବିଶ୍ୱାସ ଥାଏ । ଆପଣଙ୍କୁ ମଣିଷ କରିବା ଭାର ମୋ ଉପରେ ରହିଲା । ଯଦି ଅମତ ନ ଥାଏ ଆମେ କାଲି ଏଠୁ ଚାଲିଯିବା--ହଁ କହିବି କି ନାହିଁ କହିବି, କିଛି ବୁଦ୍ଧି ବାଟ ଦିଶିଲା ନାହିଁ । ମଉନ ରହିଲି, ନୀରବରେ ସେ କଅଣ ବା ବୁଝିଲେ ସେ ଜାଣନ୍ତି; ତା ପରେ ସେ ଚାଲିଗଲେ ।

× × × × ×

ପୁରୀରୁ କଟକ ବାଟ କେତେ ବା ! ସେଦିନ ଲାଗୁଥାଏ-ଯେମିତ ମୁଁ କୋଉ ଦୂର ବିଦେଶ ଯାଉଛି । ଅଣନିଶ୍ୱାସୀ ହୋଇ ଗାଡ଼ିଟା ଧାଇଁଛି । ଯେମିତ ଆମକୁ ଓହ୍ଲାଇ ଦେଇ ପାରିଲେ ତାର ମୁକ୍ତି । ତାର ନିତିଦିନିଆ ବାଟ ତାର ଧରାବନ୍ଧା । କିନ୍ତୁ, ସେଇଥିରେ ପୁଣି ରହି ରହି ଗାଡ଼ିଟା ଯାଉଥାଏ ବେଳେ ବେଳେ ଦୋହଲି ଦୋହଲି-ମୁଁ ଠିଆହୋଇ ରହୁଥାଏ ଝରକା କଡ଼କୁ । କେତେବେଳେ ସେ କହିଲେ "ବସ—ଏମିତ ଠିଆହୋଇ ରହିଲ ଯେ ! ମନରେ ଯଦି କିଛି ଭାବୁଥାଅ ତାହାହେଲେ—ମୋ ମୁହଁକୁ ଚାହିଁଲେ । କହିଲେ ମୁଁ ଯଦି ସତରେ କଷ୍ଟଦେଇ ଥାଏ-

ତା ହେଲେ—ଲଜ୍ଜ ଲାଗିଲା । ମୁଁ କହୁଲି କଣ ବରଂ ମୁଁ ଦେଲି ଆପଣଙ୍କୁ--ଗୋଟାଏ ଗ୍ରେଟ ଷ୍ଟେସନ ପଡ଼ିଲା । ସିଏ ଓହ୍ଲାଇଗଲେ ତଳକୁ, ତାଙ୍କ ଦେହମୁଣ୍ଡ ସବୁ ଦେଖିଗଲି । ସେଦିନ ମନେହେଲା ଏମିତ ବଳାଇଲା ପର ଅଣ୍ଡିର ଦହଟା ! ତା ଦେହରେ ପୁଣି ଏତେ ମମତା ବାଲା—ମତେ ଦୂରରୁ ଅନେଇଁ ସେ ହସିଦେଲେ । ଉପରଉପରେ ଆସି କହିଲେ ଏମିତ ଡ଼ରୁଛ କାହିଁକି ? ଆମେ ସବୁ ଅନେକ ଯାଠ ଯିବା ? ଏଇତ ଆରମ୍ଭ ମାତ୍ର ! ଆହୁରି କେତେ ଷ୍ଟେସନ ବାକି । ...ଡ଼ି ରହିବ, ଆମେ ରହିବା ତା ପରେ ପୁଣି ଯାତ୍ରା । ଶେଷକୁ—

ସବୁ ଷ୍ଟେସନ ଜୀବନରେ କମିତବା ଦେଖିନଥିଲି । ସହର ଭିତରେ ସାର ବୋଲି ଶୁଣିଛି । ସିଏ କବାଟ ଖୋଲିଦେଲେ । ଦୁଇ ଗୁରିଜଣ ଠିଆ ହୋଇଥିଲେ ପ୍ଲାଟଫର୍ମରେ । ସେଦିନ ତାଙ୍କୁ ଚିହ୍ନି ନ ଥିଲି- ଏବେ ଚିହ୍ନିଛି । ପାଠ ପଢ଼ନ୍ତି ସେମାନେ କଲେଜରେ—ହଠାତ୍ କହି ଉଠିଲେ, 'ବଢିଆ ମାଲଟା ରେ'--ଶୁଣି ଚମକି ପଡ଼ିଲି, ଏଟା ପୁଣି କଲିକତା ନୁହଁ ତ ? ସେଇଁଠିକା ପାଇଁ ମାଲ କିଣା ଯାଉଥିଲା ! ମଟର ଗାଡ଼ିଟା ଆଗରୁ ସଜିଲ ହୋଇଥିଲା । ତାପରେ ଆମେ ଗଲୁ । କି ବଜାର ମନେ ନାହିଁ, ହେଲେ ସବୁ ବଜାରର ଶେଷ ସେଇଠି । ପ୍ରକାଣ୍ଡ କୋଠା, ଗୁରୁର ବାଟର ବୋଲି ଜଣେ ଅଧେ, ଶୁଣିଲି ବୁଢ଼ା ସାଆନ୍ତେ କଟେଇ ବାଟେଇରେ ଆସିଲେ ରହନ୍ତି ବୋଲି, ଗାଡ଼ିରୁ ଜିନିଷ କଢ଼ାହେଲା, ଘର ପରେ ଘର, ହିବା ଶେଷ ଘରେ ମୋର ଜିନିଷପତ୍ର ତ'ଖଣ୍ଡ ରଖାଗଲା । ବିନାଯୁ ବାବୁ ମୁହଁ ହାତ ଧୋଇ ଫେରିଲେ, ଦୁଆର ବନ୍ଧରେ ଠିଆ ହୋଇ କହିଲେ, "ଏ ଘରେ ଯିଏ ଅଛନ୍ତି ତାଙ୍କ ଅନୁମତି ହେଲେ ଭିତରକୁ ଯାଇପାରେ ।" ଲଜ୍ଜା ହେଉ କହିଲି "ଏଠି କାହାର କଣ ଅଛି ଯେ, ଆପଣ ଆସିବେ" ? ସତେ ନା କଅଣ, ଏତେ ସାହାସ ଗୋଡ଼ ଦାବୁ ଦାବୁ!

ବାଆଷଠି—

ତା ହେଲେ ଆଗକୁ କଅଣ ନ ହେବ ? ସେଦିନ ଏମିତ ହେଲଜ୍ୟା ସ୍ୱାହାସ ମୋର ହୋଇଁଠୁ ଆସିଲା ବେଳାଣେ । ଯୋଉଥିପାଇଁ ସବୁ ଦିମ୍ଭ ମୋର ଅଙ୍ଗ ଚୂନା ହୋଇଛି ।

ସେଇଠି ରହିବାର ପ୍ରାୟ ଦୁଇ ମାସ, ତାହାର ଭିତରେ ଅଭିନୟ ବାବୁ ଅନେକ ଥର କଲିକତା ଯା'ନ୍ତି ଆସନ୍ତି, ସେ ନ ଥିବାବେଳେ ମୋର ସଙ୍ଗୀତ ଚର୍ଚ୍ଚା ପାଇଁ ଆୟୋଜନ କରିଯାଇଥାନ୍ତି, ସେତକ ଉପକାର ସେ ଜୀବନରେ କରି ଦେଇଥିଲେ ବୋଲି ଆଜି ପେଟକୁ ଦାନା ମିଳୁଛି । ଇଲରେ ପ୍ରାୟ ୩।୪ ମାସ ବିତିଗଲା । ଆମେ ପ୍ରାୟ ଥିଏଟର ଦେଖିବାକୁ ଯାଉଁ । ମତେ ସେ କହନ୍ତି "ଦେଖିଲ ସ୍ନେହ, କି ସୁନ୍ଦର ଏମାନେ ଅଭିନୟ କରି ପାରୁଛନ୍ତି, ତମେ ସେମିତ କରନ୍ତ ନାହିଁ ?" ମୁଁ କହେ, "ନାଁ ମୁଁ ପାରିବି ନାହିଁ" । ଜାଗା ନୂଆ ବେଶ, ଜାଗା ପୁଣି ନୂଆ ଲୋକ ସାଙ୍ଗରେ ଏମିତ ମୁହଁଖୋଲି ଅଭିନୟ ମୁଁ ପାରିବି ନାହିଁ" ସେ କହନ୍ତି "ଏଥିରେ ପାପ ନାହିଁ ମ । ଏଭଳି ଚମତ୍କାର କାମ ଆଉ କଅଣ ଅଛି ? ଯାହା ମୁହୂର୍ତ୍ତରେ ଦର୍ଶକଙ୍କୁ ହସାଇପାରେ, କନ୍ଦାଇପାରେ ? ଅଭିନୟ ଛଳରେ ସମାଜ ଆଗରେ ଥୋଇଦିଏ ଯାହା କିଛି ଭଲ ଆଉ ମନ୍ଦ ।" ମୁଁ ଯୁକ୍ତି କଲେଣ କହେ "ମୋ ଦେଇ ହବନାହିଁ । ମୁଁ ପାରିବ ନାହିଁ ଆପଣ କହ ସେଇଥିଲୁ ଗୋଟିଏ ।" ସେ ନିରସ ହୋଇ କହନ୍ତି "ତମଠୁଁ ଭଲ ସୁନ୍ଦର ହେଲେ ସିନା ।"

ଦିନେ ସଞ୍ଜରେ ଆମେ ବଗିଚାରେ ବୁଲୁଥାଉଁ । ସେ କହିଲେ ସ୍ନେହ ! କିମିତ ଲାଗୁଛି ? କହିଲି "ହଁ ଏକରକମ ଲାଗୁଛି । କେବେ କେତେଦିନ ଆଉ ଏମିତ ଏଠି ?—ସମସ୍ତଙ୍କ ଆଖିରେ ଅଥାଥ ଲାଗୁଛି । ତା ଛଡ଼ା ଆପଣ ମୋ ପାଇଁ ଅନେକ କଷ୍ଟ ସହୁଛନ୍ତି

କହିଲେ ବ୍ୟସ୍ତ ହୁଅନା, ମୁଁ ସବୁକଥା ବୁଝାଇ ବାପାଙ୍କୁ ଲେଖୁଛି"। ବୋଧହୁଏ ତାଙ୍କର ମତାମତ ମିଳିବାରେ ଟିକିଏ ବିଳମ୍ବ ହୋଇ ପାରେ, ସେ ଯାହାହେଉ ତମର ଭାବିବାର କିଛି ନାହିଁ। "ପଗ୍ଲୀ, ଆପଣଙ୍କ ଫିଲ୍ମ କଥା କ'ଣ ହେଲ? କହିଲେ—ତାହା ଅତି ଶୀଘ୍ର ବାହାରିବ। ତମେ ବଲେ ଦେଖିବ ଯେ—ତମ ଜାଗାରେ ଆଉ ଜଣେ ନୂଆ ଲୋକ, ଅବଶ୍ୟ ସତରେ ନୁହେଁ ଛବିରେ। ଚମକି ପଡ଼ିଲି। ଆଉ ଜଣେ ନୂଆ? ତା'ହେଲେ କାହିଁକି ମତେ ଏମିତି ଅଟେଇ ଦେଲେ! ସେ ପାଖକୁ ଟାଣିନେଲେ, କହିଲେ "ଏବୁ କଥାରେ ତମର ଏତେ ଡର କାହିଁକି? ଦେଖିବ ନାହିଁ ସବୁ ଠିକ୍ ହୋଇଯିବ"।

ରାତିରେ ସ୍ୱପ୍ନ ଦେଖିଲି। ଠିକ୍ ଆଉ ଜଣେ ଅଧିକାର କରି ବସିଛି ମୋ ଜାଗାରେ। ସୁନା ରୁପା କୁଢ଼ କୁଢ଼ ଗଦା ତା'ର ଉପରେ। ଗୋଟାଏ ବଡ଼ ମଞ୍ଚ। ସେଇ ମଞ୍ଚରୁ ବସି ସେ କହୁଛି, "ବାରବୁଲି ଅଭିନେତ୍ରୀ ତୁ ପୁଣି ସ୍ୱର୍ଗକୁ ହାତ ବଢ଼େଇବୁ! ମନେ ନାହିଁ କେବେ ତୋର ଦେଇଥିଲେ ମାତ୍ର ଛ'ଅଣା ପଇସା। ଭାବୁଛି ନେଇ ମାନେ ମାନେ ବାହାରି ଯା।" ନିଦ ଭାଙ୍ଗିଗଲା। ଉଠି ବସି କେତେ କାନ୍ଦିଲି। ସେଦିନ ସବୁ କଥା ମନେ ପଡ଼ୁଛି। କାଲି ରାତି ପର—କାଲି ସଭରେ ମୁଁ ହୋଇଥିଲି 'ଚକଟିଶ୍ୱରର ନାୟିକା' ବିନୋଦ ବାବୁଙ୍କ ସଙ୍ଗେ ମାତ୍ର ରାତିକ ଦେଖା। ତା ପରେ ନାଟକର ଦ୍ୱିତୀୟ ଅଙ୍କରେ ସେ ବୁଲେଇ ଗଲେ ପ୍ରଯୋଜକଙ୍କ ଝିଅ ସାଥିରେ। ହସ ଲାଗୁଛି—

ଝଡ଼ ଆସିଲା ଖୁବ୍ ଜୋରରେ। କେନେ ପକ୍ଷୀ ବୁଢ଼ ବୁଢ଼ ହୋଇ ଅଛି ଆଏ। ତାହାରେ ପାଡ଼ ଲାଗିଲା, ଯିଏଁ ଓଡ଼ାଇଲେ

## ଚଉଷଠି—

ସେ ବନମ୍ବୁ ବାବୁଙ୍କର ଗୁରୁଜନ । ସିଧା ସଳଖ ମୋ ପାଖକୁ ଆସି କହିଲେ—"ତମକୁ ଏଠିକି ଆଣିଲା କିଏ ? ତମେ ଏ ଖାନଦାନରେ ପାଦ ପକାଇବାକୁ ସାହାସ କଲ କିପରି ? ବଂଶ ମର୍ଯ୍ୟାଦା ନାହିଁ, ପରିଚୟ ନାହିଁ, ଦାଣ୍ଡରେ ବିକୀ ହେବା ଝିଅ-ପୁଣି ଧନପତି ପୁଅର ହାତ ଧରିବାକୁ ମନ ବଳଉଛୁ ?" ପାଦ ତଳେ ପଡ଼ି ତାଙ୍କର ଅନେକ କାକୁତି, କିନ୍ତୁ ଲାଭ ହେଲା ନାହିଁ । ବିଚାର ତାଙ୍କର ଶେଷ ହେଲା । ନିର୍ବାସନ-ଚଉଦ ବର୍ଷ ପାଇଁ ନୁହେଁ, ଜନ୍ମଜନ୍ମାନ୍ତର ପାଇଁ ଦୂରେଇ ଯିବାକୁ ହେବ ମତେ । ସେମିତି ପାଦତଳେ ମୁଁ ପଡ଼ିଥାଏ । କହିଲେ, "ତମେ ବୋଧେ ଜାଣନା ବନମ୍ବୁ ବୋଉ ଆଗରୁ ମହା-ପ୍ରସାଦ ଠେକି ସାରିଛନ୍ତି—ତାଙ୍କ ବଚନ ନ ରହିଲେ ସେ ଆତ୍ମହତ୍ୟା କରିବେ । ଦୁଇଟି ମାଇପି ଝିଅଙ୍କ ତଳେ ନିଶ୍ୱାସରେ ତମେ ବଞ୍ଚି ପାରିବ ନାହିଁ । କିନ୍ତୁ ଠଙ୍କା ଦରକାର କାମରେ ଲାଗିବ । ବାହାରି ଯିବାର ଆୟୋଜନ କର । ବରଂ ମୁଁ ତାର ଭାର ନେବି । କୋଉଠି ଯଦି ତମର ନିଜର ଲୋକ ଥାଆନ୍ତି ।"—ରାଗରେ ତମ ତମ ହୋଇ ବୁଢ଼ା ବାହାରି ଗଲେ । ଗଲାବେଳେ କହିଲେ, ମୋ ପାଦ ଛୁଇଁ ଶପଥ କର ଯଦି ଠିକ ବାପର ଔରଷରୁ ଜନ୍ମ, ତା ହେଲେ ମୋ ଭଳି ବାପର ଇଜ୍ଜତ ରଖି ପାରିବ । ସେ ଦିନ ଶପଥ କରିଥିଲି । ଶପଥ ରକ୍ଷା ହେଲା ମଧ--

ରାତି ଅଧ, ସବୁ ଶୁନଶାନ । ବନମ୍ବୁବାବୁ କହିଲେ, "ସ୍ନେହ, ଏ ସାମାଜିକ ବନ୍ଧନ ମୁଁ ମାନିବି ନାହିଁ । କଳା ମୋ ପାଖରେ ଜୀବନର ଏକ ମହତ ଆଦର୍ଶ । ମୁଁ ତମକୁ କଳାକାର କରିବି । ତମେ କଳା ସାଧନା ବେଦୀରେ ପୂଜାରିଣୀ ହେବ । ତା ପରେ ମୁଁ ଦିନେ ସେଇ ବେଦୀରୁ ତମକୁ ସଙ୍ଗୋଳି ନେବି ।" ଆଖିରେ ଲୁହ

ଆଉ କିଛି ଦେଖାଯାଉ ନଥିଲା । ସବୁ ସୁଣି ଗଲି, ତାପରେ ସକାଳ । ବୁଝି ପିତା ତାଙ୍କର ବାହାରି ଯାଇଥିଲେ, ମୋର ଭାଗ୍ୟର ନିଷ୍ପତ୍ତି, କରି ।

ବିନୟ ବାବୁ ଗାଡ଼ିରେ ବସାଇ ଆଣିଲେ ଠିକ ସେଇଠିକି, ଯେଉଁଠି ମୁଁ ଦେଖିଥିଲି ମୋ ଭଳି ହତଭାଗିନୀ ଭଉଣୀମାନେ ନିତ ରାତିରେ କୃତ୍ରିମ ଅଭିସାର କରନ୍ତି—ଜୀବନ ନାଟକକୁ ରୂପାୟିତ କରିବା ପାଇଁ । ତା ପରେ ସବୁ ଶେଷ । ମତେ ଛାଡ଼ି ଦେଇ ଗଲେ ଥିଏଟର ମାଲିକଙ୍କ ପାଖରେ—ସବୁ କିଛି ସାଙ୍ଗରେ ଦେଇ । ତା ପର ଦିନ ସେ ବାହାରି ଗଲେ ତାଙ୍କର ଲକ୍ଷ୍ୟ ହାସଲ ପାଇଁ,—ନିଜେ ନିଜ ଗୋଡରେ ଠିଆ ହେବେ—ତା ପରେ ଦିନେ ବାଜା ବାଜିବ, ରୋଷଣୀ ହେବ, ବର ଆସିବ, ହୁଳହୁଳି ପଡ଼ିବ, ପୁରୋହିତ ଅଜୁଆ ଅଡୁଆ ମନ୍ତ୍ର ପଢିବ ।

ଜୀବନ-ନାଟକର ଶେଷ ଏଇଠି । ମନ ଖୋଲି ଏ କଥା ଲେଖିଲା ବେଳେ ଭାବୁଚି କଅଣ ଭାବିବେ ଆପଣ ଏ ସବୁ ପଢି । ଯାହା ଭାବନ୍ତୁ ପଛକେ—ଯାହା ଲେଖିଛି ସବୁ ସତ ; କିଛି ଲୁଚାଇବାର ପ୍ରୟାସ କରିନାହିଁ-- କାଲି ନୂଆ ବହି 'ଯୌତୁକ' । ଯୌତୁକ ନ ଦେଇ ପାରିବାରୁ 'ଶୈବଳିନୀ' ଦୂରେଇ ଯିବ ଦୁନିଆଁ ର ଦରବାରରୁ । ଅଭିନୟ କରିବ ମୁଁ ନିଜେ । ମନ, ପ୍ରାଣ ସବୁ ଢାଳି ଦେଇ ଶିଖୁଚି । ହେଲେ 'ଶୈବଳିନୀ'ର ବ୍ୟଥା ଫୁଟାଇବା ପାଇଁ ପ୍ରାଣରେ ଦରଦ ଆସୁ ନାହିଁ । ମତେ ଆପଣ କହିବେ ସେ ଅଭିନୟ ଜମିତ କରିବାକୁ ହେବ । ଆପଣଙ୍କଠୁଁ କିଛି ଆଶା ରଖିନି । କେବଳ ଯାହା ଚାହେଁ ସେଥିରୁ ଆପଣ ମତେ ବଞ୍ଚିତ କରିଛନ୍ତି । ସ୍ମୃତି ମନରୁ ଲିଭେନା । ତେଣୁ ମନର ସ୍ମୃତି ମନରେ ରଖି

## ଚଉଷଠି—

ସେ ବିନୟ ବାବୁଙ୍କର ଗୁରୁଜନ । ସିଧା ସଳଖ ମୋ ପାଖକୁ ଆସି କହିଲେ—"ତମକୁ ଏଠିକି ଆଣିଲା କିଏ ? ତମେ ଏ ଖାନଦାନରେ ପାଦ ପକାଇବାକୁ ସାହାସ କଲ କିମିତି ? ବଂଶ ମର୍ଯ୍ୟାଦା ନାହିଁ, ପରିଚୟ ନାହିଁ, ଦାଣ୍ଡରେ ବନ୍ଦୀ ହେବା ଝିଅ-ପୁଣି ଧନପତି ପୁଅର ହାତ ଧରିବାକୁ ମନ ବଳଉଛି ?" ପାଦ ତଳେ ପଡ଼ି ତାଙ୍କର ଅନେକ କାନ୍ଦିଛି, କିନ୍ତୁ ଲାଭ ହେଲା ନାହିଁ । ବିଚାର ତାଙ୍କର ଶେଷ ହେଲା । ନିର୍ବାସନ-ଚଉଦ ବର୍ଷ ପାଇଁ ନୁହେଁ, ଜନ୍ମଜନ୍ମାନ୍ତର ପାଇଁ ଦୂରେଇ ଯିବାକୁ ହେବ ମତେ । ସେମିତି ପାଦତଳେ ମୁଁ ପଡ଼ିଥାଏ । କହିଲେ, "ତମେ ବୋଧେ ଜାଣନା ବିନୟ ବୋଉ ଆଗରୁ ମହା-ପ୍ରସାଦ ଟେକି ସାରିଛନ୍ତି—ତାଙ୍କ ବଚନ ନ ରହିଲେ ସେ ଆତ୍ମହତ୍ୟା କରିବେ । ଦୁଇଟି ମାଇପି ଝିଅଙ୍କ ତଳେ ନିଶ୍ୱାସରେ ତମେ ବଞ୍ଚି ପାରିବ ନାହିଁ । କିନ୍ତୁ ଟଙ୍କା 'ଦଉଚ କାମରେ ଲାଗିବ । ବାହାରି ଯିବାର ଆୟୋଜନ କର । ବରଂ ମୁଁ ତାର ଭାର ନେବି । କୋଉଠି ଯଦି ତମର ନିଜର ଲୋକ ଥାଆନ୍ତି ।"—ରାଗରେ ଗମ ଗମ ହୋଇ ବୁଢ଼ା ବାହାରି ଗଲେ । ଗଲାବେଳେ କହିଲେ, ମୋ ପାଦ ଛୁଇଁ ଶପଥ କର ଯଦି ଠିକ ବାପର ଔରସରୁ ଜନ୍ମ, ତା ହେଲେ ମୋ ଭଳି ବାପର ଇଜ୍ଜତ ରଖି ପାରିବ । ସେ ଦିନ ଶପଥ କରିଥିଲି । ଶପଥ ରକ୍ଷା ହେଲା ମଧ--

ରାତି ଅଧ, ସବୁ ଶୁନଶାନ । ବିନୟବାବୁ କହିଲେ, "ସ୍ନେହ, ଏ ସାମାଜିକ ବନ୍ଧନ ମୁଁ ମାନିବି ନାହିଁ । କଳା ମୋ ପାଖରେ ଜୀବନର ଏକ ମହତ ଆଦର୍ଶ । ମୁଁ ତମକୁ କଳାକାର କରିବି । ତମେ କଳା ସାଧନା ବେଦୀରେ ପୂଜାରିଣୀ ହେବ । ତା ପରେ ମୁଁ ଦିନେ ସେଇ ବେଦୀରୁ ତମକୁ ସଙ୍ଗୋଳି ନେବି ।" ଆଖିରେ ଲ

ଆଉ କିଛି ଦେଖାଯାଉ ନଥିଲା । ସବୁ ଶୁଣି ଗଲା, ତାପରେ ସକାଳ । ବୃଦ୍ଧ ପିତା ତାଙ୍କର ବାହାରେ ଯାଇଥିଲେ, ମୋର ଭାଗ୍ୟର ନିଷ୍ପତ୍ତି କରି ।

ବିଜୟ ବାବୁ ଗାଡ଼ିରେ ବସାଇ ଆଣିଲେ ଠିକ୍ ସେଇଠିକି, ଯେଉଁଠି ମୁଁ ଦେଖିଥିଲି ମୋ ଭଳି ହତଭାଗିନୀ ଭଉଣୀମାନେ ନିତି ରାତିରେ କୃତ୍ରିମ ଅଭିସାର କରନ୍ତି—ଜୀବନ ନାଟକକୁ ରୂପାୟିତ କରିବା ପାଇଁ । ତା ପରେ ସବୁ ଶେଷ । ମତେ ଛାଡ଼ି ଦେଇ ଗଲେ ଥିଏଟର ମାଲିକଙ୍କ ପାଖରେ—ସବୁ କିଛି ସାଙ୍ଗରେ ଦେଇ । ତା ପର ଦିନ ସେ ବାହାରି ଗଲେ ତାଙ୍କର ଲକ୍ଷ୍ୟ ହାସଲ ପାଇଁ,—ନିଜେ ନିଜ ଗୋଡରେ ଠିଆ ହେବେ—ତା ପରେ ଦିନେ ବାଜା ବାଜିବ, ରୋଷଣୀ ହେବ, ବର ଆସିବ, ହୁଳହୁଳି ପଡ଼ିବ, ପୁରୋହିତ ଅବୁଝା ଅଡୁଆ ମନ୍ତ୍ର ପଢିବ ।

ଜୀବନ-ନାଟକର ଶେଷ ଏଇଠି । ମନ ଖୋଲି ଏ କଥା ଲେଖିଲା ବେଳେ ଭାବୁଚି କଅଣ ଭାବିବେ ଆପଣ ଏ ସବୁ ପଢି । ଯାହା ଭାବନ୍ତୁ ପଛକେ—ଯାହା ଲେଖିଛି ସବୁ ସତ ; କିଛି ଲୁଚାଇବାର ପ୍ରୟାସ କରିନାହିଁ-- କାଲି ନୂଆ ବହି 'ଯୌତୁକ' । ଯୌତୁକ ନ ଦେଇ ପାରିବାରୁ 'ଶୈବଳିନୀ' ଦୂରେଇ ଯିବ ଦୁନିଆଁର ଦରବାରରୁ । ଅଭିନୟ କରିବି ମୁଁ ନିଜେ । ମନ, ପ୍ରାଣ ସବୁ ଢାଳି ଦେଇ ଶିଖୁଚି । ହେଲେ 'ଶୈବଳିନୀ'ର ବ୍ୟଥା ଫୁଟାଇବା ପାଇଁ ପ୍ରାଣରେ ଦରଦ ଆସୁ ନାହିଁ । ମତେ ଆପଣ କହିବେ ସେ ଅଭିନୟ କେମିତି କରିବାକୁ ହେବ । ଆପଣଙ୍କଠୁଁ କିଛି ଆଶା ରଖିନି । କେବଳ ଯାହା ଚାହେଁ ସେଥିରୁ ଆପଣ ମତେ ବଞ୍ଚିତା କରିଛନ୍ତି । ସ୍ମୃତି ମନରୁ ଲିଭେନା । ତେଣୁ ମନର ସ୍ମୃତି ମନରେ ରଖି

## ଛଷଠି—

ରୁମାଲଟି ଫେରାଇ ଦେବ ବୋଲି ଭାବନ୍ତୁ । ଦାଗ ଲିଭାଇବାକୁ ଯତ୍ନ କରନ୍ତୁ—ସେ ଯେମିତ ଅଲିଭା ଦାଗ ! ପାରିଲେ ଦାଗଟି ଲିଭାଇ ଦେଇ ରୁମାଲଟି ରଖିବେ ନତୁବା କଳୁଷିତ ହୋଇଛି ବୋଲି ଫିଙ୍ଗି ଦେବେ । ଆଶାର ପାଥେୟ ନେଇ, ମମତା ଭିକ୍ଷା କରି ଦୈନ୍ୟତାର ଅର୍ଘ୍ୟ ବାଢି ବିଦାୟ ନେଉଛି । ଭାତ ଗଣ୍ଡାକ ଶୁଖିଲାଣି - ଲାଇଟ ଲିଭିଯିବ—ମ୍ୟାନେଜରଙ୍କ ଆଦେଶ । ଅନ୍ଧାରରେ ଯା'ର ଜନ୍ମ ତାହା ପାଇଁ ଚିଠି ଲେଖିବାର ଆଲୋକ କାହିଁ ? ଶୁଣିଛି ଆପଣ ଭାରତ ବାହାରକୁ ଉଚ୍ଚ ଶିକ୍ଷା ପାଇଁ ଯାଉଛନ୍ତି । କେବେ ଯିବେ— କେଉଁଠିକି ଯିବେ, ଜାଣିବାର ଅଧିକାର ମୋର ନାହିଁ । ତଥାପି ଏ ଅକିଞ୍ଚନର ନିବେଦନ ପୂରଣ କରିବେ ବୋଲି ଆଶା । ଏଇ ଚିଠିର ଓଲଟା ପୃଷ୍ଠା ମତେ ଆନନ୍ଦ ଦେବ । ଆଜି ରହିଲି । ପୁଣି ପରେ—

ତା ୨୪-୯-୫୮ ଆପଣଙ୍କର ହତଭାଗିନୀ

ସ୍ନେହ

ପ୍ରିୟ,................

ଅନ୍ତରର ଗାଢ଼ ମମତା ଗ୍ରହଣ କରିବେ । କାଲି ଝରିବେଳେ ଫେରିବାଲା ଆସିଥିଲା ତାର ଚଳନ୍ତା ଦୋକାନ ନେଇ । କେତେ ରଙ୍ଗ ବେରଙ୍ଗ ସାଢ଼ୀ, ବ୍ଲାଉଜ୍‌ରେ ଭରି ତାର ଛୋଟ ଦୋକାନଟି । ପ୍ରତ୍ୟେକ ଜିନିଷଟି ପାଇଁ ତା ମୁହଁରେ ପ୍ରଚୁର ଇସ୍ତାହାର-ଏଇଟା ନାଗୀନ ଶାଢ଼ୀ, ସେଇଟା ଚନ୍ଦ୍ରଲେଖା ବ୍ଲାଉଜ୍—ଏମିତି କେତେ ନୂଅଣ--ଗୋଟାଏ ଗୋଟାଏ ପୁଣି ପୁରୁଣା କାଳିଆ, ଏବେ ସେ ସବୁ ଚଳୁନି । ତା ଦୋକାନ ଚାରିପଟେ ଏତେ ପୁଣି ଗହଳି ! କିଏ ଟାଣି ନେଉଛି, କିଏ ଦାମ ଶୁଣି ପକାଇ ଦେଉଛି । ଆଉ କିଏ ବା କହୁଛି, ମଇଲା ଏଇ ଦରକ, କେତେ ହାତମଡ଼ା ହୋଇଥିବ, ତହିଁରେ ପୁଣି ଏତେ ଦାମ ? କିଏ ବା ଭୁରୁକୁ କହୁଚି ମୋ ପାଖରେ ଏମିତିକା ଟଙ୍କା କିଣିବାକୁ ଧନ ନାହିଁ । ଛୋଟ ଚଳନ୍ତା ଗାଡ଼ି ଦୋକାନରୁ ଭାବିଲି ଏ ଦୁନିଆଟା ପୁଣି ଏମିତି ନା ! ଏଠି ସଭିଏଁ ଦୋକାନ ସଜେଇ ବସିଛନ୍ତି । କିଣା ବିକାପାଇଁ, ମୁହେଁ ମୁହେଁ ଇସ୍ତାହାର, ପୁଣି କେତେଭଳି

ଅଠଷଠି—

ସାଜସଜ୍ଜା ତାର ଠିକଣା ନାହିଁ । କାଗଜର 'ରଙ୍ଗିନଫୁଲ ଠାରୁ— ପ୍ଲାଷ୍ଟିକ ମୁଣ୍ଡବନ୍ଧା ଚମ୍ପାକଢ଼ି ପର୍ଯ୍ୟନ୍ତ ସବୁଠି ସାଜ ସମ୍ଭାର । ସଜେଇ ରଖିଲେ ଗରାଖ ଆଖିରେ ପଡ଼େ । କାଟେତି ହୁଏ ଜଲ୍‌ଦି । ପୁରୁଣା ମାଲକୁ ନୂଆ ଡ଼ବାରେ ପୁରାଇ ନୂଆ ମାଲର ସନ୍ଧାନ କରି ଦୋକାନୀ ତାର ଦୋକାନ ପସରା ବାଢ଼ି ବସେ । ଏଇ ତ ଦୁନିଆଁ ! ସେମିତି ଗୋଟାଏ ଦୋକାନ ଏଇ ରଙ୍ଗମଞ୍ଚ ! ବୁଢ଼ା ଫେରିବାଲା ଫେରେଇ କରେ । ପୁରୁଣା ମାଲକୁ ନୂଆ ଡ଼ବାରେ ପୁରାଇ ନୂଆ-ମାଲକୁ ସଜେଇ ବୁଝେଇ ଗରାଖ ମନ ଲାଖି ହେଲା ଭଲ । ସେଥିରେ ପୁଣି ନୂଆ ବାଛୁରି ମଣ ହେବେ, ଜୁଆଳି ଧରିବେ, ପୁଣି ହଳରେ ଯୋଚା ହେବେ--ସେମିତି ଗୋଟାଏ ଭାନୁମତୀ ପେଡ଼ିରୁ ସବୁ ବାହାରିବ । କେବଳ ମଣେଇ ପାରିଲେ ହେଲା । କ'ଣ ଭାବୁଥିଲି କହିବି ବୋଲି—କ'ଣ କହି ପକେଇଲି, ! ହଁ, ମନେ ପଡ଼ିଲା । ମୋର ଗତ ଚିଠିରେ ମୋ କଥା ସବୁ ପ୍ରାୟ କହି ଦେଇଛି । ଏଥର କିଛି ମାତ୍ର କେଇ ଜଣଙ୍କ କଥା— ଯାହାଙ୍କ କଥା ମୋର ମନେ ଅଛି, ସେମାନେ ଆସିଥିଲେ—ଯାଇଛନ୍ତି ତାଙ୍କର ନିଜ ନିଜର ଇସ୍ତାହାର ପୁରୁଣା କାନ୍ଥରେ ଛାପି ଦେଇ । ତାଙ୍କର ଭିତରୁ ଜଣଙ୍କ କଥା ଇଏ—

ଯୋଉ ଦିନ ସକାଳେ ମୋତେ ବିନୟ ବାବୁ ଆଣି ମେନେଜରଙ୍କ ପାଖରେ ଛାଡ଼ି ଦେଇ ଗଲେ, ସେ ଦିନ କହିଗଲେ ଏଇ ତୁମର ବାପ ବୋଲି ଭାବିବ । ମୁଁ ଶୀଘ୍ର ଆସିବି । କୌଣସି ଅସୁବିଧା ହେଲେ ମତେ ଚିଠି ଲେଖିବ । ମେନେଜର ବାବୁ କହି ଉଠିଥିଲେ-ମଲା ମଲା ମୋର କି ଭାଗ୍ୟ । କାହା ଘର ଝିଅ, କାହା-ଘର ବୋହୂ, ପୁଣି କାହା ହାତ ଧରିଚ--ସେଥିରେ ପୁଣି ଅବହେଳା କାହିଁ ନ ହେଲା ମୋ କାମ । ସବୁ ବନ୍ଦୋବସ୍ତ କରିଦେବି । କିଛି

—ଅଣସ୍ତର

ଭାବିବ ନାହିଁ ମନରେ । ଯାହା ଯେତେବେଳେ ଦରକାର ମନ-ଖୋଲି ମତେ କହିବ, ମୁଁ ଆଣି ଦେବ ।

ବନସ୍ତ ବାବୁ ବଦାନ୍ତ ଲେଉଟଲେ—ମୁଁ ବନସ୍ତ ପ୍ରଣତ ଜଣାଇଲି । ଆଖି ଓଦା ହୋଇ ଆସିଥିଲା, କହିଲି 'ଆସିବେ ତ—' ସେ କାନ୍ଦ କାନ୍ଦ ହୋଇ ଉଠିଲେ, ମଠରେ ଘୁଞ୍ଚିଲା ତାଙ୍କର । ଉପର ଝରକାରୁ କେତେଗୁଡ଼ାଏ ମୁହଁ ହସି ଉଠିଲେ—ହେଁ ହେଁ ହେଁ । ସେ ହସରେ ଥିଲା ଗୋଟାଏ ପ୍ରଚ୍ଛନ୍ନ ଇଙ୍ଗିତ । ଆଇମା କାହାଣୀର ମଲା ମୁଣ୍ଡ କଥା ଶୁଣିଛି । ସଜାପୁଅ ପଶିଲାବେଳକୁ କଟାମୁଣ୍ଡଗୁଡ଼ା ହସି ଉଠିଥିଲେ । କିନ୍ତୁ ଏଗୁଡ଼ା ଜୀଅନ୍ତା ମୁଣ୍ଡ—ତାଙ୍କର ସେଇ ହସ ଭିତରେ ଶୁଣାଗଲା--"ହଁ ମ କେତେ ଦେଖାଇ ହଉଚି—ଏ ଭଙ୍ଗ ରହିଲେ ହେଲା । ଏଠି ପରା ଆମେ ଅନେକ ବସିଚୁ ସମସ୍ତେ—ସଭିଏଁ କହି ଯାଇଥିଲେ—ଆସିବେ ବୋଲି, କାହିଁ—କିଏ ଆସିଲେ, କିଏ ନେଲେ ।" ମୁଣ୍ଡ ଭିତରେ ଗୋଳମାଳ ହୋଇଗଲା । ଦମ୍ଭ ଧରିଛି—'ନା, ସିଏ ଆସିବେ ନିଶ୍ଚେ ଆସିବେ—ଗାଁ ଛତର-ତଳେ ମତେ ନେବେ । ଆଉ ଏଇମାନେ ସେତେବେଳେ ହୁଳହୁଳି ପକାଇବେ—ନା—ନା ଏମାନଙ୍କୁ ହୁଳହୁଳି ପକାଇବାକୁ ଦେବିନି । ଅଲକ୍ଷଣୀ ଏମାନେ, ମୋର ଶୁଭଯାତ୍ରାରେ ବାଧା ଆସିବ ।' ଭାବୁ ଭାବୁ ମରଅ ହୋଇ ଠିଆ ହୋଇ ରହିଲି--ମାନେଜର ଏଡ଼େ ପାଟିରେ ଡାକିଲେ—"ଇରେ କିଏ ଅଛ ଲୋ—ପ୍ରେମ, ହେମ, ମାଳ', ତାରା—ସବୁ କୁଆଡ଼େ ଗଲ, ଏଇ ଦେଖ କିଏ ଆସିଛି । ପ୍ରେମ ଆସିଥିଲା ଆଗେ । ଡାକରା ଶୁଣି ଯେମିତି ଅନେକେ ବସିଥିଲେ—ମୁଣ୍ଡରୁ ଦାନ୍ତସାକେ ଅନେକ ଖିଁ କରି ହସିଦେଲେ । କହିଲେ, ତମ ଇଚ୍ଛା ଯୋଉଠି ହଉଚି ରୁହ । ହେଲେ ଥରେ ବରଅଡ଼େ ଦେଖିଆସ ମାନେଜର ବାବୁ, ଆଉ ଏଥର ପରୁଆ କରଅଣ, ଆମକୁ ଏଥର ଛୁଟି

ଦିଅ ।" ପାରିଭାଡ଼ି ଭଳି ଘର—ଗୋଟାଏ ଗୋଟାଏ ଘରେ ୨।୪ଟା ପାରି—କିଏ କାଉଁଚ, କିଏ ଧଳୀ—କିଏ ଫୁଣି ବଣୁଆ—ଉପର ଘରମାନ ତନଖି କରିଗଲି । ସବୁ ଘରୁ ମୁହଁ କାଢ଼ି—ମାଈ ପାରି ଡାକ ଉଠିଲେ ବକ୍‌ଗୁମ, ବକ୍‌ଗୁମ । କହୁଲେ,ଆ ନର ଆସିବ, ଜାଗା କରୁଛୁ, ଆଉ ଓଳିଏ ସେ—ଯାହାକୁ ତାକୁ ଖୁମ୍ପି ପକେଇବ—ଏଠିକୁ ଆସନା ଲୋ ମା—ଆଗକୁ ଯା—ଆଗକୁ ଯା—ଅଗେଇ ଆଗେଇ—ଗୋଟାଏ କୋଠରି—ଭୁଆ ଅମାନିଆ ପାରିଭାଡ଼ି । ତାର ଭିତରେ ବଚ୍ଛଣା ରଖିଲ, ସେଠି 'ନର' ର ଭୟ ନାହିଁ—ହେଲେ ଭୁଆଁ ଛକିଛି— ବେଳେ ୨ ଆସି ତନଖି କରିଯାଉଛି । ହାଡ଼ ମାଉଁସ ମିଶି ବଖତେ ହବ କି ନାହିଁ—ଭୁଆ ପାରିଗୁଡ଼ାକ ଆରେଇ ଗଲେ । ଗୁଣୁଗୁଣୁ କରି ସବୁ କଥା କହୁଲେ—"ତାଙ୍କର କେହି ନାହିଁ—ମୁଣ୍ଡ କେହି ବାନ୍ଧ ଦଉନି—କେହି ଅହା କରୁନି । ମଣ ହଉଛନ୍ତି—ଏବେ ପାନଦଟା ଧରି···ଲିଗା ଧୁଆ, ସାବୁନ ତେଲ ସଜାଲି—ଆଜ ଚଟିପନ ବୁହାବୁହି ତାକୁଆ କାମ ।" ଏଇଠି ଥିଲ ଶ୍ୟାମଲୀ—ଏସନ ଆନନ୍ଦପୁର ଠାରେ ବଡ଼ ହେଲି—ଏ ଘରକୁ ଗଲି ବଡ଼ ବଖୁରିକି—ସିଏ ଯାଉ ନଥିଲ, ଭୁଆଁ ଟେନିଗଲା ।" ସେ ଉଡ଼ ଶିଖିଲଣି—ଭୁଆଁ ନଥିଲ ବେଳେ ସାତ ସାହି ଭୁଆଁ କୋଠ ହଉଛନ୍ତି । କେଉଁ ଭୁଆଁ କେଜାଣି ଲୋ ମା—ନଖ ଗଲେଇ ଦେଇଚ ଯେ ରକତ ଜମି ଗଲାଣି ।" ପିଲାଙ୍କ ମୁହଁରେ ବଡ଼ କଥା, ଛି—ଛି, ମୁଁ ବାନ ମୋଡ଼ୁଦଏ । ଇଏ କଅଣ, ମାଇପି ହିଁଅ ହେଇ ଏକଥା କହନ୍ତି—

"ଘର ଭିତରକୁ ପଶି ଆସିଲେ "ଗଦେଶ୍ୟାମ ବାବୁ"— ଆପଣ ହସିବେ—ହୁଏତ ମୁଁ ତାଙ୍କୁ ସେଇ ନାଁ ଦେଇଛି । ଗଦେଶ୍ୟାମ ବାବୁ ଦେଖିବାକୁ ଭାରି ଢେଙ୍ଗା—ହୃଷ୍ଟପୁଷ୍ଟ ଦେହ, ଗଇତାଳି ଆଖି, ମୁହଁରେ ସଇସିକିଆ ଗୁରମିନାର ପିକା—ହାତରେ ମୋଟା ଲାଙ୍ଗି

—ଏକସ୍ତର

ବନ୍ଧୁ—ପରଧାନ, ସର୍ବସର ଜୋକର ଭଳି । କହିଲେ "ଆହା ହ', ଆରେ ଭଜ—ଭଜ ମାନେ ଅପଣ--ଟିକିଏ ଅବୃଟିଂ ହୋଇ ଯାଇଥିଲା—ପାଖ ଗ୍ରୁ ଦୋକାନରେ ଗୋଟାଏ କଲ୍ ଥିଲା । ମାନେଜର ବାବୁ ଇନଭାଇଟ କଲେ ଏଏ ହାତରେ—ସବୁ ଆଡ୍ରେସ କହିଲେ—ମୁଁ ରନାଙ୍ଗ୍ କଣ ଅପଣଙ୍କୁ ଇଣ୍ଟରଭେଉ କରିବାକୁ । କିନ୍ତୁ ବ୍ୟାଡ଼ ଅଂକଂ କରୁନାହାନ୍ତି ତ, ପିଲାଗୁଡ଼ିକ ସେଇଁ ବେଳେ ହଠ ସାର ସାର ବୋଲି ଡ଼ଲା ରଟେଇ ଦେଇଥାନ୍ତି । ରାଧେଶ୍ୟାମ ବାବୁ ଆରମ୍ଭ କଲେ—ଇସ କି ବ୍ୟାଡ଼ ଫରଚୁନ ମାନେ ଗଣ୍ଡଗୋଳ—ପିଲାଗୁଡ଼ାଙ୍କ ଟିକିଏ ସ୍ଲାପ୍ ହେବନାହାନ୍ତି---ବୁଝିଲେ ମିସ୍—ଓ ଆପଣଙ୍କ ଠାଇଟିଲଟା ପଚ୍ଛୁରି ପାରେ କି ? କିନ୍ତୁ କିଛି ବୁଝୁଥାଏ । ଭଦ୍ରଲୋକ ଗୁଡ଼ାଏ ଓଡ଼ିଆ ଛଡ଼ା ଆଉ କଅଣ ପଢିଛନ୍ତି, ପଚ୍ଛୁରିଲ ମୁଁ ବୁଝି ପାରୁନି ଠାଇଟିଲ କଅଣ । "ରାଧେଶ୍ୟାମ ବାବୁ ଧୂଆଁର କୁଣ୍ଡଳୀ ଛାଡ଼ିଲେ -- ଧଡ଼ କରି ମୋ ସୁଟକେସ୍ଟା ଉପରେ କହିପଡ଼ିଲେ---ପୁଣି ଗୋଟାଏ ଟକର ଦେଇ ମୋ ମୁହଁକୁ ଦେଖି ହସିଦେଇ ଜାପାନୀ କଣ୍ଠରେ ପରି କହିଲେ—"ଠାଇଟିଲ ଅଇ ମିନ୍ ମାନେ ଅପଣଙ୍କର ନାଁଟା କ'ଣ ?" କହିଲି ମତେ 'ସ୍ନେହ' ଡ଼ାକୁଥିଲେ ଘରେ ।" ରାଧେଶ୍ୟାମ ବାବୁ ଇଣ୍ଟୁ ଟେକି ସଂକୀର୍ତ୍ତନ ସ୍ୱରରେ କହିଲେ "ଲଭଲି---ଠାଇଟିଲ---ସ୍ନେହ ମାନେ ସୁଇଟ" ନା-ନା ଅପଣ ଠିକ୍ କଲାବାର ହେବେ । ଅପଣଙ୍କ ଲଭ ମେକିଂ ନାମଟା ଅପଣଙ୍କ ଫାଦର ବୋଧେ ପ୍ରେଜେଂଟ କରିଥିଲେ " ମୁଁ ବୋକାଙ୍କ ଭଳି ଅନାଇ ଥାଏ । ଇଏ କଅଣ ? କଥା କଥାକେ ସେଗୁଡ଼ା କଅଣ କହୁ ଥାଉଛନ୍ତି ରାଧେଶ୍ୟାମ ବାବୁ---ସେ ପୁଣି କହିଲେ---"ମତେ କ୍ଷମା କରିବେ ସ୍ନେହ ଦେବୀ । ମୁଁ ଅନେକ ଦିନ ଇଂରାଜୀ ଡ୍ରାମା ସ୍ଟଡ଼ି କରିଛି ବୋଲି ମୋର ଇଂରାଜୀ ପଶିଯାଉଛି ଟକିଂ କଲାବେଳେ ।

## ବାସ୍ତବ—

ମୁଁ ପ୍ରଭଞ୍ଜତ୍ତି ଦଉଡ଼ି—ଯଦି ଉଜ୍ଜ୍ୱଳ ତାରକା ଗଗନରେ ଆପଣଙ୍କୁ ସ୍ପୁଟ୍‌ନିକ କରି ନ ଦେଇଛି ତା'ହେଲେ ମୋ—ନାଁ ରାଧେଶ୍ୟାମ ଦାସ ଡାଇରେକ୍ଟର ଫଲନା ଥିଏଟର ନୁହଁ । ହାତ ବଢ଼ାଇ ଦେଲେ—କହିଲେ ବାଜି ମାରିବେ--ମାରନ୍ତୁ ନା । ଆରେ ମୋ ସାଙ୍ଗରେ ଗୋଟିଏ ଲାଜ କଅଣ ? ଯେତେ ଏଠି ହିରୋଇନ ଅଛନ୍ତି ସମସ୍ତେ ଆଉଙ୍କ ଚଣିବେ ମୁଣ୍ଡ ବାଡ଼େଇବେ, କାନ୍ଦିବେ, ବ୍ୟାଡ଼ ଟେକାଙ୍ଗ୍ କରିବେ-- ଶେଷକୁ ମ୍ୟାଡ ହୋଇ ରୋଡ଼କୁ ପଳେଇବେ । ମୁଁ ଖାଲି ଆପଣଙ୍କୁ ସଭେ କରିବି--। କିନ୍ତୁ ବୁଝିପାରିଲି ନାହିଁ ଲୋକଟା କଅଣ ବୋଲି-- ଟେଟେହେରି ସାଙ୍ଗକୁ--ଇଂଲିଶ କୁହା--ତା ସାଙ୍ଗକୁ ପୁଣି କ୍ଲୁମ୍ବାଟୁଆ ଗଲା ତାଙ୍କ ଢଙ୍ଗ ଢାଙ୍ଗ ଦେଖି ଗାଁ ଯାତ୍ରା କଥା ମନେ ପଡ଼ିଲା । ଦୁଷ୍ମନ୍ତ ରଜା ବାହାରିଥିଲେ—ଅଣ୍ଡିରି ଟୋକାଟା ଚଦର ଘୋଡ଼େଇ ମୃଗ ହୋଇଥିଲା--ରଜା ବୋଲି ଥିଲେ--"ପଳାନା ପଳାନା ମୃଗ ସଲଖକୁ ଆସରେ"--ହସ ମାଡ଼ିଲା--କହିଲି' ମୁଁ ତ ଆପଣଙ୍କ ଦୟାରେ ଏଠି ପଡ଼ିଛି--ଯାହା କରିବେ--କରନ୍ତୁ ।' କହିଲେ "ୱ୍ୟାଟ୍ରିର ଫୁଲ ଆଉ ଲଫିଙ୍ଗ କର ସ୍ନେହ ! ଲଫିଙ୍ଗ ଗୋଟିଏ ଅଭିନୟର ଅଙ୍ଗ । ଅଛା ହଉ, ମୁଁ ଯାଉଛି ଖାଇକରି ଆସେ । ଭାବିଲି ପୁଣି ଆସିବ ନା କଅଣ--ଲୋକଟା ବାହାରକୁ ଗଲା । ନିଶ୍ୱାସ ମାରିଲି । ପିଲାଗୁଡ଼ାକ ଭିତରୁ ଗୋଟିଏ ବଡ଼ ଚତୁରପିଲା କହିଲା "ଅପା ଇଏ ସବୁ ଡାଇରେକ୍ଟର ଯ୍ୟାକୁ ସମସ୍ତେ ଡରନ୍ତି । କାନୁ ଡରନ୍ତି ନାହିଁ ଲତା ଅପା, ମାଳଅପା ରଙ୍ଗ ନାନୀ ଆଉ ଟକଣ ଭାଇ ଓ ତା ଭଳି ସୁନ୍ଦରିଆ ସାନ ପୁଅ ଯେତେକ ।" ପଚାରିଲି ଏମାନେ ପୁଣି କାହିଁକି ଡରନ୍ତି ନାହିଁ ? ପିଲାଟା କହିଲା, କେଜାଣି ମୁଁ ଜାଣେନା । ହେଲେ ଯିଏ ନୂଆ ଆସେ ସେଇ ଡରେ—ତା ପରେ ତ ଆଉ ଡରେନା । ବୁଝି ପକେଇଲି କଥାଟା—ଛାଡ଼ନ୍ତୁ ଏ ସବୁ ବାଜେ କଥା ।

× × × ×

## ରାଉରକେଲା—ଉତ୍ସବର

ଥିଏଟରରେ ରହିବାର ପ୍ରାୟ ଛଅମାସ ବିତିଗଲାଣି—ବନର୍ଜ୍ଜି-ବାବୁଙ୍କ ଠାରୁ ଚିଠି ପାଇଥିଲି ଖଣ୍ଡିଏ ମାତ୍ର—ଉତ୍ତର ଦେଇଛି ସଙ୍ଗେସଙ୍ଗେ—ସିଏ ତାପରେ କେତେ ଦେଇଛନ୍ତି ମୁଁ କେତେ ଦେଇଛି ତାର ହିସାବ ରଖିଛନ୍ତି ମାନେଜର ବାବୁ । ପରେ ଏବେ ଜାଣିଲି, ଡାକ ଗୁଡ଼ାକ ତାଙ୍କ ଅଫିସରେ ଯାଞ୍ଚ ହୁଏ—ମୁଁ ଆସିଲା ଦିନଠୁଁ ରାଧେଶ୍ୟାମ ବାବୁଙ୍କର ଭାରି ନଜର ମୋ ଉପରେ । ଏହା ଭିତରେ ଦଶବାର ଥର ମଞ୍ଚ ଉପରକୁ ଠେଲି ସାରିଲେଣି । ପହିଲି ଦିନକଥା କହୁଚି—କି ନାଟକ ମନେ ନାହିଁ—ଦଳେ ସଖି ଗଲେ ଫୁଲ ଟୁଙ୍ଗୁଡ଼ା ଧରି—ମୁଁ ମଞ୍ଚରେ ବୁଲୁଥାଏ—ଯୁଆଡ଼େ ଅଣ୍ଡିରା ବସିଥିଲେ ମୁଁ ଯମା ଅନେଇ ନାହିଁ । କିଏ ଯିମିତି କହି ଉଠିଲା—"ଅବେ, ନୂଆଠା ବେ--ତା'ପରେ ଗୋଟାଏ ଲମ୍ବା ସିଟି" ଆଡ଼ରୁ ଫୁଲଥାଳି ମୋର ଖସିପଡ଼ିଲା--ତା'ପରେ ଗୋଟାଏ ହସିବାଟେଳ—ରାଧେଶ୍ୟାମ ବାବୁ କହିଲେ—"ମାଇଁଣ୍ଡ୍ ଟାକୁ ହାଡ଼୍ ନକଲେ ଆକ୍ଟିଂ କେମିତି କରିବ" ? ଦିନେ ଖରାବେଳେ ଶୋଇ ଶୋଇ ଭାବୁଛି--ମୋର ନିଜକଥା—ଏ ଲୋକଗୁଡ଼ାକ କଥା—ସମସ୍ତଙ୍କଠୁଁ ଶୁଣିଛି—ସେମାନଙ୍କର ଗାଁରେ ବହୁ ସମ୍ପତ୍ତି ପଡ଼ିରହିଛି—କେବଳ ଅଭିନୟଠା ବାଧରେ କରୁଛନ୍ତି । ଦୁନିଆଁରେ ଯେତେକ ବଡ଼ଲୋକ ସବୁ ଏମାନଙ୍କର ସାଥି, ବନ୍ଧୁ ଇତ୍ୟାଦି ଇତ୍ୟାଦି । ଏମାନଙ୍କ ଭିତରୁ ଅଧିକାଂଶଙ୍କର ପାଣି ପିଇବାର ଗିଲାସଟିଏ ନାହିଁ—ଅଥଚ ଫୋଟୋ, ପାଉଡ଼ର, କଳା ସମସ୍ତଙ୍କ ବାକ୍ସରେ—ମୁହେଁ ମୁହେଁ ନାଟକୀୟ ଭାଷା ଓ ପ୍ରେମ କାହାଣୀ—ଭଲ ପାଉଡ଼ରରେ ଜର୍ଜର ଦେହମନ ନେଇ ଏମାନେ ଜଣେ ଜଣେ କାମଦେବତା—ସକାଳେ ଉଠନ୍ତି ବେଳରେ—ରିହର୍ସାଲ କରନ୍ତି, ଖା'ନ୍ତି ଗୁଡ଼ାଏ ଭାତ—ଶୁଅନ୍ତି । ପୁଣି ସନ୍ଧ୍ୟାବେଳେ ଖେଳ ଆରମ୍ଭ ହେଲେ--ନିଜ ପାର୍ଟଟି ଛାଡ଼ିଦେଲେ ବାକି ସମୟତକ ମାଛିମାରା ଧରି ତାକୁ

ରଉସ୍ତର—

ଝୁମା ଦେଉଥାନ୍ତି—ଖେଳ କରୁଥାନ୍ତି । ଅଦ୍ଭୁତ ଏମାନଙ୍କର ଅନୁଭୂତି ଓ ଜୀବନ ! ସାଧାରଣ ପରିବେଶରୁ ଆସି ଯେ କୌଣସି ଲୋକର ମଥା ଘୁରେଇ ଯିବ ।

ସାନଝିଅ 'କୁସୁମ' ଦୌଡ଼ି ଆସି ଚିଠି ଖଣ୍ଡିଏ ଦେଲା । କହିଲା "ଅପା ଡାଇରେକ୍ଟର ବାବୁ ଦେଇଛନ୍ତି । ଚିଠି ପଢ଼ିଲି—ମନ ଫିଟିଛି—ବନ୍ଧ ଭାଙ୍ଗିଛି—ମୋ ବିନା ତାଙ୍କର ଆଉ ଚଳିବ ନାହିଁ—ମୁଁ ତାଙ୍କର ଅଲବତ୍ ଦରକାର । ଚିଠିଟି ଅଦରକାରୀ ମନେକରି ରଖିଦେଲି । ତା'ପରେ କିଛିକ୍ଷଣ ପରେ ଆସିଲେ ମୋର ଜଣେ ସହକର୍ମୀ—କହିଲେ "ସ୍ନେହ, ସେ ଲୋକଟା ତୋ ପାଇଁ ମରିଯିବ—ଭାତ ଛାଡ଼ି ଦେଲାଣି, ତା କଥା ଟିକିଏ ବୁଝ । ଯେତେବେଳେ ପାର୍ଟିର ଡାଇରେକ୍ଟର ପିଏ—କହିଲା "କଅଣ ବୁଝିବି—ରାତିରେ କବାଟ ଖୋଲା ରଖିବା କଥା ତ--ସେଇଟା ମେ ଦେଇ ହବନି । ପିଏ ପିଏ ହଉ ପଛକେ । ସେଦିନ ସନ୍ଧ୍ୟାରେ ଡାକରେକ୍ଟର ରାଧେଶ୍ୟାମ ବାବୁ ଡାକିନେଲେ ନିଭୃତକୁ--ଆଣ୍ଠେଇପଡ଼ିଲେ ପାଦତଳେ—ଖିଲିପାନ ଗୁଆଖଣ୍ଡ ଦେଲେ—ନାଟକୀୟ ଭାଷାରେ କହିଲେ "ଯେଉଁଦିନୁ ଦେଖିଲି ତୁମକୁ—ଦେଇଅଛି ସବୁ ବାକି—ଗ୍ରହଣ କର ବା ନକର ଏଥର ତୁମରି ଇଚ୍ଛା" । ମୋ ପାଦକୁ ଧରିପକେଇ ପୁଣି କହିଲେ-ଭୁଲିଯା ତମେ, ତମର କେହିଥିଲା ବୋଲି--ଯେପରି ମୁଁ ଭୁଲିଛି ମୋର ୱାଇଫ୍ ଓ ହାଉସ୍‌କୁ—ଆଜକି ଟୁଇଷ୍ଟି ଇଏର୍ ହେଲା ହାଉସ ମୁହଁ ଦେଖିନି । ଗୀତ ଶୁଣିବ ? ଶୁଣ—ତମେ ଆଉ ମୁଁ--ମୁଁ ଆଉ ତମେ--ଉଡିଛୁ ଶୂନ୍ୟ ଗଗନେ--ଏଁ, ଏଁ । ପ୍ରମ୍ପଟର ଦୌଡ଼ିଆସି କହିଲା "ସାର୍ ଆପଣଙ୍କର ପାର୍ଟ ପଡ଼ିଲାଣି--" ବାହାରିଗଲେ ରାଧେଶ୍ୟାମ । ମୁ ନିଶ୍ବାସ ମାରିଲି । ସତ ଅପା—ମୁଁ ଶୋଇଛି—ପିଠିରେ ହାତ ମାରିଲେ ରାଧେଶ୍ୟାମ । ମୋ

ଉପରେ କୋଗୋଟାଏ ଏସେନ୍ସ୍ ଛୁଇଁଦେଲେ । ମୁଁ କହିଲି "ତମେ ଏଠୁ ଯଦି ନ ଯିବ, ତା'ହେଲେ ଚାକିରି କରିବ । ତମେ ହୋଇପାର ଡାଇରେକ୍ଟର, ତା'ବୋଲି ମତେ କଅଣ ବୋଲି ଭାବିଲ ? ତମେ ପରା ଏଇଠି ଉନ ତନାଟା ଝିଅଙ୍କୁ ଭଲପାଇ; କାରଣ ସନ୍ତାନ ଦୁଇଟି ଅନୁଷ୍ଠାନକୁ ଦାନ କରି--ନିଜର ନୈତିକତା ଦେଖାଉଚ ? ତମେ ପରା ତନାଟା ଝିଅଙ୍କର ଦୁଇହଜାର ଟଙ୍କା ଭର୍ତ୍ତି ନେଇଛ ? ଚମଡ଼ା ଲୋଭ ଏତେ କାହିଁକି ? ଯାଅ ଏଠୁ—ଗଙ୍ଗାଧରଶ୍ୟାମ ଗୁଳିଗଲେ— ଗୁରମିନାର ଟେରୁବେଇ ବେଟ୍ରେଇ—ସତେ ଯେମିତି ତାଙ୍କର ମନର ମିନାର ଭୁଷୁଡ଼ି ପଡ଼ିଲା । ତା ପରଦିନ ସକାଳେ ରିହର୍ସାଲ୍ ରୁମ୍‌ରେ—ଶ୍ରୀ ଗଙ୍ଗାଧରଶ୍ୟାମ କହିଲେ ଯେ "ତନମାସ ଟ୍ରାଇ କଲା ପରେ ସ୍ନେହ କଣ' ଧରିଲଣି ଯେ ତା ଦେଇ କାଷ୍ଟ ହବନି— ହୋପଲେସ୍" । ମୁଁ କହିଲି "ମୁଁ ଯାହା ହୁଏ—ତହିଁରେ ଆପଣ କିଏ ? ରାଗିଗଲେ ଡାଇରେକ୍ଟର—ଏତେ ଯୋରରେ ଗ୍ଲାସଟି ମୋ ଉପରକୁ ଫିଙ୍ଗିଲେ ଯେ, ମୋ କାନପାଖ ଓ ବେକର କେତେକାଂଶ କଟିଗଲା—ତା'ପରେ ଉଠିଆସି ଧମ୍ ଧମ୍ ମାଡ଼ ଦେଲେ—ମୁଁ ତଳେ ପଡ଼ି କାନ୍ଦୁଥାଏ—"କୁସୁମ" କହିଲା "ଆଉ ମାରନା ଏଥର ମରିଯିବ ଯେ × × ×

ମାଡ଼ ଖାଇ ମଡ଼ାଷ୍ଠ ହୋଇ ପଡ଼ିଥାଏ ମୁଁ—କିଏ କେତେ ପ୍ରକାର ସ୍ତୁତିବାକ୍ୟ କହିଲେ—ହେଲେ ସେଥିପ୍ରତି ମୋର କାନ ନଥିଲା—ମ୍ୟାନେଜରଙ୍କୁ କହିଲି, 'ମତେ ଆପଣ ଛାଡ଼ି ଦିଅନ୍ତୁ— ତା ନ ହେଲେ ମାରିଦେବେ ଜୀବନରେ ଏମାନେ" । ମାନେଜର ବୁଝାଇଲେ - ସ୍ନେହ କଲେ—ମୃଣ୍ମ, ପିଠିରେ "ବାଲାଂଜନ" କିଏ ଘଷିଲେ, ଯାହା ଟ୍ରରୁଙ୍କୁ ମଗଣା ନମୁନା ଆଣିଥିଲେ । ତା ପରେ ଘଣ୍ଟା ଦି'ଟା - ଗଙ୍ଗାଧରଶ୍ୟାମ କାନ୍ଦି କାନ୍ଦି ଥିଏଟର ଫାଟକରେ ପ୍ରବେଶ କଲେ । ହାତ ତାଙ୍କର ପୋଡ଼ି ଯାଇଛି—ପୋଡ଼ା ହାତଟା ଛଟ୍‌ଛଟ୍

ଛସ୍ତର—

ହେଉଛନ୍ତି - ସମସ୍ତେ ଉଠିପଡ଼ିଲେ—ଲାଇଟ୍ ଲାଗଲା । 'ଦାଦାର ଫିଲ୍ମ ଦେଖିଛନ୍ତି ? ଦିଲ୍ଲୀପକୁମାର ନାୟିକାକୁ ମାରି ନିଜ ହାତକୁ ଛେଚିଲା ପରେ ଉତ୍କଳର ରାଧେଶ୍ୟାମ—ବନା ଫିଲ୍ମରେ ଦିଲ୍ଲୀପ-କୁମାରଙ୍କ ଅଭିନୟ ଦେଖାଇଲେ । କାନ୍ଦ କାନ୍ଦ ହୋଇ କହିଲେ “ଯୋଉ ହାତରେ ମୁଁ ସ୍ନେହକୁ ମାରିଥିଲି, ସେ ହାତକୁ ପୋଡ଼ି ଦେଉଛନ୍ତି—ସେ ହାତ ଥାଇଁ ମୋର କି ଲାଭ ?”

ହସୁଥିବେ ଏସବୁ ପଢ଼ି--ହସିବାର କଥା—ସମ୍ପୂର୍ଣ୍ଣ ନାଟକୀୟ ଏ ସବୁ--ବାସ୍ତବତାଠାରୁ ବହୁଦୂରରେ । ଆପଣ ମତେ ମାରିଥିଲେ-ହାତ ପୋଡ଼ି ନଥାନ୍ତେ । ମମତାର ଆଲେପନ ଯେଉଁଠି ବେଶି--କୃତ୍ରିମତା ସେଠୁ ବହୁ ଦୂରରେ--ଦୂରକୁ ଯିବେ ଶୁଣି ମନ ଭିତରେ କେଉଁଠି କଅଣ ହଜେଇଲା ପରି ଲାଗୁଛି । ଜୀବନର କାତର ନିବେଦନ ଦିନ ପରେ ଦିନ କରି ଚାଲିଛି--ଜାଣେନା, କେଉଁଦିନ ସେ ଅର୍ଘ୍ୟ ଗ୍ରହଣ କରିବେ । ତଥାପି ଆଶା ନିରାଶାର ଦ୍ୱନ୍ଦ୍ୱ ଭିତରେ ଲେଖି ଚାଲିଛି ନିଜର ଅନୁଭୂତି—ମନଖୋଲି । ପାରିଲେ ଅଳି ପୂରଣ କରିବେ---

ତା ୭ । ୪ । ୫୮

ଆପଣଙ୍କର ସ୍ନେହକାଙ୍ଗାଳୀ

**ସ୍ନେହ**

## ମନର ଦେବତା ମୋର,

ସକାଳୁ ଉଠିଥିଲି—ପିଣ୍ଡାଟିରେ ବସି କାଉ ବୋବାଉଥିଲା—ପିଲାଦିନେ ଶୁଣିଥିଲି—ସିଏ କୁଆଡ଼େ କୁଣିଆଙ୍କୁ ଦୂରରୁ ଦେଖି ଖବର ବୋହୁଥାଏ । କାଉ କଥା ସତ ହେଲା—ଆପଣଙ୍କର ଖବର ପାଇଲି । କହୁଛନ୍ତି--ମୋ ଠଉଁ ବିଦାୟ ନେଇଯିବେ ବୋଲି । ତାକୁ ବିଶ୍ୱାସ କରିପାରୁ ନାହିଁ । ଚିର ଜୀବନ ପାଇଁ ଯେ ହୃଦୟରେ ସ୍ଥାନ ଦେଇଛନ୍ତି ସେ ପୁଣି ବିଦାୟ ଦେବ କିମିତି ? ବିଦାୟ ନବା କଅଣ ଏତେ ସହଜ ? ବିଦାୟ ବେଳାର ଦୁଃଖ ଭଳି ବୋଧହୁଏ ଭଗବାନ ଆଉ କିଛି ସୃଷ୍ଟି କରି ନାହାନ୍ତି । ସନ୍ଧ୍ୟାରେ ବିଦାୟ ନିଅନ୍ତି ସୂର୍ଯ୍ୟ ଦେବତା, କାନ୍ଦ କାନ୍ଦ ଲାଲ୍ ପଡ଼ି ଯାଇଥାନ୍ତି, ବିଦାୟ ନିଏ ନବବଧୂ ହସ କାନ୍ଦର ମୂର୍ଚ୍ଛନାରେ । ବିଦାୟ ନିଏ ପ୍ରାଣପ୍ରତିମ—ଆଖି ଲୁହରେ । କଅଣ ଦେଇ ମୁଁ ବିଦାୟ ଦେବି--କଅଣ ମୋର ଅଛି ? ସବୁ ତ ଦେଇଛି । ଆପଣ ବିଦାୟ ନେଇ ଯିବେ କେମିତି କି ଜାଣେନା--ଶୁଣିଲି ଏ ଦେଶ ଛାଡ଼ି ବହୁ ଦୂରକୁ

## ଅଠସ୍ତର—

ସାତ ସମୁଦ୍ର ତେର ନଈ ପାରିହୋଇ । ଯେତେ ଦୂରକୁ ଯା'ନ୍ତୁ ପଛକେ, ମୁଁ ଉଡ଼ିଯିବି କଳ୍ପନାରେ ଆପଣଙ୍କ ପାଖକୁ--ସେଇ ମୋର ପ୍ରାପ୍ୟ—ସେଇ ମୋର ଆନନ୍ଦ ।

ସେ ଦିନ ଗୋଟିଏ ଚରିତ୍ର ଲେଖିଥିଲି ଆଜି ପୁଣି ଆଉ ଗୋଟିଏ ଲେଖୁଛି । ଏମାନେ ପୁରୁଣା କାଳର ଅଦରକାରୀ ବିଜ୍ଞାପନ—ଏମାନଙ୍କର କାମ ସରିଛି--କେବଳ ଜୀର୍ଣ୍ଣ କଳେବର ନେଇ ଏମାନଙ୍କର ବାହାଦୁରି । ଆଜି ଯାହାଙ୍କ କଥା ଲେଖୁଚି ସେ ହେଉଛନ୍ତି ଜଣେ ନାଟ୍ୟକାର । ପେଶା—ନାଟକ ଲେଖା ନୁହେଁ ପେଶା, କଲମ ଘୁଷି-ସେଇ ଘୁଷି ବଟିଗୁର କଲମିଗୁ ଦ୍ୱି ପରି । ତାଙ୍କର ନାଟକ ଲୋକ ମେଳରେ ବହୁଳ ପ୍ରଚୁର ଲାଭ କରିଛି । ଏ କିନ୍ତୁ କାଳିଦାସ ବା ଭବଭୂତିଙ୍କ ପରି କଳ୍ପନା ବିଳାସୀ ନୁହଁନ୍ତି—ଏମାନେ ବାସ୍ତବବାଦୀ--ଫରମାସି ଲେଖକ । ଡଙ୍ଗା, ବଢ଼ିଲି--ଡଙ୍ଗା ବଢ଼ି ଗୀତ--କମଳା ହରଣ ହେଲି--'କମଳା ହରଣ' ଗୀତ ଲେଖିଲି ଭଳି ଏମାନେ ମଞ୍ଚକୁ ଚାହିଁ ନାଟକ ଲେଖନ୍ତି । କବି କଳ୍ପନାକୁ ରୂପଦେଇ ଜୀବନ୍ତ କରେ--କିନ୍ତୁ ଏ ନାଟ୍ୟକାର ରୂପ ନେଇ କଳ୍ପନା କରନ୍ତି । ସେଇ କଳ୍ପନାକୁ ଜୀବନ୍ତ କରି ବିକନ୍ତି । ଗରାଖ କେତେ--ମାସେ--ବା ଦି'ମାସ ପାଇଁ । ତାପରେ ଶୂନ୍‌ଶାନ, ତା'ଙ୍କର ନାୟକ ନାୟିକା, ସମସ୍ତେ ଯା'ନ୍ତି ସୌଖିନ୍ ରଙ୍ଗମଞ୍ଚ ଟୁର୍ କରି । ବତିଶି ବର୍ଷର ବୁଢ଼ା ଦାଢ଼ି କାଟି ନାୟିକା ସାଜନ୍ତି । ଏମିତି ଦିନାକେତେ ଚାଲେ ତାଙ୍କ ସାହିତ୍ୟର ପ୍ରସାର । ଶେଷକୁ ରହିଯାଏ ଆସି ପ୍ରକାଶକଙ୍କର ଆଲମାରିରେ । ଯାହାହେଉ ମୁଁ ଯାହାଙ୍କ କଥା କହୁଚି ସେ ଆମ ଅନୁଷ୍ଠାନର ଜଣା ଲୋକ କହିଲେ ଚଳେ । ପିଲାଦିନେ ସେ ନିଜେ ନାଟରେ ଥିଲେ--ନାଚିଛନ୍ତି ଓ ନାଚ କରାଇଛନ୍ତି, ତେଣୁ ତାଙ୍କର ଏଇ ନାଟ ରଚନା । ଅଦ୍ଭୁତ କାହାଣୀ ଗଢନ୍ତି--ସମ୍ପୂର୍ଣ୍ଣ

ଅସମ୍ଭବ ସବୁ । ବିଦ୍ରୋହ ତାଙ୍କର ଧନୀକ ଶ୍ରେଣୀ ବିରୁଦ୍ଧରେ--ସେ ଗୃହାନ୍ତ ଧନପତିର କନ୍ୟା ଓହ୍ଲେଇବ ଆସୁ ବାବୁର୍ଚିଖାନାକୁ--ରହିମ ମିଆଁ ପାଖକୁ । ତା ହେଲେ ମଜା ହେବ--ସାହିତ୍ୟରେ ନୂଆଯୁଗ ସୃଷ୍ଟି ହେବ ।

ଦିନେ ସିଏ ଆସିଲେ--ଚହଳ ପଡ଼ିଗଲା । ଆସିଛନ୍ତି ଅମୁକ ଲେଖକ--ବହି ଲେଖିବେ ଏଇଠି ବସି । ସବୁ ହେଲା—ଉପରଘର ସଜାହେଲା--ଟେବୁଲ୍ ପଡ଼ିଲା--ଚଉକି ପଡ଼ିଲା--ଖଟ ପଡ଼ିଲା--ଭଲ ଭଲିଆ ଖାନା ଲଗିଲା । ତାପରେ ସଭିଁଏ ପାଇଁ ଥରେ ଥରେ ଫଖୋଲି ଆସିଲେ କବିଙ୍କୁ । କବି କାବ୍ୟ--କବିତାରେ ଲଜ୍ଜିତ-- କହିଲେ "ମୋ ଭଳି ଅକିଞ୍ଚନର ଭାଷାକୁ ରୂପ ଦେଉଛ ତମେ ମାନେ । ମୋର କଳ୍ପନାର ରାଣୀ ତୁମେମାନେ । ତୁମ ଋଣ·······

ହସ ହସ ମୁହଁରେ "ଚପଳା" କହିଲା "ଏଥର କିନ୍ତୁ ମୋ ମନଲାଖି ପାର୍ଟ ନଥିଲେ ମୁଁ ଆଉ କଥା କହିବି ନାହିଁ । ହଁ, ଆମ ପାଇଁ ଆଉ କାହିଁକି ଲେଖିବେ--ଆମେ ଆଉ କିଏ ଯେ ? ଏଥର ତ ନୂଆ ହିରୋଇନ୍ X X X ମେନେଜର ବାବୁଙ୍କ ଗୋଡ଼ ତଳେ ଲାଗୁନାହିଁ—ତାକୁଇ ନେଇ ଏ ବର୍ଷ ଟୁର "। କବି କହିଲେ 'ଭୟନାହିଁ । ଟିକିଏ ରୁହ, ମୁଁ ଦୋକାନ ଲଗାଏ । ସାରୁ ଆଳୁ ପିଆଜ ଓଲୁଅ ସବୁ ସଜାଇ ରଖିଚି । ଦେଖିବ କିମିତି ଚମକିବ । ଯାହା କଥା ତାହା ମୁହଁରେ, ଭଏ କହିବ ସିଏ ବୁଝିବ--ଯାହାର ଲାଗିନା ମୁଁ ଲଗାଇଦେବି, ଯା'ର ଛିଣ୍ଡିଛି ମୁଁ ଯୋଡ଼ାଇ ଦେବି ଏଇ କଲମ ମୁନରେ । ଟିକଟ ଦେଖାଲୋକ ଖାଲି ବୋକା ହୋଇଯିବେ । ତୁମ୍ଭେମାନେ ମୋର ବହୁ ଦିନର ପରିଚିତ--ତୁମ୍ଭମାନଙ୍କୁ ମୁଁ ଛାଡ଼ିପାରେନା ସୁଲି, ଦୁଲି, ଗୋହଲୀ କଅଣ ହେଲେ ପାର୍ଟ ମୋ ନାଟକରେ ପୋଷିବ ।"

ଅଶୀଏ—

ଖରା ବେଳ--କବିଙ୍କ ଘରୁ ଭିଡ଼ କମିଛି । ମୁଁ ବାରଣ୍ଡା ବାଟେ ଆସୁଥାଏ । କବି ହଠାତ ଉଠି ପଡ଼ିଲେ—କହିଲେ "ଟିକିଏ ରହିବେ କି ଶିଳାବତୀ ଦେବୀ । କହିଲି ମତେ ଡାକୁଛନ୍ତି--ମୁଁ ଶିଳାବତୀ ନୁହେଁ 'ସ୍ନେହ'- । କବି ଆନମନା- ପେନସିଲ କାମୁଡ଼ି ପକାଇଲେ—କହିଲେ"କି ମାରାତ୍ମକ ଭୁଲ୍" କିନ୍ତୁ ଆଉ ହେବନି । ଗୋଟାଏ କଥା ପଚାରିବି, କିଛି ଯଦି ମନେ କରିବେ ନାହିଁ । ଆପଣଙ୍କର ଲକ୍ଷ୍ୟ କଅଣ ଅଭିନୟ ଜଗତରେ ଚାଞ୍ଚଲ୍ୟ ସୃଷ୍ଟି କରିବା ? ମାନେ ଗୋଟାଏ ଡିଟେକ୍ଟିଭ-ଉପନ୍ୟାସ ପରି ଉପରକୁ ଉଠିଯିବା-ମାକେଟ କେପଚର କରିବା । ମୁଁ କହିଲି "ମୋର ଲକ୍ଷ୍ୟ ନାହିଁ-କେବଳ ସେଠ ଯୋଚୁଛି-ଜଣକ ଅପେକ୍ଷାରେ । ଚାହିଁ ଚାହିଁ ଆଖିରୁ ପାଣି ମଲଣି-ଜାଣେନା ସେ ଆଉ ଆସିବେ କି ନାହିଁ । ତା ଛଡ଼ା ଚାରିଆଡେ ମୋର ଶତ୍ରୁ, ଯେପରି ମୋତେ ଦଳି ମକଚି ଦେବେ । ଆପଣ ବୁଝିବେ ନାହିଁ ସେ ସବୁ । କବି କହିଲେ "ମୁଁ ବୁଝିବି ନାହିଁ ? ମତେ ଘନଶ୍ୟାମ ବାବୁ ସବୁ ବୁଝେଇଛନ୍ତି । ସେ ହେବେ ହିରୋ -ଆପଣ ହିରୋଇନ—ଆଉ ମଝିରେ ଗୋଟାଏ ଡେଭିଲ ପଶିବ-ତାହିଁରେ ପୁଣି କୁମୁଦ ବାବୁଙ୍କ ଫରମାସ ଯେ ଗୋଟାଏ ସାଇଡ଼ ହିରୋ ରହି ଘଟଣାକୁ ଜଟିଳିତ କରି ପକେଇବ । ମେନେଜର କହୁଛନ୍ତି "ମାଣ୍ଡିଆ ଗୋଷେଇକୁ ଗୋଟାଏ ପାର୍ଟ— ତା ଛଡ଼ା ଇନ୍ଦୁ, ଲତା, ମାଳା, ଚଞ୍ଚଳା ସମସ୍ତଙ୍କୁ କରିବ ଯେ ବହିରେ ଖାଲି ଚସମା ପିନ୍ଧା କଲେଜ ଝିଅ ପୂରେଇବାକୁ ହେବ । ସେମାନେ କଳା ବୋଲି ଗାଁଉଲି ଝିଅ ହେବେ ନାହିଁ—ବୁଝିଲେ ସ୍ନେହ ଦେବୀ ? ବଡ ଅଡୁଆରେ ପଡ଼ି ଯାଇଛି ମୁଁ । ଏତେ ଲୋକଙ୍କ କଥା ଏକାଠି କେମିତି ଲେଖିବି ? ଅନୁଷ୍ଠାନ ସର୍ବପ୍ରଥମ ଅଭିନେତ୍ରୀ ଶ୍ରୀମତୀ ଇନ୍ଦ୍ରାବତୀଙ୍କ ଅର୍ଡରରେ ଯେ ସେ ମା' ହୋଇ ପାରନ୍ତି କିନ୍ତୁ କାହାର ସ୍ତ୍ରୀ ନିଶ୍ଚୟ ହୋଇଥିବେ—ନାଟକରେ

—ଏକାଅଣୀ

ବୈଧବ୍ୟ ଦୃଶ୍ୟ ରହୁବ ନାହିଁ, ରହୁଲେ ସେ ଅଭିନୟ କରିବେ ନାହିଁ । କଥା କଥାକେ ଆପଣଙ୍କୁ ଅନେକ ବେଳ ଚିଞ୍ଚ କଲି-କିଛି ମନେ କରିବେ ନାହିଁ । ଖାଲି ଜାଣିବାକୁ ଚାହୁଁଥିଲି - ଆପଣ ରାଧେଶ୍ୟାମ ବାବୁଙ୍କୁ ପସନ୍ଦ କରନ୍ତି ନା କୁମୁଦ ବାବୁଙ୍କୁ ? ମୁଁ କହିଲି "ସେ ସବୁ ମୁଁ କିଛି ଜାଣେନା-ଅଭିନୟ ମାନେ ଅଭିନୟ, ମୋର ସେଥିରେ ଆପତ୍ତି ନାହିଁ--କିଏ ହିରୋ କିଏ ବା ଭିଲେନ । କବି କହିଲେ, ସେମିତି କହନ୍ତୁ ନାହିଁ—ଆପଣ ଚିହ୍ନି ନାହାନ୍ତି—ଏଗୁଡ଼ା ସବୁ ଭିଲେନ । ହଉନ୍ତୁ ଭିଲେନ । ସେମାନେ, ମୁଁ ଏଥର ଗୋଟିଏ ନିର୍ମଳ ଚରିତ୍ର ଗଠନ କରି ତାର ସାଥିରେ ଆପଣଙ୍କୁ ଛାଡ଼ିବି-ମାନେ ଜଣେ ଲେଖକ କ୍ୟାରକ୍ଟରେ । ଚମକି ପଡ଼ିଲି; କହିଲି "ଲେଖକ— ? ଅପ୍ରସ୍ତୁତ ହୋଇ କବି କହିଲେ-ଆପଣ ବୁଝିବେ ନାହିଁ ସ୍ନେହ ଦେବୀ— ଯେତେବେଳୁ ଆପଣଙ୍କୁ ଦେଖିଲି-ସେତେବେଳୁ ମୋର କଲମ ଆପଣଙ୍କର—ଭାଙ୍ଗନ୍ତୁ ବା ରଖନ୍ତୁ ସେଥିରେ ମୋର ଆପତ୍ତି ନାହିଁ । ମୋ ମନରେ ଝଡ଼ ଉଠିଛି - କଲମରେ ଉଠିଛି ଝଡ଼- କେବଳ ଆପଣଙ୍କର ଅନୁମତି ଲେଖିଯିବି, ଅମର ରଚନା-କଣ୍ଠ କଣ୍ଠ ଲକ୍ଷ ଲୋକଙ୍କ ।ଉପେନ୍ଦ୍ର, ବଳଦେବ-ମାନସିଂହ-ଗୋବିନ୍ଦ, ହାର୍ ମାନିବେ ଆଗରେ 'ହାଉସ ଫୁଲ୍' । କବି ଉଠି ମୋ ହାତ ଧରି ପକାଉଥିଲେ ଯୋଉବେଳେ । ଏ ଢଙ୍ଗ ଦେଖି ମୁଁ ହସି ଦେଲି । ପାଖ ଘରୁ କିଏ କୋଇଲି-"ମୋ ରଙ୍ଗିଲେ-ମୋ ଢଙ୍ଗିଲେ-ଏ ରଙ୍ଗ ରହିବ ନାହିଁ !" କବି ଲଜ୍ଜିତ ହେଲେ-ବସି ପଡ଼ିଲେ । ପଦର ଦିନ ସ୍ୱପ୍ନ ଦେଖି, ଗୁହା ଗ୍ରିଲରେ, ବନ୍ଧୁ ଝାଣିଲେ-ଗୋଡ଼ିରୁ ଅନେକଲେ-କଙ୍କଣା ; କଲୁ ପିଟେଇଲେ-ମହାନାଟକ ରଚନା ଶେଷ ହେଲା, ତା ପରେ ଜଣେ ଶୁଭ ସନ୍ଧ୍ୟାରେ ଶୁଭ ଉଦ୍‌ବୋଧନ ହେଲା- ନାଟକର ନାଁ ଦିଆଗଲା "ଚରିତ୍ରହୀନା" । ପ୍ରଥମ ଦଳରେ ପୁରୁଷୋତ୍ତମ, ସାମ୍ନାଦର,

ବନ୍ୟାଅଶୀ—

ଜନନେତା ଓ ସାହିତ୍ୟସେବୀମାନେ ଅଇଲେ-କରତାଳି ପଡ଼ିଲା-ମୁଁ ଭଲ ଅଭିନୟ କଲି ବୋଲି ଶୁଣିଲି-ଚରିତ୍ରହୀନାର ଅଭିନୟ ଭଲ ହୋଇଥିବ ବୋଧହୁଏ । କାରଣ ଚରିତ୍ରବତୀର ଅଭିନୟ ପାଇଁ ତ କେବେ ହେଲେ ସୁଯୋଗ ପାଇନାହିଁ ଜୀବନରେ—

ଖିଆପିଆ ସରିଲା, ସମସ୍ତେ ବସି ଆଲୋଚନା ଚଳାଇଥାନ୍ତି । ହେଲେ, କବିଙ୍କ ମୁହଁରେ ଗୋଟାଏ କଥା-ମୋର ଅଭିନୟର ପ୍ରଶଂସା । ତା ପରେ କବି ଆସିଲେ ମୋ ପାଖକୁ-ଆସି କହିଲେ, "ସ୍ନେହ ଦେବୀ, ଆପଣଙ୍କ ଅଭିନୟରେ ମୋ ନାଟକ ଜୀବନ୍ତ ହୋଇ ପାରିଲା—ଆପଣଙ୍କ ସାହାଯ୍ୟକୁ ମୁଁ ଭୁଲି ପାରିବି ନାହିଁ । ଚରିତ୍ରହୀନାର ଅଭିନୟ କଲେ ଆପଣ କିନ୍ତୁ ମହାଚରିତ୍ରବତୀର ଦରଦ ଦେଇ ! ଅପୂର୍ବ ସେ ଅଭିନୟ-କବି କହିଲେ "ସମସ୍ତେ ସବୁ ପାଇଲେ-ହେଲେ ମୋ ପୁରସ୍କାରଟି କଅଣ ଦେବେ ନାହିଁ.. ମୁଁ ଖାଲି ହାତରେ ଫେରି ଯିବି ?ଭାବିଲି ଏ ପୁଣି କଅଣ ଗୁହାନ୍ତ୍ର ? କହିଲି "ଆପଣ ଲେଖକ-ଲେଖାହିଁ ଆପଣଙ୍କର ପୁରସ୍କାର । ତେଣୁ ତା'ଠାରୁ ବଳି କଅଣ ଆଉ ପୁରସ୍କାର ମୁଁ ଦେଇ ପାରିବି ? ମୋର ସ୍ନେହ ଜାଣିବେ ।" କବି ବିମୁଗ୍ଧ ହୋଇ ପଡ଼ିଲେ-କହିଲେ "ସ୍ନେହର ସ୍ନେହ ମୁଁ ପାଇଛି । ତାକୁଇ ନେଇ ଅପେକ୍ଷା କରିବି, ଆହୁରି ଲେଖିବି, ତମ ପ୍ରାଣକୁ ଛୁଇଁଲା ଭଳି । ତା ପରେ ଦିନେ ମୁଁ ପାଇବି ତୁମକୁ-ଯେତେବେଳେ ଆଉ କାହାରି କିଛି ତମକୁ ପାଇବାକୁ ନ ଥିବ । ଯାଉଛି-ବିଦାୟ ।" ମନର ଦାଗ ନେଇ କବି ଗଲେ-ବିନୟବାବୁ ବି ଗଲେ-ରାଧେଶ୍ୟାମ ବାବୁ ଡାଇରେକ୍ଟର ମଧ୍ୟ ଗଲେ । କିଛି ଦିନ ପରେ ଖବର ପାଇଲି ବିନୟବାବୁ ଧନପତି କୁବେର କନ୍ୟାକୁ ବରଣ କରିଛନ୍ତି । ରାଧେଶ୍ୟାମ ବାବୁ ନୂତନର ସନ୍ଧାନରେ, ଆଉ କବି ଅନ୍ୟ ଏକ ଛଦ୍ମବେଶୀ ରଙ୍ଗ-

—ଡେସ୍ମୁଆଣୀ

ମଞ୍ଚରେ ପ୍ରାଣ ଢାଳି ଦେଇଛନ୍ତି ଅନ୍ୟ ଏକ ଅପରୂପାର ମନ କିଣିବା ପାଇଁ । ଛୋଟିଆ ରେଲ୍ ଷ୍ଟେସନରେ ଗାଡ଼ି ଲାଗେ, ଗାଡ଼ି ଛାଡ଼େ । ଗାଡ଼ି ଆସିଲେ ଲୋକାରଣ୍ୟ, ଗାଡ଼ି ଗଲେ ଶୂନଶାନ୍ । ଗର୍ଭର ସଞ୍ଚିତ ଧନ ପରି ରଖିଥିଲି ଯାହା କିଛି ଗୋପନରେ ସବୁ ଆପଣଙ୍କୁ ଦେଉଛି, ସେତିକି ହିଁ ସମ୍ବଳ; ପାରିଲେ ଗ୍ରହଣ କରିବେ । ଯୁଆଡ଼େ ଯାଆନ୍ତୁ, ଯେଉଁଠି ଥାଆନ୍ତୁ, ଯାହା କରନ୍ତୁ ସେଥିରେ ମୋର ଅଧିକାର ନାହିଁ, କେବଳ ଚାହିଁଥିବି ମୁଁ ଫେରିବା ବାଟକୁ । ଗୋଧୂଳି ଲଗନ ରକ୍ତିମ ଆଭାରେ ଆପଣ ଜୟଟିକା ନେଇ ଫେରିବେ—ଏଇ ମୋର କାମନା ।

ବେଳ ଅଳ୍ପ, ତାର ଭିତରେ ସବୁ କଥା କହିବି, ତେଣୁ ଜୀବନ ନାଟକର ଶେଷ ଚିଠି ଅଜାଣିରୁ ପଠାଇବି । ଜଣାଇବେ ଦୟାକରି-କେବେ ଓ କେଉଁଠୁ ଯାଉଛନ୍ତି ।

ତା ୧୭ । ୪ । ୫୮

ଆପଣଙ୍କର
ସ୍ନେହଲତା

## ପ୍ରୀତି ପ୍ରତିମା ମୋର !

ପରମ ଆନନ୍ଦରେ ଆପଣଙ୍କର ପତ୍ରଟି ପାଠ କଲି—ଜାଣେନା ମୋର ଏମିତ ଭାଗ୍ୟ ହେବ ବୋଲି । ଆପଣଙ୍କ ହସ୍ତାଙ୍କିତ ପତ୍ର, ତା ପୁଣି ଏତେ ଦିନ ପରେ । ବାରବାର ପଢିଲି—ଆପଣ ଚାଲିଯିବେ—ଦୁଇ ବର୍ଷ ପାଇଁ—ଆମେରିକା ମୁଲକ । ସେ କେଉଁଠି ? କିପରି ? ତା କଳ୍ପନାରେ ଆଣି ପାରୁନାହିଁ । ତଥାପି ଏଇ ଚିଠିଖଣ୍ଡି ଆପଣଙ୍କର—ମୋର ଆଖି ଲୁହର ସମ୍ବଳ ହେବ—ମୁଁ ଅନେଇ ରହିବି ଯେତେ ଦୂର ଆଖି ପାଇବ—ନୀଳ ଆକାଶ, ନୀଳ ଲହରୀର ସେ ପଟକୁ । ନୀଳ ଲହରୀ ବକ୍ଷରେ ଆପଣଙ୍କର ବୋଇତ ଚାଲୁଥିବ—ନୀଳ ଆକାଶରେ ବିହଙ୍ଗ ପରି ଉଡ଼ିଯିବେ—ମୁଁ କୂଳରୁ ପ୍ରତୀକ୍ଷା କରିବି—ଆଗମନ ପଥକୁ । ତାପରେ ଦିନେ ବୋଇତ ଲାଗିବ—ସେଦିନ ବନ୍ଦାଣ ଅର୍ଘ୍ୟ ଧରି ଆପଣଙ୍କୁ ବନ୍ଦାଇ ଆଣିବେ—ଆପଣଙ୍କର ଯେଉଁମାନେ ଅତି ନିଜର, ଅତି ଆପଣାର । ବଡ଼ରୁ ବଡ଼ ତା'ଠାରୁ ଅତୁଳ ବଡ଼ । ନୀଳ ଲହରୀର ଢେଉ ଭିତରକୁ ଅନାଇ ଦେଖିବେ—

ସେଠ କାହାର [illegible] ନାହିଁ — କେତେ ନୂତନ ଅନୁଭୂତ ମଧ୍ୟ [illegible] ନିଶ୍ଚୟିବ — କାହିଁ କେତେ ଦୂର — ନିଶ୍ଚୟାଉ, ସେ [illegible] ଯାଉ — କିନ୍ତୁ ଆପଣଙ୍କର କର୍ତ୍ତବ୍ୟ ପଥରେ — ପ୍ରଗତି ପଥରେ ବାଧା ନ ହେଉ -- ଏତିକି ମୋର କାମନା । ଶେଷ ଦର୍ଶନ ପାଇଁ ପ୍ରାଣ ମୋର କାନ୍ଦି ଉଠୁଛି, — ବଞ୍ଚାଇ ଦେବେ କି ଥରେ ଶେଷ ଦର୍ଶନ — ଏଇ ଅଭିଳାଷାରେ ।

ଜୀବନ ନାଟକର ଶେଷ ଦୃଶ୍ୟ ଲେଖି ବସିଛି — ହେଉଛି ମନର ଡେଇଁ ଭାଙ୍ଗିଛି — ଅସାର ବାଲିଚରରେ — ଯେଉଁଠି ମୃଗ-ତୃଷ୍ଣାହିଁ ସାର — ଯେଉଁଠି ଶବ ମାତ୍ର ଖୁଜୁଛି ବାଲି ଧରଣୀ ଭାଇ ଇଙ୍ଗିତର ସନ୍ଧାନରେ । ଜୀବନର କେତୋଟିକ ବିଶେଷ ଘଟଣା ଆପଣଙ୍କୁ ଲେଖିଛି — ଆଜ ପୁଣି ଲେଖୁଛି — ଜଣେ [illegible] କାହାଣୀ — ଯଣେ ମାତ୍ର ଭୋଗ ଲାଳସାରେ ଯିଏ [illegible] ଦେଇଥିଲେ ମୋ ପାଦତଳେ ତାଙ୍କର ଐଶ୍ୱର୍ଯ୍ୟ ରାଶି । ଯାହାଙ୍କ କଥା କହୁଛି, ସେ ଜଣେ ଶିଳ୍ପପତି — ବିଭିନ୍ନ ଶିଳ୍ପ ସଙ୍ଗଠନରୁ ସେ ବୋହି ଆଣିଛନ୍ତି ଲକ୍ଷ ଲକ୍ଷ ଟଙ୍କା — ତାଙ୍କର ଇଙ୍ଗିତ ରୂପାୟିତ ହୋଇଛି — ଟଙ୍କା, ସୁନା, ଐଶ୍ୱର୍ଯ୍ୟ ଓ ବିଭବ ଆକାରରେ — ସାହିତ୍ୟକୁ ସେ ଭଲପାନ୍ତି, ସାହିତ୍ୟପାଇଁ ନୁହେଁ — ତାକୁ ଦୟା ଦେଖାଇବା ପାଇଁ । କଳା ତାଙ୍କ ନିକଟରେ ଋଣୀ — ସେ ଦେଇଛନ୍ତି କଳାକୁ ଯୌବନ ତାଙ୍କର ମହନୀୟ ଦାନରେ — ତେଣୁ ଆମ ଦେଶର ବୁଭୁକ୍ଷୁ କଳା ନିକଟରେ ସେ ଜଣେ ଅନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ବର୍ଷ ଟୁର୍ ପ୍ରୋଗ୍ରାମ ପଡ଼ିଥିଲା, ତାଙ୍କ ବିଭବ ଗନ୍ତାଘରର ନିକଟରେ — ଅଭିନୟର ଆଠ ଦିନେ ସେ ଦର୍ଶନ ଦେଲେ ଦର୍ଶକ ଧାଡ଼ିର ପ୍ରଥମରେ । ତାଙ୍କ ଆଗମନରେ ପରିବେଶ ସଜୀବ ହୋଇ ଉଠିଲା — ବିଜୁଳି ପଙ୍ଖା ତାଙ୍କପାଇଁ ଲାଗିଥିଲା ଦୁଇଟା ଦୁଇ ପାଖରେ

ଛନ୍ଦାଅଣୀ—

ଓ ବସିବା ପାଇଁ ଦୁଇ ଦୁଇଟା ନୂଆ ... ବସଲେ— ଅଭିନେତ୍ରୀ ମହଲରୁ ସମସ୍ତେ ଥରେ ...ରେ ତାଙ୍କୁ ଦେଖିଗଲେ, ଦୃଶ୍ୟ ପଟରେ ପାଲଙ୍କେ ଟାଙ୍କେ । ସମସ୍ତେ ଦେଖିଲେ, ହେଲେ ଦେଖିଲେ ନାହିଁ ଜଣେ ଦୁ'ଜଣ । ହଳଦୀ କାଠୁଆ ଧର ଗାଧୁଆ ଘାଟରେ ବୋଲହେବା ଭଳି, ଜଙ୍କଗୁଡ଼ାଏ ବୋଲି ହଉ ହଉ ଚନ୍ଦ୍ରାବତୀ କହିଲେ, "ନ ଦେଖିଲ ଲୋକ ଦେଖ, ... କରିଛ କାଢିଛୁ ବୋଲ" । ମୁଁ ତାଙ୍କୁ ପାଟରୁ ଦେଖିଛି---ଯୁଆ...ଙ୍ଗମାନଙ୍କୁ, ବି ଦେଖିଛି । ଆଁର କରରୁ କଲଗ୍ନ ଧଉ ଦ'ଠାକୁ ବଡ଼ କରିବା ପାଇଁ ତା ଉପରେ ପ୍ୟାଜ୍ ଦ'ଟା ରଖୁ ରଖୁ କମଳା କହିଲା—"ଖାଲି ଯୁଆଙ୍କୁ ... ଆଉ କାହାକୁ ଦେଖିଚ ?" ଚନ୍ଦ୍ରାବତୀଙ୍କ ...ରେ ଭାସି ... ନଲ ସ୍ୱପ୍ନ—ଗୋଟାଏ ବର୍ଷରେ ଦେଇଟି ... —ଅନୁଷ୍ଠାନର ଲଭ ହୋଇଛି ... । କେତେ ଯୁବେଳି ... ତାଙ୍କର ମୁକୁଳା ଯୌବନକୁ ଲେଟେଇ ଦେଇଛନ୍ତି—ପୁଷ୍ପରେଣୁ ସୁଗନ୍ଧର ପ୍ରବଳ ବାସ୍ନା ଓ ଉଲ୍ଲଦ ମଦବର ଉତ୍କଟ ଗନ୍ଧରେ । ସେ ସବୁ ଅତୀତ-ଅତୀତ ... ଦାଗ ରଖିଥାନ୍ତି, ...'ହେଲେ ରାଜେନ୍ଦ୍ର ଔରସ ଜନନୀ ହେବାର ସୌଭାଗ୍ୟ ନେଇ ସେ ଆଜ ଛାତି ଫୁଲେଇ ବୁଲୁଥାନ୍ତେ । କାଠ ଘୋଡ଼ାରେ ବସାଇ ଗର୍ବିତା ଚନ୍ଦ୍ରାବତୀ କହନ୍ତେ "ତା ବାପର ସିନା ରାଜ୍ୟ ନାହିଁ— ହେଲେ ମୋ ପୁଅର ରାଜ୍ୟ ଅଛି—ରାଜମୁକୁଟ ଅଛି—ସବୁ ଏଇ ରଙ୍ଗମଞ୍ଚରେ ।" କିଏ ଅର ପାଖରୁ କହି ଉଠିଲା ହଁ ଅର ଘର ... ଭାବ ଲଭ କଅଣ—ଏଥର ଅଗରୁ ଚିଟେ ଯାଇ ଦେଖ ... ଅସିଛନ୍ତି । ଚନ୍ଦ୍ରାବତୀ କହିଲେ "ତମେ ଦେଖ ଲେ ମା—... ସିନା ... ସିଆ ଛାତି ଅଛି---... ବୁଢ଼ା ହବ,---... ପାଇଁ ...ରେ ଅବ ବଳ ନାହିଁ---?"

—ସତାଅଶୀ

ମୁଁ ଭାବୁଥାଏ "ଗଜେନ୍ଦ୍ରମାନେ ତ ଗଲେଣି---ଏବେ ଏ କେଉଁ ଗଜେନ୍ଦ୍ର ?" ଶୁଣିଛି ସଁବାଳୁଆ ପୋକ ପ୍ରଜାପତି ହୁଏ, ହୋଇପାରେ ଅବା ଏମାନେ ଗଜେନ୍ଦ୍ରଙ୍କର ପ୍ରଜାପତି ଅବତାର---କଣ୍ଟ୍ରାକ୍ଟର, ଶିଳ୍ପୀ, ଧାନବେପାରୀ, ଅବା ସାହିତ୍ୟ ବା ରାଜନୀତି କ୍ଷେତ୍ରରେ ଅବା ସରକାରୀ କର୍ମକୁଶଳତାରେ ପାରଙ୍ଗମ--ଆଧୁନିକ ଗଜେନ୍ଦ୍ର । ଶୁଣିଥିଲି ଗଜେନ୍ଦ୍ରମାନେ ପିକଚର ଥିଏଟର ଦେଖିବାକୁ ଆସନ୍ତି---କିନ୍ତୁ ଏମାନେ ଦେଖି ଗଲେ ପିଅନ୍ତି---ଏଇ କେବଳ ପାର୍ଥକ୍ୟ । ରାଜନ୍ୟମଣ୍ଡଳଙ୍କର ଅବସାନ ପରେ ଏଇ ଗୋଷ୍ଠୀ ବର୍ତ୍ତମାନ ପୃଷ୍ଠପୋଷକ ସବୁ କଳାର । ଥିଏଟର ଆରମ୍ଭ ହେଲା—ସେ ଦିନର ଅଭିନୟ 'ଗଭର'- ଗଭର [illegible] କାହାଣୀ—ଯା'କୁ ଭଲପାଏ ଶିଳ୍ପପତିର କନ୍ୟା '[illegible]' [illegible] ମଜଦୁର, ମ୍ୟାନେଜର ଓ ଶିଳ୍ପପତିଙ୍କ କନ୍ୟାରତ୍ନ ସହିତ ଶୁଭ ପରିଣୟ—ଚମତ୍କାର ନାଟ୍ୟକାରର କଳ୍ପନା—।" ମୁଁ ଦେଖୁଥିଲି ଶିଳ୍ପପତିର କନ୍ୟା ଭୂମିକାରେ । ପ୍ରେକ୍ଷାଳୟରୁ ବସିଥିବା ଦର୍ଶକ ଶିଳ୍ପପତିଙ୍କର ହଠାତ୍ ଆଖି ପଡ଼ିଲା ମୋର ଉପରେ—ସେ ଭାବିଲେ ନା—ନା ହୋଇପାରେ ନା ଏପରି । ଶିଳ୍ପପତିର କନ୍ୟା—ଶିଳ୍ପପତିର ବେଶ୍ୟା—ସେ ତାଙ୍କୁ ବିବାହ କରିବ ସାମାନ୍ୟ ଜଣେ ମଜଦୁରକୁ ? ସେ ସଙ୍ଗେ ସଙ୍ଗେ ବାହାରକୁ ଉଠିଗଲେ—ମ୍ୟାନେଜରଙ୍କ ସହିତ କଥାବାର୍ତ୍ତା ହେଲେ—ତାହାପୁ ନେଇଗଲେ ସେଦିନ ପାଇଁ ।"

ଭିତରେ ଚହଳ ପଡ଼ିଲା । ସମସ୍ତେ କହିଲେ ଅଭିନୟ ଭଲ ହେଲା ନାହିଁ—ତା ନହେଲେ ପ୍ରଧାନ ଅତିଥି ଉଠି ଚାଲି ଯାଇଥାନ୍ତେ ? [illegible] କହିଲେ "ଅରେ ଦୁହିଁଙ୍କ ଅଭିନୟ ଭଲ ହେଲା ? ଆମ ସମୟବେଳେ ଅଭିନୟ କରୁଥିଲୁ—ଲୋକ ଦେଖୁଥିଲେ—ଗୋଟାଏ ଗୋଟାଏ ବଜେଟା ସେ [illegible] [illegible]

ଅଠାଅଶୀ—

ତମେ ଟୋକୀଏ ! ଏକାଦମରେ କହି ପାରିବ ନାହିଁ—ତମ ଛାତି ଫାଟିଯିବ । ଆଉ ନାଚ—ସେ କେଳର ଅଣ୍ଟା ହଲା ଏବେ କାହିଁ ବା ? ଅଣ୍ଟା ଯଦି ହଲୁଥିବ—ତା'ହୋଲେ ଦୂରରୁ ମୟୂର ନାଚ ପରି ଦେଖାଯିବ—ଏବେ ତ ନୂଆ ଫେସନ—ନୂଆ ଢଙ୍ଗ, ନୂଆ କଥା—

× × ×

ତା ପର ଦିନ ସକାଳେ—ମାନେଜର ବାବୁ ମତେ ଡାକିଲେ-- କହିଲେ "ଟିକିଏ ଏଠିକା ବଜାର ଦେଖିବୁ ଏସ୍—ଚାଲ ଯିବା ।" ମନ୍ଭ ଆନନ୍ଦରେ ବାହାରି ପଡ଼ିଲି ବଜାର ଦେଖିବା ପାଇଁ—ନୂଆ ଜାଗା, ନୂଆ ଅନୁଭୂତି । ଆମ ଗାଡ଼ିଟି ଆସି ଲାଗିଲା ଗୋଟାଏ ଅଫିସ ପାଖରେ । ଦୁଆର ମୁହଁଟା ସନ୍ତସନ୍ତିଆ—ଗୁଡ଼ାଖୁ ଗନ୍ଧ—ତେଲବାତ ଗୋଦାମ ଆଗର ରାଶି ରାଶି ଅଳିଆ—ଖଗଡ଼ ଦୁଇ ଚାରିଟା—ଉହୁଁରେ ପୁଣି ଚୁବମାର୍କା ତେଲ ଇସ୍ତାହାର । ଉଲେ ବସ୍ତର ଗୋଦାମ—ନାଲି ଖାତା—ଗୁମାସ୍ତା—ମୋଟା ତକିଆ-ଏମିତ ଇଆଡୁ ସିଆଡୁ । ଭିତରକୁ ପଶିଗଲୁ ଆମେ—ଅଫିସ ପରେ ଅଫିସ—ଦୁଆର ପରେ ଦୁଆର ଏମିତ କେତେ କଅଣ । ଚାରିଆଡ଼େ ଶୁନ୍ଶାନ୍— ଚଆଡ଼େ ନିସ୍ତବ୍ଧ । ଚୁକର ହାତରେ ଖବର ଗଲା ଆମେ ଆଇଚୁ । ଭିତରରେ ଶିଳ୍ପପତି ଦୌଡ଼ି ଆସିଲେ—କହିଲେ "ହାମର କେମିତ ଭାଗ୍ୟ—ତେରେ ଅବ ଘରକୁ ଆସିଲେ ।" ଆଗେଇ ନେଲେ ଅତି ଆଦରରେ—ବେଶ୍ କଉତୁକିଆ ଚେହେରା ଭଦ୍ର ଲୋକର । ଯାହାଙ୍କୁ ଛବିରେ ପ୍ରଧାନ ଅତିଥି ହିସାବରେ ଦେଖିଥିଲି ତା ନୁହେଁ—ପୃଥୁଳ ଗୋଲାକାର ଥଲଲ ପେଟ ଉପରେ ଟକଟକ ସୁନାମାଳି—ଚନ୍ଦା ମୁଣ୍ଡ—ଗୁଳିଲେ ... ସହିତ କଥା ... ହେଉଛି—ସତେ ଯେମିତ ନିଅାଁ ... । ହସ ହସ ମନରେ

ସେଠଜୀ କହିଲେ "ଏ ଘର ତ ତୁମର ଅଛି—ଏଥିରେ ପୁଣି ଲାଜ କଅଣ ?" ଘରକୁ ଡ଼ାକିନେଲେ—ଆମେ ବସିଲୁ-ମୁଁ ଲକ୍ଷ୍ୟ କଲି କାନ୍ଥ ଚାରିଆଡ଼କୁ । ଗୋଟାଏ ଛବିରେ ଆଖି ଲାଖିଗଲା—ଛବିଟି ହେଉଛି "ମେନକା ଓ ବିଶ୍ୱାମିତ୍ରଙ୍କର । ସଦ୍ୟଜାତ କନ୍ୟାରତ୍ନ ଧରି ମେନକା ମୁନିବରଙ୍କ ପାଦତଳେ ଲୋଟୁଛନ୍ତି—ମହାମୁନି ବିଶ୍ୱାମିତ୍ରଙ୍କ ଚକ୍ଷୁରେ ଅବିଶ୍ୱାସର ଚିହ୍ନ—"ନା-ନା ଏ ସନ୍ତାନ ମୋର ନୁହେଁ—ନେଇଯାଅ ।" ଛବିକି ଅଦ୍ଭୁତ ନିରୀକ୍ଷଣ କରି ଦେଖିଲି-ଛବି ଚିତ୍ରପଟ ଜୀବନ୍ତ ହୋଇ ଉଠିଲା । ମେନକା କହୁଛନ୍ତି "କେଉଁଠିକି ନେବି—ହେ ତପସ୍ୱୀ—ସ୍ଥାନ କାହିଁ ? ଆପଣ ଯଦି ନ ରଖିବେ ତା' ହେଲେ ସମାଜ କହିବ "ଜାରଜ ସନ୍ତାନ" । ବଂଶ ପରମ୍ପରା ଜନ୍ମ ଧନ ମୋର ଅଭିଶାପ ଦେବ ମୋତେ । କ୍ଷଣିକ ଜାରଜ ପିପାସାର ସନ୍ଧାନରେ ଯେଉଁ ରତ୍ନର ଅଧିକାରୀ—ଆପଣ ତାକୁ ଫିଙ୍ଗି ଦିଅନ୍ତୁ ନାହିଁ—।" ହଠାତ୍ ଧ୍ୟାନ ମୋର ଭାଙ୍ଗିଗଲା—ମ୍ୟାନେଜର ବାବୁ କହିଲେ "କିଛି ଏଇଠି ବସିଥା—ମୁଁ ଟିକେ ହିସାବ କରି ଆସେ ।" କିଛି କହି ପାରିଲି ନାହିଁ—କଅଣ କହିବାକୁ ଭାବୁଛି—ସେତେବେଳକୁ ମ୍ୟାନେଜର ବାବୁ ଚାଲି ଯାଇଥିଲେ । କିନ୍ତୁ ସେଠଜୀ କହି ଉଠିଲେ "ଅମ ଘରେ ଡ଼ର ଲାଗୁଛି—ଏ ଘର ତ ତମର ବୋଲି ଭାବିବ ।" ଗୋଟାଏ କୋଣରେ ବସି ପଡ଼ିଲି—ତାପରେ ସେଠଜୀ ଖୋଲିଲେ ତାଙ୍କର ଲୁହା ସିନ୍ଦୁକ । ଆଖି ମୋର ଝଲସି ଗଲା । [illegible] ସୁନା ହାର—ମୋତି ହାର - ହୀରା ହାର—ଦେଖାଇଲେ [illegible] ଅଳଙ୍କାର । ଗୋଟି ଗୋଟି କରି କାଢ଼ିଲେ—ସବୁ [illegible], ତାପରେ ତାଙ୍କର ମନ ପେଡ଼ି ଫିଟେଇଲେ । କହିଲେ [illegible] ଦେଖ—ତମକୁ ଯେତେବେଳେ ଦେଖିଲି, ସେତେବେଳେ ମନ [illegible] ହେଉଛି—ଏ ସବୁ ତମର । ମ୍ୟାନେଜର ମୋର ଲୋକ—ବର୍ଷରେ ଦଶ ପାଞ୍ଚ ହଜାର ନିଏ—ତେଣୁ ତାର

କରେ—

ଆପତ୍ତି ନାହିଁ । ସେଠି କାହିଁକି ପଡ଼ିବ ? ମୋର କେହି ନାହାନ୍ତି— ଏ ସବୁ କିଏ ଭୋଗ କରିବ—ଦୁଇଟା ଗ୍ରାସ ହଇଗାରେ ପକେଇଲେ ହଇଗଣ କର । ଏବେ ଖାଲି ହନ୍ତସନ୍ତ ହଉଛି—ଆମ ପାଖରେ ଟଙ୍କ ବାଡ଼ ନାହିଁ—କଥା ପକ୍କା କର—ସଉଦା କରିଲିଅ— ।”

କଣ କରିବି—କଅଣ ବା କହିବି—ବୁଦ୍ଧି ବାଟ ଦିଶିଲା ନାହିଁ । ସେଠଜୀ ପୁଣି ଆରମ୍ଭ କଲେ--“ଅବିଶ୍ୱାସ ହଉଚ—ଯୋଉଠିକା କୋଠି କହିବ ସେଇଠିକା କୋଠେ ତମ ନାଁରେ ଲେଖିଦେବି । ଯୋଉ ବେପାର କହିବ ସେ ବେପାର ତୁମ ନଙ୍କସ୍ୱଣା ଦେବି—ହଁ ତମେ ରହିଲେ ଦେଖ— । ଆଉ ଗୋଟାଏ ଥର ଏମିତ ଗୋଟାଏ ଠେଟର ବାଳକା ସବୁ ମାଲ ନେଇ ପଳାଇଗଲା—ଧୋକାବାଜ କାମ ଆମେ ପସନ୍ଦ କରୁନା— ।” କହିଲି, “ସବୁ ଦେଖିଗଲି—ସବୁ ଜାଣିଲି ମୋର କିଛି ଆପତ୍ତି ନାହିଁ । ଏଠି ଥେଟର ସଇଲେ ମୁଁ ଗୁଲିଅସିବି—ଆପଣ ନିଶ୍ଚିନ୍ତ ଥାଆନ୍ତୁ ।” ସେଠଜୀ ଆନନ୍ଦରେ ନାଚି ଉଠିଲେ, ଗୋଟାଏ ସୁନାହାର ପିନ୍ଧାଇ ଦେଲେ ନିଜ ହାତରେ— କହିଲେ “ଆଉ ସବୁ ରହିଲା ଆସିଲେ ପିନ୍ଧିବ । ଲଡୁ, ପେଡ଼ା, ଲଡ଼ୁଗା ଏମିତ ସବୁ ପୁଟୁଳା ବାନ୍ଧିଲେ । ମାନେଜର ବାବୁ ଭାଇଙ୍କ ହିସାବ ନିକାଶ କରିଦେଲେ—ହାରଟି କିଏ ଦେଖିବ ବୋଲି ମେନେଜରଙ୍କ ହାତରେ ଦେଲି ଗାଡ଼ିରେ । ସେ କହିଲେ “ତୋ ଭାଗ୍ୟ ଖୋଲୁଛି ଲେ ହିଅ—କଲିକତାରେ ରହିବୁ—ଜାହାଜ ଚଢ଼ିବୁ ଏମିତ [illegible] କଅଣ— ।” ମୁଣ୍ଡ ଭିତରେ କଅଣ ଯେପରି [illegible] ଲାଗୁଥାଏ । କହିଲି—“ଶୀଘ୍ର ଗୁଲନ୍ତୁ, ମୋ ଦେହ ଭଲ ନାହିଁ—” ମାନେଜରବାବୁ କହିଲେ “ସବୁ ତ ତମମାନଙ୍କ ଭଲପାଇଁ [illegible] । ଚାଲ୍ ରେ ବକ୍ସାବାଲା ଜୋରରେ ।”

ତୃଷ୍ଣା ଅସୁଥିବ ଏ ସବୁ ଶୁଣି—ମୁଁ ଜାଣେ । ତଥାପି ତଳେ ଲଗୁଛି ନାହିଁ—ହୃଦ ପବିତ୍ର ନ କର—କଳଙ୍କ ଧୋଇ ପୋଛି ସଫା ନ କର—ଧୂପ ଦୀପରେ ସଜ୍ଜିତ ନକର—ବେଦୀକା ସ୍ଥାପନ ନ କରି ଦେବ ଆରାଧନା କେହି କରେନା—। ସେଇଥିପାଇଁ ମୋର ଯେତେ ଯାହା ଗ୍ଳାନି—ସବୁ ଥୋଇଲି ଆପଣଙ୍କର ପାଦତଳେ । ଏଥର ବିଚାରିବେ ମୋର ବା ମୋ ଭଳି ଅନେକଙ୍କର ଦୋଷ କେଉଁଠି ? ମା ହେବାର ପାଗଳ ମମତା—ପତ୍ନୀ ହେବାର ଅଦମ୍ୟ ମୋହ—ଗୃହିଣୀ ହେବାର ପବିତ୍ର କାମନା—ସଂସାର କରିବାର ପ୍ରବୃଦ୍ଧ କଳ୍ପନା ନେଇ ନାରୀ ଜାତିର ଜନ୍ମ । ସେଥିରୁ କେହି ବାଦ୍ ପଡ଼ି ନାହାନ୍ତି । କେବଳ ସଂସାର, ସମାଜର ଘାତ ପ୍ରତିଘାତରେ ଆମ ଜୀବନରେ ଉଠେ ଝଡ଼---ସେଇ ଝଡ଼ ବୋହି ନେଇଯାଏ କାହାକୁ କେତେ ଦୂର । ନୂତନ ପରିସ୍ଥିତି ଓ ପରିବେଶ ମଧ୍ୟରେ ନିଜକୁ ଅଗେଇ ନବାକୁ ପଡ଼େ । ସେଇଥିପାଇଁ ଅବସ୍ଥାର ବଶବର୍ତ୍ତୀ ହୋଇ ଅନେକେ ବାଛି ନିଅନ୍ତି ଯାହା ସୁଲଭ--ଯାହା ସହଜ । ଚିରସହିଷ୍ଣୁତା ନାରୀର ସହଜାତ ପ୍ରବୃତ୍ତି ନୁହେଁ---ବାଣ୍ଟିବା ତାର ଧର୍ମ ନୁହେଁ---ବରଂ ସହିବା ତାର ପ୍ରବୃତ୍ତି---।

ଜାଣେନା କେବେ ରଙ୍ଗମଞ୍ଚକୁ କଳାସାଧନା ପ୍ରବୃତ୍ତି ନେଇ ଆମ ଦେଶର ଶିକ୍ଷିତା ଝିଅ ଆସିବେ । ହେଲେ ଏବେ ଯେଉଁମାନେ ଆସିଛନ୍ତି ସେମାନେ ସମସ୍ତେ ଅବସ୍ଥାର ଦାସ । ମୋର ଅବସ୍ଥା ଗୋଟିଏ ପ୍ରକାରର । ସମସ୍ତେ ଯେ ଅଭାବ ପ୍ରପୀଡ଼ିତ, ତା ମୁଁ କହୁନି । ଅନେକେ ଏଠିକି ଆସିଛନ୍ତି-ସାମାଜିକ କଠୋରତା, ଅଭ୍ୟାଗ୍ରହ ଓ ବ୍ୟର୍ଥ ପ୍ରେମର ତାଡ଼ନାରେ । ଏଇଠିକି ଆସିବା ପରେ କେହି କାହାକୁ ଛାଡ଼ି ପାରେନା-ତେଣୁ ବାଧ୍ୟ ହୋଇ ଭଲ ମନ୍ଦ ନ ବିଚାରି ବୁଝାଏ ନ ଦେଖି, ଏଇଠି ଅନେକେ ସହକର୍ମୀ ମାନଙ୍କୁହିଁ

କଥ୍ୟାନରେ—

ବାଣ୍ଟି ନିଅନ୍ତି ଯୌନ ପିପାସାର ପରିପୂରଣ ପାଇଁ । ଏଠକାର ପୁରୁଷ ମାନେ ମଧ୍ୟ ବିଚିତ୍ର ନୀତିବର୍ଜ୍ଜିତ ପଙ୍ଗପାଳ ଦଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଭିନେତ୍ରୀଙ୍କୁ ଭଲ ପାଆନ୍ତି-ଅଥଚ ବିବାହ କରନ୍ତି ନାହିଁ । ଜନନୀ କରାନ୍ତି ଅଥଚ ପିତାର ଗୌରବ ବହନ କରନ୍ତି ନାହିଁ । ସମସ୍ତ ସୁଯୋଗ ମିଳିଲେ ଗୋଟିଏ ମଞ୍ଚରୁ ଅନ୍ୟ ମଞ୍ଚକୁ ନେଇ ପାରନ୍ତି । କେବଳ ପାରନ୍ତି ନାହିଁ, ଦୁନିଆଁକୁ ଦେଖେଇବା ପାଇଁ ନିଜର ପତ୍ନୀ ରୂପରେ ' ତା ଛଡ଼ା ଅନେକ ମୂର୍ଖ—ଗଜମୂର୍ଖ ଏହା ଛଡ଼ା ଅନ୍ୟ ସ୍ଥାନରେ ଅନୁସନ୍ଧାନ କରିବା ସେମାନଙ୍କ ପକ୍ଷେ ମଧ୍ୟ ସମ୍ଭବ ନୁହେଁ । ପ୍ରଲୋଭନରେ ପଡ଼ି ଅନେକ ଝିଅ ଏଠୁ ଚାଲି ଯାଇଛନ୍ତି, ପୁଣି ଫେରିଛନ୍ତି । ହୁଏ ତ ସେମାନଙ୍କୁ ରାସ୍ତା ଘାଟର ଇତର ଲୋକେ ଚିହ୍ନି ପାରିଛନ୍ତି- ଅଭିନେତ୍ରୀ ବୋଲି । ମୁଁ ଭାବୁଛି ଏଥି ପ୍ରତି କଅଣ କାହାର କର୍ତ୍ତବ୍ୟ ନାହିଁ ? ସମସ୍ତେ କେବଳ ମନ୍ତବ୍ୟ ପ୍ରକାଶରେ ବ୍ୟସ୍ତ ! ଏଇ ସେ ଦିନ ଜଣେ ତରୁଣୀ ନୂଆ ଆସିଲେ-ତାଙ୍କର ମାର୍ଜିତ ଭାଷା-ଅସମ୍ଭବ ରୂପ- ସେଥିରେ ସରକାରୀ କର୍ମଚାରୀ-ଟିକିଏ ଭୁଲ ହେଲା-ତା ପୁଣି ମୁଁ ଆଉ । ସେ ନିଜେ ଆତ୍ମହତ୍ୟା କଲେ କିନ୍ତୁ ମଲେ ନାହିଁ । ଦଳେ କହିଲେ କୁଳଟା, ଦଳେ କହିଲେ ସତୀ-"ରାମ୍ଭ ବ ହାରିଲେ ସେ ନିର୍ଦ୍ଦୋଷ, କିନ୍ତୁ ଆତ୍ମହତ୍ୟାର ଚେଷ୍ଟା କରି ଥିବାରୁ ତାଙ୍କର ଚାକିରୀ ଯିବ ।" ଏତିକି ବେଳେ ଆସିଲେ 'ସମାଜ ମଙ୍ଗଳ ବୋର୍ଡ' । ଝିଅଟିକୁ ଆଶ୍ରମକୁ ନେବା ପାଇଁ । ନବାଗତାଙ୍କୁ ପଚାରିଲି "ଆପଣ ସେଠିକି ନଯାଇ ଏଠିକି ଆସିଲେ ଯେ ?" ସେ କହିଲେ ଅନ୍ତତଃ ତ ମୋର ନ ଥିଲା—ଯେ ପେଟ ପାଇଁ ଯାଇ କେବଳ ଚର୍ଚ୍ଚିତ ହେବି, ତେଣୁ ଏଠିକି ଆସିଲି ଆନନ୍ଦ ପାଇବା ପାଇଁ । ଏ ହୁଏତ ଗୋଟାଏ ଦିଗ । ଛାଡ଼ନ୍ତୁ ସେ କଥା । ଆପଣଙ୍କ ଭଳି ଚିନ୍ତାଶୀଳ ଲୋକଙ୍କୁ ଏ ସବୁ ବୁଝାଇବା ମୋ ପକ୍ଷରେ ଧୃଷ୍ଟତା ମାତ୍ର ।

—ଲେଖାନ୍ତେ

ଜାଣେନା, ଏ ସବୁ ଶୁଣିଲା ପରେ ଆଉ ଆପଣଙ୍କର ମୋ ପ୍ରତି ସେଇ ମମତା ବା ଶ୍ରଦ୍ଧା ରହୁଛି କି ନାହିଁ । ତଥାପି ସେ ଦିନ ଆପଣଙ୍କର ପ୍ରସ୍ତାବକୁ ଗ୍ରହଣ କରି ନେଇ ଥିଲେ, ମୁଁ ଆପଣଙ୍କୁ ପ୍ରବଞ୍ଚନା କରି ଥାଆନ୍ତି । ମୋର ପଛର ସବୁ ଇତିହାସ ଶୁଣି ଆପଣ ମ୍ରିୟମାଣ ହୋଇ ପଡ଼ି ଥାଆନ୍ତେ । ଆଜି କିନ୍ତୁ ସେ ଦିନ ନାହିଁ । ସବୁ ବାଢ଼ି ଦେଇଛି ଆପଣଙ୍କର ପାଦ ତଳେ । ଏ ସବୁ ଜାଣିବା ପରେ ଯଦି ଆପଣଙ୍କର ମନରେ ମୋ ପ୍ରତି ତିଳେ ମାତ୍ର ମମତା ଥାଏ ତା'ହେଲେ ମୁଁ ଦିଗ ବିଦିଗ ନ ବିଚାରି ଝାସ ଦେବାକୁ ପ୍ରସ୍ତୁତ ରହିଛି । ଯେଉଁ ତ୍ୟାଗ—ଯେଉଁ ପବିତ୍ରତାର କଷଟିରେ ଆପଣ ମୋର ପରୀକ୍ଷା ନେବାକୁ ଚାହାନ୍ତି, ନେଇ ପାରନ୍ତି । ସେଥିରେ ମୋର ତିଳେ ମାତ୍ର ଆପତ୍ତି ନାହିଁ । ଅପେକ୍ଷା ମୁଁ 'କରିବି'—ସୂର୍ଯ୍ୟମୁଖୀ ପରି ଦିନ ଦିନ ମାସ ମାସ ଧରି । କାରଣ ସେଇଥିରେ ମୋର ଆନନ୍ଦ । ଯେଉଁଠିକି ଯାଉଛନ୍ତି ସେଠୁ ଫେରି ଆସେ କି ନା ଜାଣେନା—ଯଦି ଆସୁଥାଏ, ତା'ହେଲେ ମତେ ଥରେ କେବେ ଚିହ୍ନେଇ ଲେଖିବେ । ମୋ ଜୀବନ ସମ୍ପର୍କରେ ଆପଣଙ୍କର ମତାମତ କଅଣ ? ମୋର ସବୁ ଗ୍ଲାନି ପାଇଁ କଅଣ ମୁଁ ଦାୟୀ ? ଶୁଣିକି ଖୋହଲ ତାଡ଼ଖ ଦାଳ ଇଟକୁ ଯାଆ ଭବିବେ । ସେ ଦିନ ଆପଣଙ୍କୁ ନିଷ୍ଠୁର ଦୂରରୁ ଦେଖିବା ପାଇଁ ଯତ୍ନ କରିବି । ମୋର ଅନ୍ତରର ସ୍ନେହ ଗ୍ରହଣ କରିବେ । ଧନ୍ୟ ହୋଇ ଅଛୁଛି—ସତ ପ୍ରତିବ—ତା ଉପରେ ସବୁ ଜୀବନ । ମୁଁ ଗୋଟିଏ ରାତିକୁ ଜୀବନରେ ଚିରୁ ମନିଛି—ଯେଉଁ ସନ୍ଧିର ଅଳେପ ମତେ ଆନନ୍ଦ ଦେବ । ଜାଣେନା ପୁଣି କେବେ ତୁମ ସାଥେ ମୁଁ ଯାଇବି । ଅପେକ୍ଷାରେ ରହିଲି—ଏଇ ମୋର ଶେଷ ଚିଠି ।

ଆପଣଙ୍କର ଅଶାରେ—

ତା ୩୦ । ୪ । ୬୪

ସ୍ନେହ

କଲ୍ୟାଣୀୟା ମାନସୀ ମୋର,

ଦୀର୍ଘ ପାଞ୍ଚ ଛ' ମାସ ପରେ ଆଜି ତମକୁ ବହୁଦୂରରୁ ମୁଁ ଏ ଚିଠି ଲେଖୁଚି । ଏହାର ଭିତରେ ତମେ ହୁଏ ତ ନାରାଜ ହୋଇଥିବ ଏକେତ ଭାରତ ଏ ଦେଶଠୁ ବହୁ ଦୂରରେ, ଦ୍ୱିତୀୟତଃ ମୁଁ ଏଠାରେ ପହଞ୍ଚିବା ପରେ ଗୋଟିଏ ଦ୍ୱନ୍ଦ୍ୱରେ ପଡ଼ି ଯାଇଥିଲି ମୋର ଅବସ୍ଥାନ ବିଷୟ ନେଇ । ଛଅ ମାସ ପରେ ମୋର ଉପସ୍ଥିତ କର୍ମ ସ୍ଥଳରୁ ପ୍ରାୟ ଛ' କୋଶ ଦୂରରେ ଗୋଟିଏ ହଷ୍ଟେଲରେ ସ୍ଥାନ ପାଇଛି । ତେଣୁ ଚିଠି ଦେବାରେ ବିଳମ୍ବ ହୋଇଛି । ସେଥିପାଇଁ ମୁଁ ଦୁଃଖିତ । ମୁଁ ଭାରତ ଛାଡ଼ିବା ପୂର୍ବରୁ ତୁମର ସବୁ ଚିଠି ପାଇଥିଲି । ସେ ଗୁଡ଼ିକ ମଧ୍ୟ ପଢ଼ିଛି, ହେଲେ ଆଜି ପରିବର୍ତ୍ତିତ ବାତାବରଣରେ ଓ ଅବସ୍ଥାରେ ତାକୁ ଆଉ ଥରେ ଭଲ କରି ପଢି ଏଠିକାର ସାମାଜିକ ଜୀବନ ସହିତ ତୁଳନା କରୁଛି—ଅତି ଚମତ୍କାର ମୋର ଏଠାକାର ଅନୁଭୂତି । ତମ ପରି ଜଣେ ଅଭିନେତ୍ରୀ ଠାରୁ ସେ ଦିନ ସେଇ ସବୁ କାହାଣୀ ମୋ ପାଖରେ ମୂଲ୍ୟହୀନ

ହୋଇ ପଡ଼ିଥିଲି । କିନ୍ତୁ ଆଜି ପ୍ରତ୍ୟେକଟି ଚିଠି ଏବଂ ଛଅ ମାସର ଅନୁଭୂତି ସହିତ ମିଶାଇ ଦେଖିଲେ ମତେ ଅଦ୍ଭୁତ ଲାଗୁଛି । ତମ ଚିଠି ମାନଙ୍କରେ ତମେ ମତେ ବହୁତ ଭଲ ଆସନ ଦେଉଛ, ମନପ୍ରାଣ ଖୋଲି ପ୍ରାୟ ଜୀବନର ପ୍ରତ୍ୟେକ ଦୁର୍ଘଟଣା ଲେଖିଚ--ସେତେବେଳେ ଭାବୁଥିଲି ଯେ ତମ କାହାଣୀର ମୂଲ୍ୟ ମୋ ପାଖରେ ଅତି ତୁଚ୍ଛ, ଅତି ନଗଣ୍ୟ-କିନ୍ତୁ ଆଜି ଭାବୁଛି ତାର ଗୁରୁତ୍ୱ-ତେଣୁ ଏଠାକାର ଅନୁଭୂତି ସମ୍ପର୍କରେ ଟିକେ ଟିକେ ତମକୁ ଲେଖୁଚି—

ଭାରତରୁ ଆସି ପ୍ରଥମେ ମୁଁ ମୋର କର୍ମ କ୍ଷେତ୍ରରେ ପହଞ୍ଚିଲି ପରେ କେତୋଟି ଦିନ ପାଇଁ ଅତିଥି ହୋଇଥିଲି ଜଣେ ଅଧ୍ୟାପକଙ୍କର ପରିବାରରେ-ଚମତ୍କାର ଏମାନଙ୍କର ସାମାଜିକତା । ଜଣେ ଅଚିହ୍ନା ଲୋକଙ୍କୁ ନିଜ ପରିବାର ମଧ୍ୟକୁ ନେଇ ଏମାନେ ତାର ସମସ୍ତ ଦାୟିତ୍ୱ ବହନ କରି ନିଅନ୍ତି । ମୁଁ ଯେଉଁ ପରିବାର କଥା କହୁଚି, ସେଥିରେ ଗୃହକର୍ତ୍ତା ମୋର ଅଧ୍ୟାପକ-ତାଙ୍କର ସହଧର୍ମିଣୀ ମିସେସ୍ ରବର୍ଟସନ୍ ଓ କନ୍ୟା ମିସ୍ ଗ୍ରେଟା ରବର୍ଟସନ । ମିସେସ ରବର୍ଟସନ କାମ କରନ୍ତି ଗୋଟିଏ ନର୍ସରୀ ସ୍କୁଲରେ । ନର୍ସରୀ ସ୍କୁଲ୍ କହିଲେ ବୁଝାଏ ପିଲା ରୁଦ୍ଧଶାଳୀ । ଯେଉଁଠି ଅଭିଜ୍ଞ ଶିକ୍ଷୟିତ୍ରୀ ମା' ମାନେ ସବୁ ନିଅନ୍ତି କଅଁଳ ଶିଶୁମାନଙ୍କର-ଯେଉଁଠି ପ୍ରଥମ ଲାଳନପାଳନ ଓ ଶିଶୁ ମନର ଆନନ୍ଦ ଉତ୍ସାହକୁ ବିଶ୍ଳେଷଣ କରାଯାଏ । ମିସ୍ ରବର୍ଟସନ ଯାହାଙ୍କ ଘରୋଇ ନା ଗ୍ରେଟା ସେ କାମ କରନ୍ତି ଗୋଟିଏ ଅତିଥିଶାଳାରେ । ସକାଳୁ ପ୍ରାତରାଶ ଶେଷ କରି ସମସ୍ତେ ବାହାରି ପଡ଼ନ୍ତି କର୍ମକ୍ଷେତ୍ରକୁ-କେଉଁଟି ଦଶ ମାଇଲ କେଉଁଟି ପନ୍ଦର ମାଇଲ ଦୂରରେ । ତେବେ ଅଧ୍ୟାପକ ଓ ତାଙ୍କର କନ୍ୟା ପ୍ରାୟ ଗୋଟିଏ ସ୍ଥାନରେ କାର୍ଯ୍ୟ କରନ୍ତି । ସନ୍ଧ୍ୟାବେଳେ ସମସ୍ତେ ଫେରି ଆସନ୍ତି ଓ ଫେରିବା ପରେ ଘରେ ରାତ୍ରି ଭୋଜନରେ ସମସ୍ତେ ଏକଜୁଟ

ଇସ୍ତ୍ୟାକଟେର—

ଛୁଅନ୍ତି । ପ୍ରଥମ ଦିନରେ ଅଧ୍ୟାପକ ମହାଶୟ ମୋର ସ୍ଥାନାଭାବର ଅସୁବିଧା ଲକ୍ଷ୍ୟ କରି ଅଯାଚିତ ଭାବେ ମତେ ଘରେ ରହିବାର ନିମନ୍ତ୍ରଣ ବାଢି ବସିଲେ-ମୁଁ ମଧ୍ୟ ସେଥିରେ ରାଜି ହେଲି ଓ ଅତି ସାଦରେ ତାଙ୍କର ନିମନ୍ତ୍ରଣ ଗ୍ରହଣ କରିନେଲି । ରବର୍ଟସନ୍ ପରିବାରରେ ମୋର ଉପସ୍ଥିତି ବେଳକୁ ସନ୍ଧ୍ୟା ହୋଇ ଯାଇଥିଲା—ଓ ଛୋଟ ବଗିଚାର ଫାଟକ ପାଖରୁ ମତେ ସେଦିନ ପାଛୋଟି ନେଇଥିଲେ ମିସେସ ଓ ମିସ୍ ରବର୍ଟସନ୍ । ସାମାନ୍ୟ ହାର୍ଦ୍ଦିକ ସମ୍ବର୍ଦ୍ଧନା ପରେ—ମୋତେ ମୋର ରହିବା ସ୍ଥାନଟି ଦେଖାଇ ଦିଆଗଲା—ଘରଟି ଏକବାରେ ଛୋଟ ନହେଲେ ମଧ୍ୟ ବିଶେଷ ବଡ଼ ନୁହେଁ—ତାର ମଧ୍ୟରେ ମୋର ଅତିଥିଶାଳା—ଘର ଭିତରେ ସାଜସଜ୍ଜା ବିଶେଷ ନ ଥିଲା—କେବଳ ଦରକାରୀ, କେଇଟି ଜିନିଷ ଛଡ଼ା । ମୁଁ ମୋର ସୁଟ୍‌କେସଟି ଖୋଲି ପାଖ ବାଥରୁମ୍‌ଟିକୁ ସାମାନ୍ୟ ନିତ୍ୟକର୍ମ ପାଇଁ ବାହାରିଗଲି । ବାଥରୁମରୁ ଫେରି ଦେଖିଲି ମିସ ରବର୍ଟସନଙ୍କୁ—ସେ ମୋର ଜିନିଷପତ୍ର ଖୋଲି ସେତେବେଳକୁ ସଜାଇବାରେ ବ୍ୟସ୍ତ ଥିଲେ—ତାଙ୍କୁ ଏ ସବୁ କରିବା ଦେଖି ମୁଁ ଟିକିଏ ଇତସ୍ତତ ବୋଧ କଲି—କହିଲି ଆପଣ କାହିଁକି ଏ ସବୁ ?" ସେ କହିଲେ ଆପଣ "ଅତିଥି, ଏ ମୋର କାମ—ତେଣୁ କରୁଛି—ତା'ଛଡ଼ା ଏ କାମ ସ୍ତ୍ରୀଲୋକମାନଙ୍କର, ଆପଣ ସେଥିପାଇଁ ବ୍ୟସ୍ତ ହେବେନି ।" ମୋର ଜିନିଷପତ୍ର ଯଥା ସ୍ଥାନରେ ଥୋଇ ମିସ୍, ରବର୍ଟସନ ମୋ ପାଇଁ କଫି ଆଣିବାକୁ ଗଲେ ଓ ସଙ୍ଗେ ସଙ୍ଗେ କପେ ଗରମ କଫି ନେଇ ଫେରିଆସି କହିଲେ---"ଏ କଫି ଆପଣଙ୍କର ଭାରତର---ଖାଆନ୍ତୁ କପେ, ଭଲ ଲାଗିବ ।" କପ୍‌ଟି ତାଙ୍କ ହାତରୁ ନେଲି---ସେ ପୁଣି ଜିନିଷପତ୍ର ସଜାଇବାରେ ଲାଗିଗଲେ---ତାଙ୍କର ଅଲକ୍ଷ୍ୟରେ ଲକ୍ଷ୍ୟ କରୁଛି କି ଅପରୂପ ତାଙ୍କର କମନୀୟ ଦେହ---ଆଖିରେ ଗୋଟାଏ ଚପଳ ଛଟକ---ଜଣାଉ କଣଦେଶ ତଳକୁ

—ସନ୍ତାନବେ

ଅପରୂପ ଅବୟବ ଗଠନ---ସର୍ପିଲ ଗଢ଼ରେ ଗଢ଼ାଯାଇଛି ରକ୍ତାଭ ପାଦ ଦୁଇଟିକୁ---ଶ୍ରୀମତୀଙ୍କର ଆଭରଣ ଅତି ସାମାନ୍ୟ---ତା'ର ମଧ୍ୟରୁ ଫୁଟି ଉଠୁଥାଏ ତାଙ୍କର ମାଂସଳ ଦେହବଲ୍ଲିର ଶୋଭା ସୁଷମା---ନିରୀକ୍ଷଣ କରିଥାଏ କର୍ମନିବଦ୍ଧ ହାତ ଦୁଇଟିକୁ । ଗୋଲାପର ରକ୍ତିମ-ଆଭାରେ ରଞ୍ଜିତ କୋମଳ ଅଙ୍ଗୁଳି ଚାଳନାରେ ସେ ସଜାଉଥାନ୍ତି ମୋର ଯଥାସର୍ବସ୍ୱ ଯଥା ସ୍ଥାନରେ—ଅନେକ କ୍ଷଣପରେ କହିଲି—'ମିସ୍ ରବର୍ଟସନ'—ଭୁଲିପଡ଼ି ହସ ହସ ମୁହଁରେ ସେ କହିଲେ କ୍ଷମା କରିବେ କପ୍ ଟି ନେବାରେ ଡେରି ହେଲା । ମୁଁ ଅପ୍ରସ୍ତୁତ ହୋଇପଡ଼ିଲି—ସେ କହିଲେ ଆପଣ ମତେ କେବଳ 'ଗ୍ରେଟା' ବୋଲି ଡାକିବେ—ସେଇ ମୋର ଆଦରର ନାଁ – ତା'ପରେ କପ୍ ଟି ନେଇ ସେ ଚାଲିଗଲେ—କିଛି କ୍ଷଣ ବସି ଭାବିଲି—କାହିଁ ଆମ ଦେଶର ଅତିଥି ସତ୍କାର ବେଳେ ତ ଏପରି କେହି କରିବାର ମୁଁ ଦେଖିନି !

ଅଳ୍ପ ସମୟ ମଧ୍ୟରେ ଗ୍ରେଟା ପୁଣି ଥରେ ଆସିଲେ ରାତ୍ରି ଭୋଜନର ଘୋଷଣା କରିବାକୁ—ମୁଁ ଆଗେଇ ଗଲି ତାଙ୍କ ସାଥିରେ । ଖାଇବା ଘର -ଚମତ୍କାର ସାଜସଜ୍ଜା । ରାଶି ରାଶି ଖାଦ୍ୟ—ସବୁ ପ୍ରସ୍ତୁତ କରିଛନ୍ତି ମିସେସ୍ ରବର୍ଟସନ୍ ମାତ୍ର ଅଳ୍ପ ସମୟ ମଧ୍ୟରେ—ଖାଇବା ପୂର୍ବରୁ ଅଧ୍ୟାପକ ଓ ତାଙ୍କର ସହଧର୍ମିଣୀ ଦୁହେଁ ଉପସ୍ଥିତ ହୋଇ ସାରିଥିଲେ—ଇଂରାଜୀରେ ପରମ ପିତା ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ସାମାନ୍ୟ ପ୍ରାର୍ଥନା ହେଲା, ଯାର ସାରାଂଶ ହେଉଛି—

"ହେ ପରମ ପିତା, ତୁମେ ଏ ଘରର ଅଦୃଶ୍ୟ କର୍ତ୍ତା—ସମସ୍ତ ଖାଦ୍ୟପେୟ ସମୟର ଅଦୃଶ୍ୟ ଅତିଥି—ସକଳ ପାପ ପୁଣ୍ୟର

ଅଠାନବେ—

ଅଦୃଶ୍ୟ ଦର୍ଶକ—ଆଜିର ଏ ସୁଯୋଗ ପାଇଁ ଆମେ ଅନ୍ତରର କୃତଜ୍ଞତା ଜଣାଉଛୁଁ ।"

ତାପରେ ଖାଦ୍ୟ ପରଷା—ଅଧ୍ୟାପକ କହିଲେ, ଶୁଣିଲି ଆପଣମାନେ ଭାରି ଲାଜକୁଳା—ସେଇଥିପାଇଁ ଗ୍ରେଟା ଆପଣଙ୍କୁ ସାହାଯ୍ୟ କରିବ । ହସ ହସ ମୁହଁରେ ଗ୍ରେଟା ପରଷି ଗୃଲିଲେ ମୋର ପ୍ଲେଟରେ—ସେ ଦିନର ଯେତେ ଯାହା ସୁନ୍ଦର—ସ୍ୱାଦିଷ୍ଟ । ମଝିରେ ମଝିରେ ପୁଣି ଆକ୍ରମଣ "ଆଉ ଟିକେ ନିଅନ୍ତୁ—ଏଇଟା ଭାରି ଭଲ" ଏମିତି ସାରା ଭୋଜନ ଶେଷ ହେଲା । ଅଧ୍ୟାପକ ଦମ୍ପତ୍ତି ବୁଲି ବାହାରିଲେ ତାଙ୍କ ନିଜର ସେଇ ଗ୍ଲେଟ ଗାଁ ପ୍ରମୋଦ ଘରକୁ । କହିଗଲେ, ଆପଣ କ୍ଲାନ୍ତ ତେଣୁ ବିଶ୍ରାମ କରନ୍ତୁ । ମୁଁ ଶୁଭରାତ୍ରି ଜ୍ଞାପନ କରି ବିଦାୟ ନେଲି ମୋର ଶୟନ କକ୍ଷକୁ—ନୂତନ ଅନୁଭୂତି ବୋଲି କେମିତି କେମିତି ଲାଗୁଥାଏ—ପ୍ରାୟ ଅଧ ଘଣ୍ଟା ପରେ କକ୍ଷ ମଧ୍ୟକୁ ପ୍ରବେଶ କଲେ 'ଗ୍ରେଟା'—ହାତରେ ତାଙ୍କର ଗିଟାର ଯନ୍ତ୍ର—ପରିଧାନ ସୂକ୍ଷ୍ମ ନୀଳ ରଙ୍ଗର ଜାକେଟ । କହିଲେ:—ମୁଁ ଆସି ଆପଣଙ୍କର ନିଦ୍ରାରେ ବ୍ୟାଘାତ କରିନାହିଁ ତ ? କହିଲି-ନା ନା— ଏ କଣ ଭାବୁଛନ୍ତି—ଏ ତ ଆପଣଙ୍କର ଘର । ପଚାରିଲି, ଆପଣ କ'ଣ ଗିଟାର ବଜାନ୍ତି ? ଗ୍ରେଟା କହିଲେ 'ନା', ଏମିତି—ଯାହା ସ୍କୁଲରେ ପଢୁଥିଲା ବେଳେ ଶିଖିଛି—ସେତିକି । ଆପଣଙ୍କୁ ଏକା ଲାଗୁଥିବ ବୋଲି ଆଣିଛି ଶୁଣାଇବା ପାଇଁ···ଯଦି ଆପତ୍ତି ନଥାଏ । ମୁଁ ସମ୍ମତି ପ୍ରଦାନ କଲି । ଗ୍ରେଟା ପାଖରେ ଗୋଟାଏ ଚେଆର ଟାଣି ଆଣି ବସିଲେ—ତାପରେ ଆରମ୍ଭ କଲେ ଗୋଟିଏ କରୁଣ ମୂର୍ଚ୍ଛନା—କି ଚମତ୍କାର ଅଙ୍ଗୁଳି ଗୃଳନା ! କ୍ରମେ ମୂର୍ଚ୍ଛନା କରୁଣତର ହୋଇ ଉଠିଲା---ତୀବ୍ର ଓ କୋମଳ । ତା'ରି ଭିତରେ ଲକ୍ଷ୍ୟ କଲି ଜୀବନର କେଉଁ ପୁଞ୍ଜୀଭୂତ କଳ୍ପନାକୁ ସେ ରୂପ ଦେଉଛନ୍ତି ଅକୁହା ଭାଷାରେ ।

ପ୍ରାୟ ଅଧଘଣ୍ଟାକ ପରେ ସେ ଶେଷକଲେ ଓ କହିଲେ "ଏଥର ଆପଣ ବିଶ୍ରାମ କରନ୍ତୁ- -ଭଲ ଯଦି ଲାଗିଥାଏ, ପୁଣି କାଲି ।" ଗିଟାର ଥୋଇ ମୋର ଗୃହଦରଟି ମତେ ଦେଖାଇ ଦେଲେ ଅତି ଯତ୍ନରେ । ତା'ପରେ ବିଦାୟକାଳୀନ 'ଶୁଭରାତ୍ରି' ଜ୍ଞାପନ କରି ସେ ବାହାରି ଗଲେ—

ଶେଯରେ ପଡ଼ି ଭାବିଲି—ଗୋଟାଏ ମୁହୂର୍ତ୍ତର ପରିଚୟରେ ଏପରି ନିଃସଙ୍କୋଚ ବନ୍ଧୁତା ! ଅପରୂପ ଏମାନଙ୍କର ଜୀବନର କଳ୍ପନା ! ରାତି ଘନେଇ ଆସିଥିଲା—ହେଲେ, ଗିଟାରର ମଧୁ ମୂର୍ଚ୍ଛନା ଗୁଞ୍ଜରିତ ହେଉଥିଲା ମୋର ତନ୍ଦ୍ରା-ବିଜଡ଼ିତ ଅନ୍ତର ମଧ୍ୟରେ ।

× × ×

ପରଦିନ ପ୍ରତ୍ୟୁଷରେ ମୋର ନିଦ ଭାଙ୍ଗିଲା, ଗ୍ରେଟାଙ୍କର କୋମଳ ସମ୍ବୋଧନରେ—ପୁଣି କପେ ଗରମ ଚା—ରାତିର କାଲୁଆ ଶୀତ ପୁଣି ପ୍ରତ୍ୟୁଷର ଏଇ ଉଷ୍ଣତା—ଦେହ ବେଶ୍ ତାତି ଉଠିଥିଲା—ଲକ୍ଷ୍ୟ କଲି ଟେବୁଲ ଉପରେ ଚମତ୍କାର ସଦ୍ୟ ପୁଷ୍ପର ଏକ ସମ୍ମିଳିତ ଗୁଚ୍ଛ—ସଜାଇଛନ୍ତି ଗ୍ରେଟା ଅତି ଯତ୍ନରେ । ହସିହସି ସେ କହିଲେ "ଏଥର ପ୍ରସ୍ତୁତ ହୋଇ ପଡ଼ନ୍ତୁ—ପ୍ରାତଃ ଭୋଜନ ପରେପରେ ଆମେ ବାହାରିଯିବା । ସେଇଆ ହେଲା—ମଠର ବସ୍ ଯୋଗେ ଆମକୁ କର୍ମକ୍ଷେତ୍ରକୁ ଯିବାକୁ ହେବ—ଦୁହେଁ ବାହାରିଲୁ । ପାଖାପାଖି ହୋଇ ବସ୍ ମଧ୍ୟରେ ଦୁହେଁ ସ୍ଥାନ ଗ୍ରହଣ କଲୁ । ମତେ ଲକ୍ଷ୍ୟ କରି ଅନେକ ଯୁବତୀ ଗ୍ରେଟାଙ୍କୁ ପଚାରି ଉଠିଲେ—ମିସ୍ ଗ୍ରେଟା । ଏ ଆପଣଙ୍କର ବନ୍ଧୁ ବୋଧହୁଏ ? କେଉଁ ଦେଶର ? ଗ୍ରେଟା କହୁ ଚାଲିଥାନ୍ତି ଭାରତୀୟ—ଆମ ଘରେ ଅତିଥି—ସମାଜମଙ୍ଗଳ ବିଷୟକ ଉଚ୍ଚ ଶିକ୍ଷା ପାଇଁ ଆସିଛନ୍ତି—ବସ୍‌ରୁ ଓହ୍ଲାଇବା ବେଳେ ସଭିଏଁ ପ୍ରାୟ ବନ୍ଧୁ ଭଳି ସମ୍ବୋଧନ କରି ସାରିଥିଲେ—[illegible]

କହିଲେ—ଆଜି ତାଙ୍କୁ କ୍ଳବକୁ ଆଣିବ ନିଶ୍ଚୟ । ଭାବୁଥାଏଁ ଏତେ ଅଳ୍ପ ସମୟ ମଧ୍ୟରେ ଏତେ ଆପଣାର କରିପାରନ୍ତି ଏମାନେ—ରଙ୍ଗିନ୍ ପ୍ରଜାପତି ପରି କେଡ଼େ ସରଳ କୋମଳ ଏମାନେ—ଭୟ ନାହିଁ—ଭ୍ରାନ୍ତି ନାହିଁ—ବିଚାରରେ ତାରତମ୍ୟ ନାହିଁ—ଜୀବନ ଏମାନଙ୍କ ପାଖରେ ସରସ-ସୁନ୍ଦର-ମଧୁମୟ ।

× × × × ଏହାର ଭିତରେ ପ୍ରାୟ ପନ୍ଦର ଦିନ ବିତି ଯାଇଛି । ନୂତନ ପରିବେଶକୁ ମୁଁ ବେଶ୍ ଆପେଇ ଯାଇଛି । ସେ ଦିନ ଠାରୁ ତିନି ଦିନ ପାଇଁ କଲେଜ ବନ୍ଦ—ତେଣୁ ଗ୍ରେଟା ପ୍ରସ୍ତାବ କଲେ ଯେ ଆମେ ଅବସର ବିନୋଦନ ପାଇଁ ବୁଲି ଯିବୁ ଅଦୂର ଏକ ଲେକ କ୍ଳବକୁ । ଭାବୁଥାଏ, ଏଇ ତରୁଣ ତରୁଣୀ ମେଳରେ ମୁଁ ଏକମାତ୍ର ଭାରତୀୟ—ରୀତି ନୀତି ଆଚାର ବ୍ୟବହାର—ସବୁଥିରେ ଅନଭିଜ୍ଞ । ମୋତେ ନେଇ ଗ୍ରେଟା ଯିବେ ଗୋଟାଏ ନୂତନ ପରିବେଶ ମଧ୍ୟକୁ ! ମୁଁ ଦ୍ୱିରୁକ୍ତି କଲେ ବି ସେ ଓ ତାଙ୍କର ସଙ୍ଗୀମାନେ ବାଧ କଲେ । ସେତେବେଳକୁ ମୁଁ ଗ୍ରେଟାଙ୍କର ଅନେକ ବନ୍ଧୁଙ୍କ ସହିତ ପ୍ରାୟ ପରିଚିତ । ଆମେ ସମସ୍ତେ ଗଲୁ ଲେକ—କି ଅପୂର୍ବ ଆନନ୍ଦ ସେମାନଙ୍କର—ଯେପରି ଆନନ୍ଦରେ ସେମାନଙ୍କର ଜନ୍ମ । ଲକ୍ଷ୍ୟ ସ୍ଥଳରେ ପହଞ୍ଚିଲା ବେଳକୁ ପ୍ରାୟ ଦିନାର୍ଦ୍ଧ ହୋଇ ଯାଇଥାଏ । ମଧ୍ୟାହ୍ନ ଭୋଜନ ଶେଷ ପରେ ଯୁବକ ଯୁବତୀ ଦଳ ବାହାରି ପଡ଼ିଲେ ହ୍ରଦ ଭ୍ରମଣରେ-ଖଣ୍ଡିଏ ଖଣ୍ଡିଏ ବୋଟ ମଟର ଲଞ୍ଚ ନେଇ । ମୁଁ ଅନିଚ୍ଛା ପ୍ରକାଶ କରି କୂଳରେ ଗୋଟିଏ ଶ୍ୟାମଳ ଦୁର୍ବାଦଳ ଶଯ୍ୟାରେ ବସି ରହିଲି । ତା ପରେ ଆରମ୍ଭ ହେଲା ଯୁବକ ଯୁବତୀ ମାନଙ୍କର ଦ୍ରୁତ ପ୍ରତିଯୋଗିତା । ଅଳ୍ପ ସମୟ ମଧ୍ୟରେ ସମସ୍ତେ ଦୃଷ୍ଟ୍ୟାନ୍ତ ହୋଇ ଗଲେ—ବହୁ ଦୂରକୁ । ମୁଁ ବସି ପଢୁଥାଏ ପାର୍ଲବକ୍ଙ୍କର ଗୋଟିଏ ନୂତନ ଲେଖା "Come my beloved"

—ଶହେଏକ

—ଚମତ୍କାର ରଚନା ! ଭାରତୀୟ ପରିବେଶ ମଧ୍ୟରେ ଜଣେ ଆମେରିକାନ୍ ଯୁବତୀଙ୍କର ଭାରତୀୟ ଡାକ୍ତରଙ୍କ ସହିତ ପ୍ରଣୟ ନିବେଦନର କାହାଣୀ । ମନେ ମନେ ମିଳାଉ ଥାଏ ସେ ବର୍ଣ୍ଣନା ଓ ଏ ବାସ୍ତବତା । ଜାଣେ ନା କେତେବେଳେ ଗ୍ରେଟା ଫେରି ଆସି-ପାଖରେ ବସି ପଢ଼ିଲେଣି— ମୋ ଅଲକ୍ଷରେ । କହିଲି "ଆପଣ ଫେରି ଆସିଲେ ଯେ ?" କହିଲେ, ଏକା ଭଲ ଲାଗିଲା ନାହିଁ—ଆପଣ ଯାଇଥିଲେ ଅବା···ଚମକି ପଡ଼ିଲି—ତା ହେଲେ କଅଣ ଗ୍ରେଟା ମତେ··· । ନା, ନା, ହୋଇ ପାରେନା-ଏ ହୁଏତ ମୋର ଭାରତୀୟ ଚିନ୍ତାଧାରାର ଏକ କଳ୍ପନା- । ହସି ହସି ଗ୍ରେଟା କହିଲେ "ମୋର ବାନ୍ଧବୀମାନେ ପ୍ରଚ୍ଛନ୍ନ ଇଂଗିତରେ ମତେ କହିଲେ—ଆପଣ ଓ ମୋ ଭିତରେ କ'ଣ ହୋଇଚି ବୋଲି । ତେଣୁ ଭାବିଲି ମୁଁ ଆପଣଙ୍କ ପାଖେ ପାଖେ ରହିବି । ଅଚ୍ଛା କହନ୍ତୁ ତ କଅଣ ହୋଇଚି—? ଆପଣଙ୍କର କଅଣ ଦେଶର କାହା କଥା ମନେ ପଡ଼ୁଚି" ? 'କହିଲି—ନା, ନା, ଭୁଲ ବୁଝିବେନି—ମୋର ତ ଦେଶରେ କେହି ନାହାନ୍ତି" । ସେତିକି ବେଳେ ମନେ ପଡ଼ିଲା ମୋର-ମୁଁ ଭୁଲ କହୁଚି, ମୋର ଜଣେ ନିଶ୍ଚେ କିଏ ଅଛି—କିନ୍ତୁ ଜାଣେନା ସେ କିଏ ? ପାଇଲେ ମତେ କହିବ ସ୍ନେହ—ସେ ମୋର କିଏ ?

ଗ୍ରେଟା ସେତେବେଳକୁ ମୋ ହାତରୁ ବହିଟା ନେଇ ଯାଇଥିଲେ-ବହି ପୃଷ୍ଠା ଓଲଟାଇ କହିଲେ--ମ୍ୟାକ୍ ମୁଁ ପଢିଛି,ଚମତ୍କାର ଗଳ୍ପ । ଅଚ୍ଛା କହନ୍ତୁ ତ ରଞ୍ଜନ, ବିବାହ ଓ ଜୀବନ ସମ୍ପର୍କରେ ଆପଣଙ୍କ ଦେଶରେ ଏମିତି ଖିଆଲ କାହିଁକି ? ଜଣେ ଭାରତୀୟ ଡାକ୍ତର ଯେମିତି ଭାବେ ଏ ବହିରେ ପ୍ରଣୟ ପ୍ରତ୍ୟାଖ୍ୟାନ କରିଛନ୍ତି ତାହା ସମ୍ପୂର୍ଣ୍ଣ ବର୍ବରତା । ଏ ବିଷୟରେ ଆପଣମାନଙ୍କର ସ୍ୱାତନ୍ତ୍ର୍ୟ

# ଶହେ ଦୁଇ

ବିଷୟଟି ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ମୁଁ କହିଲି, କଥାଟା ଠିକ ତା ନୁହେଁ, ବରଂ ଆମେ ଜୀବନ ଆଗରେ ଜୀବନର କୃତଜ୍ଞତାକୁ ଅଧିକ ଓଜନ ଦେଉ; ସେଇଥି ପାଇଁ ଆମ ପକ୍ଷରେ ସେତକ ସମ୍ଭବ ହୋଇ ପାରେନା । ଆଚ୍ଛା ଆପଣ ଯଦି କିଛି ମନେ ନ କରିବେ ଗୋଟାଏ ପ୍ରଶ୍ନ କରିବି—ଆପଣ କାହିଁକି ବିବାହ କରି ନାହାନ୍ତି ?

ହସି ହସି ଗ୍ରେଟା କହିଲେ, "ବିବାହ ନା ? ମୁଁ ଚେଷ୍ଟା ଯେ ନ କରିଛି ତା ନୁହେଁ, କିନ୍ତୁ ସମ୍ଭବ ହୋଇନି ।" ମୁଁ କହିଲି "ଆପଣଙ୍କ ପରି ତନ୍ୱୀ ସୁନ୍ଦରୀ ପକ୍ଷରେ ସମ୍ଭବ ହୋଇନି—ଏ ତ ମୁଁ ବିଶ୍ୱାସରେ ଆଣି ପାରୁନି ।" ଗ୍ରେଟା କହିଲେ, "ପରିହାସ କରୁ ନାହାନ୍ତି ତ ? ଯଦି ନ କରୁଥାନ୍ତି ମୁଁ କହୁଚି ଏଥର ମୋ କଥା । ମୁଁ ଅବଶ୍ୟ ଜଣଙ୍କୁ ମୋ ପାଠ ପଢ଼ା ଜୀବନରେ ଭଲ ପାଉଥିଲି । ସେ ପ୍ରତ୍ୟୁତ୍ତର ଦେଇଥିଲେ—ତାଙ୍କର ଅଦମ୍ୟ ସ୍ନେହରେ ଆମର ଘନିଷ୍ଠତା ଗଢ଼ି ଉଠିଥିଲା ଅନେକ ଦୂର । ଖୋଲା କଥାରେ କହିଲେ ଆମେ ପ୍ରାୟ ଏକ ହୋଇ ଯାଇଥିଲୁ ରକ୍ତ ସମ୍ପର୍କରେ-ମୁଁ ଉଚାଟ ହୋଇ ଉଠିଥିଲି, କିନ୍ତୁ ସେ ଅପେକ୍ଷା କରିବାକୁ କହିଲେ ସ୍ୱାବଲମ୍ବୀ ହେବା ପର୍ଯ୍ୟନ୍ତ, ତହୁଁ ଦୁହେଁ କଲେଜ ଛାଡ଼ିଲୁ । ସଂସ୍ଥାନ ହୋଇ ଗଲି ମଧ୍ୟ, କିନ୍ତୁ ଦୀର୍ଘ ତିନିବର୍ଷ ପରେ ସେ ମତ ପରିବର୍ତ୍ତନ କଲେ-ଅନ୍ୟଜଣେ ସହପାଠିନୀ ପ୍ରତି ଆକୃଷ୍ଟ ହୋଇ ! ଶ୍ରୀଯୁକ୍ତ "ବେକର" ଜଣେ ଭଲ ଟେନିଆଡ଼, ତେଣୁ ମୋର କଳା ପ୍ରତି ତାଙ୍କର ଆଗ୍ରହ ନ ଥିଲା—ସେ ଭଲ ପାଇଲେ ଯାହାଙ୍କୁ ସେ ମଧ୍ୟ ତାଙ୍କ ପରି କ୍ରୀଡ଼ାକୌଶଳ ନିପୁଣା । ମୁଁ ଦୂରେଇ ଗଲି । ତାଙ୍କର ଉପହାର ମୁଦିଟି ଫେରାଇ ଦେଲି—ଭାବିଲି ମୋ କଳା ପ୍ରତି ତାଙ୍କର ଆଗ୍ରହ ନାହିଁ ? ତେଣୁ କାହିଁକି ଏ ବନ୍ଧନ ରହିବ ? ତା'ପରେ ଅବଶ୍ୟ

ଅନେକ ଆବେଦନ ଆସିଛି ମୁଁ ଗ୍ରହଣ କରିନାହିଁ !" ସରଳ ଭାଷାରେ ଏତକ କହି ଗ୍ରେଟା ସିଗାରେଟ୍ ଧରିଲେ । ସବୁ ଶୁଣି ଭାବିଲି, ବେଶ୍, ଏତକ ବ୍ୟବଧାନରେ ଏତେ ଦିନର ସମ୍ପର୍କ ତୁଟି ପାରିଲା ? ତା ପୁଣି ଏତେ ନିରଳସ ଭାବରେ ! ଅପୂର୍ବ ଚିନ୍ତାଧାରା ଏମାନଙ୍କର-- ଦୂରେଇ ଯାଇଁ ବେଶ୍ ରହିପାରନ୍ତି ଏମାନେ, ଅଥଚ କେହି କଳୁଷିତ ନୁହନ୍ତି । ମନ ନେଇ ସଉଦା ଏମାନଙ୍କର—ଦେହ ନେଇ ନୁହେଁ । ଭୋଗଲାଲସା ଅତି ତୁଚ୍ଛ ଏମାନଙ୍କ ଠାରେ ।

× × × ×

ସନ୍ଧ୍ୟା ଘନେଇ ଆସିଲା—ସମସ୍ତେ ହୋଟେଲ ପ୍ରକୋଷ୍ଠକୁ ଫେରି ଗଲେ । ରାତସାରା ନାଚ ଗୀତ ଓ ମଦିରାର ହିଲ୍ଲୋଳରେ ହୋଟେଲଟି ଜୀବନ୍ତ ହୋଇ ଉଠିଲା । ରାତି ଅଧ ବେଳକୁ ନୃତ୍ୟ ପ୍ରକୋଷ୍ଠର ଆଲୋକ ମ୍ଳାନ । ମତେ ଧରି ନେଇଗଲେ ଗ୍ରେଟା—ସେ ଆଲିଙ୍ଗନରେ ଥିଲା ଜୀଅନ୍ତା ମାଂସ ପ୍ରତି ଗରମ ମାଂସର ମମତା । ବାହୁ ବେଷ୍ଟନର ନିବିଡ଼ ଆଲିଙ୍ଗନ ମଧ୍ୟରେ ମାଂସଳବକ୍ଷ ତାଙ୍କର ପାନ କରୁଥିଲା ମୋର ଉଷ୍ଣ ରକ୍ତର ସ୍ପର୍ଶ । ତା'ପରେ ରାତି ନିସ୍ତବ୍ଧ, ଅବଶ, ନିଥର, ଜଡ଼ । ଦୁଇଟି ଦିନ କଟାଇ ଆମେ ପୁଣି ଫେରି ଆସିଲୁ ନିତି ଦିନିଆ ଜୀବନକୁ---ମଧ୍ୟରାତିର ଦୁଃସ୍ୱପ୍ନ ପରି ସବୁ ଅନୁଭୂତିକୁ ମନରୁ ପୋଛିଦେଇ— ।

× × × ×

ଅଧ୍ୟାପକଙ୍କ ଘରେ ପ୍ରାୟ ଦୁଇ ମାସ ଅତିକ୍ରାନ୍ତ କଲା ପରେ ମୋତେ ଗୋଟିଏ ହୋଟେଲରେ ସ୍ଥାନ ମିଳିଲା—ମୁଁ ଅଧ୍ୟାପକଙ୍କୁ ଜଣାଇ ବିଦାୟ ନେଲି । ବିଦାୟ କାଳୀନ ସମ୍ଭାଷଣରେ ଗ୍ରେଟା

**ଶହେ ଗ୍ୱର—**

କହୁଲେ "ରଂଜନ ପାଣ୍ଡେ ଥରେ ଥରେ ଆମ ଆଡ଼େ ଆସିବ ମତେ ଖବର ଦେଲେ ମୁଁ ତମକୁ ନେଇ ଆସିବ। ଆଉ ଯାହା ହେଲେ ବି ଭାରତକୁ ଗଲାବେଳେ ମତେ ନିଶ୍ଚୟ ଖବର ଦେବ। ମୁଁ ଅପେକ୍ଷା କରିବ ନିଶ୍ଚୟ।"

ଏଥର ଲେଖୁଚି ସ୍ନେହ, ଆଉ ଗୋଟିଏ ସାମାନ୍ୟ ଘଟଣା— ହୋଟେଲରେ ମୋ ପାଖ ରୁମ୍‌ରେ ରହୁଥିଲେ ମୋର ଜଣେ ପାଶ୍ଚାତ୍ୟ ବନ୍ଧୁ—ସେ ଜାତୁ ଇଂରାଜ। ପରିଚୟର ଛୋଟ ଦିନ ମଧ୍ୟରେ ଘନିଷ୍ଠତା ହୋଇଗଲା ଅତି ମାତ୍ରାରେ। ଆମେ ପ୍ରାୟ ସାଙ୍ଗ ସାଥି ପରି ଚଳୁ। ସେ ଧନୀକର ସନ୍ତାନ, ତେଣୁ ମୋର ଆର୍ଥିକ ସ୍ୱଚ୍ଛଳତା ନଥିଲେ ମଧ୍ୟ ସେ ସବୁ କଥା ଚଳାଇ ନିଅନ୍ତି। ସ୍ୱଭାବତଃ ବନ୍ଧୁଟି ଆମୋଦ ପ୍ରିୟ। ତେଣୁ ପ୍ରାୟ ପ୍ରତି ରାତ୍ରରେ ସେ ଯାʼନ୍ତି "ନାଇଟ୍ କଲ୍‌ବ" ବା ରାତ୍ରି ପ୍ରମୋଦ ଭବନକୁ। ଏଇ ରାତ୍ରି ପ୍ରମୋଦ ଭବନର କଥା ପଦେ ଲେଖୁଚି—ଏ ସ୍ଥାନର ସବୁ ଅତିଥିଙ୍କର ରାତ୍ରି ଭୋଜନ ଶେଷ ହୁଏ ଏଇଠି, ପ୍ରଚୁର ମଦ୍ୟ ମାଂସରେ – ତାʼର ସଙ୍ଗେ ସଙ୍ଗେ ବାଜୁଥାଏ ମନମତାଣିଆ ଐକତାନିକ ବାଦନ। ନିଶାଇଁରେ ମଦାଚାର ପ୍ରକୋପ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଦେହମନ ଖୋଜେଁ କୁସୁମ ପରଶ। ସେଥିପାଇଁ ଗୋଟିଏ ପ୍ରକାର ନାଚର ସୃଷ୍ଟି—ଅତି ଉଲଗ୍ନ, ଅତି କାମୁକ ସେ ନୃତ୍ୟ। ଅଭିନବ ଅଙ୍ଗ ଚାଳନାରେ ବାହାରି ଆସନ୍ତି ନାଗ- କନ୍ୟା ମାନେ ଉଲ୍‌ଫାର ଗହ୍ୱରରେ। ମୁହୂର୍ତ୍ତି ମଧ୍ୟରେ ସେମାନେ ଗ୍ରାସ କରିଯାନ୍ତି ପ୍ରମୋଦ କକ୍ଷର ବକ୍ଷାକ୍ତ ନାଗମାନଙ୍କୁ। ତାʼପରେ ବାହୁ ବନ୍ଧନରେ ପେଶି ସେମାନେ ଦଂଶନ କରନ୍ତି ସପ୍ତଫଣା ଟେକି। ବାଦ୍ୟର ବୋଲ କ୍ଷିପ୍ର ହୋଇ ଉଠେ—କ୍ରମେ ଘନ ଆଲୋକ ଘନ ଅନ୍ଧାରରେ ପରିଣତ ହୁଏ। ନାଗକନ୍ୟା ଶିକାର ନେଇ

—ଶତେହପାଞ୍ଚ

ଫେରଯାନ୍ତି ଗୋଟିଏ ଗୋଟିଏ ଗର୍ତ୍ତକୁ । ଶେଷ ରାତିର ଛାଲୁଆ ଶୀତରେ ଉପଭୋଗ କରଯାନ୍ତି ସେମାନେ ପୁରୁଷାଙ୍ଗର ଉଷ୍ଣତା— ତାପରେ ନିଶାବସାନ । ଏଇ ହେଉଛି ସମ୍ଭୋଗର ଏକ ଅଭିନବ କଳ୍ପନା—ଏଠି ମନର ଉଷ୍ଣତା ମରେନା—ମରେ କେବଳ ଶରୀରର କ୍ଷୁଧା ।

× × × × ଦିନେ ଦୁଇ ଦିନ ନୁହେଁ ମତେ ବନ୍ଧୁଟି ନେଇଛନ୍ତି ସେହି ସର୍ପ ବିଲକୁ ବହୁବାର, ମୋର ଶତ ଅନିଚ୍ଛା ସତ୍ତ୍ୱେ । ମୁଁ କେବଳ ଲକ୍ଷ୍ୟ କରିଛି ଦୂରରୁ—ଅନ୍ଧାର ଭିତରେ ହଜାଇ ଦେଇନି । ତମେ ହୁଏତ ବିଶ୍ୱାସ କରିବନି । ଜାଣେନା ସେତେବେଳେ ମନରେ ମୋର କାହାର ସ୍ମୃତି ମତେ ଚେତାଇ ଦେଉଛି "ମୁଁ ପରା ଅପେକ୍ଷା କରିଛି, ତମେ ଫେରିଆସିବନି ?" ଦିନକର କଥା କହୁଛି—ସେଦିନ ଅତି ସନ୍ଧ୍ୟାରୁ ବନ୍ଧୁ ମତେ ଧରି ନେଇଥିଲେ । ତାଙ୍କର ଏକ ବିରାଟ ଯୋଭ ଯେ ମୁଁ କାହିଁକି ଦଂଶନର ଜ୍ୱାଳା ଅନୁଭବ କରେନି—ତାହା ହେଲେ ମୁଁ କଅଣ ସ୍ପର୍ଶହୀନ । ବନ୍ଧୁଟି ମତେ କହିଥିଲେ ଆଜ ନୁହେଁ—ମତେ ମୋର ଭାରତୀୟ ସହଜାତ ପ୍ରକୃତିକୁ ଭୁଲିବାକୁ ହେବ । ମତେ ଅନୁଭବ କରିବାକୁ ହେବ ମୋର ନୂତନ ପରିବେଶର—ପୂର୍ବ ନିର୍ଦ୍ଧାରିତ ମତେ । ମୁଁ ପହଞ୍ଚିବା ମାତ୍ରେ ଜଣେ ନାଗକନ୍ୟା ପ୍ରସ୍ତୁତ ଥିଲେ–ସାଦର ସମ୍ଭାଷଣରେ ସେ ମତେ ନେଇଗଲେ ତାଙ୍କର ଗହ୍ୱରକୁ । ନିମନ୍ତ୍ରଣ ରକ୍ଷା ନ କରିବା, ଆବେଗ ନ ବୁଝିବା ଏଠାକାର ସର୍ବ ବୃହତ୍ ଅଭଦ୍ରତା, ତେଣୁ ବାଧ୍ୟ ହୋଇ ମୁଁ ଗଲି—ନାଗକନ୍ୟାର ସପ୍ତସ୍ୱରୀ ନାଦରେ ମୁମୂର୍ଷୁ ହୋଇ । ଉପରର ଏକ ନିଭୃତ ପ୍ରକୋଷ୍ଠରେ ମତେ ଅର୍ଚ୍ଚନା କଲେ ନାଗକନ୍ୟା । ସେତେବେଳେ ସେ ସମ୍ପୂର୍ଣ୍ଣ- ପ୍ରକୃତିସ୍ଥା । କହିଲେ, ଆପଣ ଭାରତରୁ ଆସିଛନ୍ତି—ବେଶ୍ ଚମତ୍କାର

ଶହେ ଛଅ—

ଆପଣଙ୍କର ଲୋକମାନେ—ଖୁବ୍-ଭଦ୍ର । ମୁଁ ଜଣେ ଦୁଇଜଣଙ୍କ ଭେଟିଲି ସେମାନେ ତ ଅତି ମାତ୍ରାରେ କ୍ଷିପ୍ର କିନ୍ତୁ ଆପଣ ଏଠାକୁ ବହୁବାର ଆସିଲେ ମଧ୍ୟ ଏପରି ନିଷ୍ଠଳ ରହନ୍ତି କିପରି ?

ମୁଁ କହିଲି "କିଛି ଯଦି ମନେ ନ କରିବେ ତାହାହେଲେ ଗୋଟିଏ ପ୍ରଶ୍ନ କରିବି, ଆପଣ କଅଣ ଏ ପେଶାକୁ ଭଲ ପାଆନ୍ତି ? ଏଥିରୁ ଆନନ୍ଦ ପା'ନ୍ତି ? ଜୀବନ ଧାରଣର ମାନଦଣ୍ଡ ଯେଉଁ ଦେଶର ଏତେ ଉଚ୍ଚରେ, ସେଠି ଆପଣ ଏ ବୃତ୍ତିରେ କାହିଁକି ?" ଜାଣେନା କଥାଗୁଡ଼ାକ ମୋର କେଉଁ ତନ୍ତ୍ରୀରେ ଆଘାତ କଲା ସେଦିନ, ହଠାତ୍ ମରିଆ ହୋଇପଡ଼ି ସେ କହିଲେ "ବନ୍ଧୁ ଭାବରେ ଯେଉଁ ପ୍ରଶ୍ନ ଆପଣ କଲେ ତାର ଉତ୍ତର ମୁଁ ଦେଉଛି । କେବଳ ବଞ୍ଚି ରହିବାପାଇଁ କଅଣ ଖାଦ୍ୟ ଦରକାର ବୋଲି ଆପଣମାନେ ଭାବନ୍ତି ? ଆମ ଦେଶରେ କିନ୍ତୁ ତାର ଗୁରୁତ୍ୱ ନାହିଁ । ବଞ୍ଚି ରହିବା ପାଇଁ ଏଠି କାହାରି ସାହାଯ୍ୟ ଦରକାର ହୁଏନା, ଗୋଟାଏ ସୁସ୍ଥିର ସମୃଦ୍ଧ ଅର୍ଥନୀତିରେ । ସେ ଅଭାବ ଆପଣ ଦେଖିବେନି କେଉଁଠି ହେଲେ । ଆପଣ ଯଦି ମତେ ଆଜି ଏଠି ଦେଖୁଛନ୍ତି ତା କେବଳ ଅନ୍ୟ ଏକ କ୍ଷୁଧାର ସନ୍ଧାନରେ—ଯାହାକୁ ମୁଁ ଖୋଜିଥିଲି ଗିର୍ଜାର ପବିତ୍ର ପୁତ ଜଳ ମଧ୍ୟରେ, ଯାହା ମୁଁ ଖୋଜିଥିଲି ଏକ ଭଦ୍ର-ସମାଜ ପରି-ବେଷ୍ଟନୀରେ, ମୋ ଜୀବନରେ ତା' ସମ୍ଭବ ହେଲା ନାହିଁ । ଯା'ଙ୍କୁ ମୁଁ ବରଣ କରିଥିଲି ଜୀବନ ସାଥିରୂପେ, ସେ ମୋଠାରୁ ଦୂରେଇ ଗଲେ । ପ୍ରାୟ ସହ-ସାନ୍ନିଧ୍ୟର ଆଠବର୍ଷ ପରେ ଜଣେ ଚିତ୍ର ନାୟିକା ସାଥିରେ । ସେ ଭଲ ପାଉଥିଲେ ନୃତ୍ୟକୁ—ମୁଁ ସେ ସୁଯୋଗ ଦେଇ ପାରିଲି ନାହିଁ । କ୍ରମେ ତିକ୍ତତା ବଢ଼ିଲା, ସେ ଦୂରେଇ ଗଲେ ମୋ ଠାରୁ । ମୁଁ ବାଧ୍ୟ ହୋଇ ଫେରିଲି । ତାପରେ ମୋ ମନରେ ପ୍ରତିହିଂସା ବହ୍ନି ଜଳିଲା ଏ ନାରୀ ଜାତିଟା ପ୍ରତି । ମୁଁ ଭାବିଲି—ମୁଁ ମଧ୍ୟ ମୋର ପଣ୍ଡା

ବିସ୍ତାର କରିବ, ଜାଳି ପୋଡ଼ି ଦେବ ସୁନ୍ଦର ସୃଷ୍ଟିକୁ । କିନ୍ତୁ ଜାଳି ପାରିଲି ନାହିଁ । ଆଜି ହୁଏତ ନୃତ୍ୟ ତାରକା ହିସାବରେ ମୋର ଖ୍ୟାତି ଦୂର ଦୂରାନ୍ତରେ-ଠିକ୍ ମୋ ସ୍ୱାମୀଙ୍କର ଦ୍ୱିତୀୟ ପତ୍ନୀ ଚିତ୍ର-ନାୟିକାଙ୍କ ଠାରୁ ମଧ୍ୟ ବେଶି । କ୍ରମେ ମନର କ୍ରୋଧ ମତେ ନିଜେ ଜାଳି ପୋଡ଼ିଦେଲା । ସେହି ଦିନଠୁ ମୁଁ ବେଶ୍ ଅଛି । ଅନେକ ଆବେଦନ ପାଉଛି-ପାଉଛି ମଧ୍ୟ ଦେଶ-ଦେଶାନ୍ତରୁ । ଅତିଶୀଘ୍ର ମୁଁ ଇଟାଲି ଯିବି--ଜଣେ ଧନପତି ଯୁବକ ମତେ ଆହ୍ୱାନ ଦେଇଛନ୍ତି । ତେବେ ଭାବି ପାରୁନି ଏ ପରିବେଶ ପରେ ନୂତନ ବାତାବରଣରେ ମୁଁ ନିଜକୁ ମିଳାଇ ପାରିବି କି ନା—" କଥାର ସୂଅ ଭିତରେ ମତେ ସେ ବଢ଼ାଇ ଦେଲେ ଗୋଟାଏ ଗ୍ଲାସଭର୍ତ୍ତି ରଙ୍ଗୀନ୍ ସୁରା । କହିଲେ, ଛାଡ଼ନ୍ତୁ ସେ କଥା । ଆଜି ଏଇ ରାତି, ଏଇରାତି ହେଉ ଆମ ସମ୍ଭୋଗ ବିଳାସର ରାତି—ମଦିରାର ମଦମତ୍ତ ନିଶାରେ ଆମେ ଭୁଲିଯିବା ଅତୀତ—ଯାହା ବର୍ତ୍ତମାନ, ତାହା କାଲିକି ହେବ ଅତୀତ । ସୁଦୂର ବନ୍ଧୁ ତୁମେ—ତୁମେ ବି ଦିନେ ହେବ ଅତୀତର ଏକ ସାମାନ୍ୟ ଦୁର୍ଘଟଣା ।" ହାତରୁ ତାଙ୍କର ଗିଲାସଟି ଗ୍ରହଣ କଲି-ଉଲଟ ବାଷ୍ପରେ ଆଖି ମୋର ଭାରାକ୍ରାନ୍ତ ହୋଇ ଉଠିଥିଲା । ସେତେବେଳକୁ ବାହାରର ଆଲୋକ ମ୍ଳାନ ହୋଇ ଆସିଥିଲା । ସମବେତ ବାଦ୍ୟଧ୍ୱନି କ୍ଷିପ୍ର ହୋଇ ଉଠିଥିଲା । ମଦିରାସିକ୍ତ ଉନ୍ମତ୍ତ ଯୌବନର ଉଚ୍ଛୃଙ୍ଖଳ ବାହୁବେଷ୍ଟନି ମଧ୍ୟରେ ନାଗକନ୍ୟାଙ୍କର ବିଶାଳ ଫଣା ଦୁଇଟି ଆକ୍ରମିତ କରିଥିଲା ମୋର କ୍ଷୀଣ ଅବଶ ଶରୀରକୁ । ମନେହେଲା—କିଏ ଯେମିତି କହୁଛି "ତମେ ଫେରିଆସ-ମୁଁ ଅପେକ୍ଷା କରିଛି ନୀଳ ଲହରୀ କୂଳରେ" । ପାରିଲେ କହିବ ସ୍ନେହ--ସେ କିଏ ?

ମନ ଗହନର ରାଣୀ ମୋର ! ଯେତିକି ଆଗକୁ ଲେଖୁଛି ସେତିକି ନିଜକୁ ଛୋଟ ବୋଲି ଭାବୁଛି । ସେଦିନ ତମ ଚିଠି ପଢ଼ି

ଶେଷ ଆଠ—

ମୁଁ ଯାହା ଭାବୁଥିଲି—ଆଜି ମୋ ଚିଠି ପଢି ତମ ମନରେ ସେଇଆ ଜାଗ୍ରତ ହେଉଥିବ । ପାରିଲେ, ମତେ କ୍ଷମାଦେବ । ଆଜି ଏଇ ପରିବେଶରେ ମୁଁ ଭାବୁଛି ଗ୍ରେଟା ରବର୍ଟସନ ଓ ନର୍ତ୍ତକୀ ଲୁସିଆନାର କାହାଣୀ—ଦୁହେଁ ତ ପୁଣି ଏକାକାର ! ଜଣକର ବିଷ କୋମଳ, ଅନ୍ୟ ଜଣକର ତୀବ୍ର—ହେଲେ ଦଂଶନ ଜ୍ୱାଳା ଏକ ପ୍ରକାରର । ଏମାନେ ଜଳରୁ ବାହାରି ଦଂଶନ କରନ୍ତି, ନିଜର ବିଷ କ୍ଷୟ କରିବା-ପାଇଁ । ସେଇଥିରେ ସେମାନଙ୍କର ଆନନ୍ଦ । ପୁଣି ସେମାନେ ଫେରିଯା'ନ୍ତି ନିଜ ଗଣ୍ଡିକୁ ଅକ୍ଷତ ଶରୀର ନେଇ । ଏମାନଙ୍କର ମୂଲ୍ୟ ଯାଇନି—ଏଠିକାର ସମାଜ ଯୁଆଙ୍କୁ ବି ମୂଲ୍ୟ ଦେଇ ଶିଖିଚି । ଏଇ ଅଳ୍ପଦିନ ମଧ୍ୟରେ, ମାତ୍ର ଦୁଇଜଣ ନୁହେଁ—ବିଭିନ୍ନ ପରିବେଶ ମଧ୍ୟରୁ ଅନେକଙ୍କୁ ଭେଟିଲି । ଏମାନେ ସମସ୍ତେ ଏବେ ଉଡ଼ନ୍ତା ପକ୍ଷୀ—କିନ୍ତୁ ନିରାଶ କେହି ନୁହନ୍ତି—ସମସ୍ତେ ଆଶାବାଦୀ । ସମସ୍ତଙ୍କ ପାଇଁ ଅଛି ମାତୃତ୍ୱର ପବିତ୍ର ଆସନ—କେବଳ ସମୟ ଓ ସୁଯୋଗଂରେ— ।

× × ×

ତମର ସବୁ ଚିଠିଗୁଡ଼ିକ ମନୋନିବେଶ କରି ପଢ଼ି ଦେଖିଛି—ମନ ଦରବାରରେ ତମକୁ ଅଭିଯୁକ୍ତା ଆସାମୀ କରି କାଠଗଡ଼ାରେ ଠିଆ କରିଛି । ନିଜେ ବିଚାରକର ଆସନରେ ବସି ତମର ଅକାଟ୍ୟ ଯୁକ୍ତିକୁ ଖଣ୍ଡନ କରିଛି, ମୋର ସବୁ ବୁଦ୍ଧି, ବିବେକ ଓ ଅନୁଭୂତି ସାହାଯ୍ୟରେ । ମୋର ବିଚାରର ରାୟ ସ୍ଥିର କଲିନି, ତଥାପି ମନ କହେ ତମେ ନିର୍ଦ୍ଦୋଷ—ମନ କହେ, ବିଚାରକର ଆସନରୁ ଓହ୍ଲାଇ ଆସି ତମକୁ ମୁଁ ଗାଢ଼ ଆଲିଙ୍ଗନ କରନ୍ତି—କହନ୍ତି "ସ୍ନେହଲତା

ମୋର ! ମୋର ରୁକ୍ଷତା ପାଇଁ କଅଣ କ୍ଷମା ଦେବନି ? ଯାହା କଷ୍ଟ ଦେଉଛି, ତା ଦେଉଛି କେବଳ କଠୋର ଆଇନର ନିଗଡ଼ ମଧ୍ୟରେ- ସେଥିପାଇଁ ମୁଁ ଅନୁତପ୍ତ ।” ମୋର ଶେଷ ନିଷ୍ପତ୍ତିର ସନ୍ଧାନ କରିବାରେ ଜାଣେନା କେତେବେଳେ ତନ୍ଦ୍ରା ଘୋଟି ଆସିଥିଲା । ସେଇ ଅର୍ଦ୍ଧଚେତନ ଅବସ୍ଥାରେ ମୁଁ ପାଲ ମେଲେଇ ଦେଉଛି ସ୍ୱଦେଶର ନୀଳ ଲହରୀ କୂଳକୁ—କିନ୍ତୁ କୂଳରେ ପାଇଲି ନାହିଁ ତମକୁ, ତା ପରିବର୍ତ୍ତେ ପାଇଲି ଗୋଟାଏ ବିକଟ ସାମାଜିକ ପ୍ରତିମୂର୍ତ୍ତି— ମତେ ବାଧା ଦେଇ ସେ ଚିତ୍କାର କରୁଛି- ନାଁ ନାଁ ତା ହୋଇ ପାରେ ନା — ସ୍ନେହ ଅଲକ୍ଷଣୀ — ନାରୀତ୍ୱ ସେ ହଜାଇଛି--କଳଙ୍କରେ ତାର ଦେହ ଜର୍ଜ୍ଜରିତ— ତାକୁ ପୁଣି ମାତୃତ୍ୱ ଦାନ—ଅସମ୍ଭବ । ସେ ଯେଉଁଠି ଅଛି ସେଇଠି ତାର ସ୍ଥାନ—ଆଜି ଦିନ କେଇଟାରେ ତାର ରକ୍ତମାଂସରେ ପୂରିଯିବ କ୍ଷୟକାରୀ ପୋକ—ତାକୁ ସମାଜକୁ ନେଲେ ଆମେ ବିଦ୍ରୋହ କରିବୁ, ଆମର ଅମୋଘ ଅସ୍ତ୍ର—କଳଙ୍କ ରଟନା । ଲଜ୍ଜାରେ ସୁଧୀରଞ୍ଜନ ମଥା ଟେକି ପାରିବ ତ ? ନର୍ତ୍ତକୀର ସ୍ୱାମୀ ବୋଲିରେ ସମାଜରେ ମୁଣ୍ଡ ଟେକି ପାରିବ ତ ? ଯଦି ସେ ସାହାସ ଅଛି, ତା’ହେଲେ ଆସ ଫେରି ଦେଶକୁ । ଆମେ ବି ଦେଖିବୁ କିମିତି ତମେ ସମାଜ-ମଙ୍ଗଳ ଶିକ୍ଷା ଦେବ । ଆମ ସମାଜର ମଙ୍ଗଳ ଦରକାର ନାହିଁ--ଆମେ ଚାହୁଁ ଅଭିନେତ୍ରୀର ନୃତ୍ୟ । ସ୍ନେହ ମରୁ--ମରନ୍ତୁ ତା ସାଥିରେ ଯେତେ ଝିଅ--ଆମେ ଆହୁରି ପତିତା, ଆହୁରି କଳଙ୍କିନୀ ନୂଆକରି ପେଲିଦେବୁ ସେହି ଅନ୍ଧକୂପ ଭିତରକୁ········

ତନ୍ଦ୍ରା ଭାଙ୍ଗିଛି--ରାତି ପ୍ରାୟ ଶେଷ ହୋଇ ଆସୁଛି--ପୂର୍ବ ଗଗନରେ ତେଜସ୍ୱୀନ ରକ୍ତାକ୍ତ ଆଭା । ଦିନନାଥଙ୍କୁ ସାକ୍ଷୀ ରଖି ତାଙ୍କରି ପୂତ ପବିତ୍ର ନାମରେ ମୁଁ ଶପଥ କରୁଛି—ସ୍ନେହ ! ତମେ

ଶେଷ ଦଶ—

ଅପେକ୍ଷା କର--ମୁଁ ଫେରି ଆସିବ ତମ ପାଖକୁ । ମୋର ସବୁ କିଛି ଦେଇ ତମକୁ ପାଣ୍ଲେଟି ନେବ ଶୁଭ ଶଙ୍ଖଧ୍ୱନୀ ମଧ୍ୟରେ·····

ଓ୍ୱେନଜରସ୍ ହଷ୍ଟେଲ
କାଲିଫର୍ଣ୍ଣିଆ
ତା ୨ । ୯ । ୫୮

ତମର ଆଦରର
**ସୁଧୀରଞ୍ଜନ**

ଗଣପ୍ରକାଶନୀ ପ୍ରେସରେ ଶ୍ରୀ ତାରାପଦ ନନ୍ଦଙ୍କ ଦ୍ୱାରା ମୁଦ୍ରିତ
ଚଣ୍ଡୀରୋଡ଼, କଟକ